ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.270 Bhubaneswar Thursday December 15 2022 | ୨୫ତମ ବର୍ଷ ସଂଖ୍ୟା–୨୭୦ ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୧୫, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## ହାଇକୋର୍ଟ ବେଞ୍ଚ ଦାବିରେ ପୂର୍ଣ୍ଣଚ୍ଛେଦ: ବିଜେଡି ସରକାର ଓ ରାଜନୀତିକ ଦଳ ଆଶ୍ୱସ୍ତ



ଭୁବନେଶ୍ୱର,୧୪।୧୨(ପି.ଏନ) : ଦୀର୍ଘ ଦଶନ୍ଧି ଧରି ହାଇକୋର୍ଟ ସ୍ଥାୟୀ ବେଂଚ୍ ସ୍ଥାପନ ପାଇଁ ଚାଲିଥିବା ଆନ୍ଦୋଳନ, ବିବାଦ, ରାଜନୀତିକ ଛକାପଞ୍ଝା ଓ କେନ୍ଦ୍ର-ରାଜ୍ୟ ମଧ୍ୟରେ ପରସ୍ପରକୁ ଦୋଷାରୋପ ଆଦିରେ ଆଜି ପୂର୍ଣ୍ଣଚ୍ଛେଦ ପଡିଛି । ଏପରିକି କଟକରୁ ହାଇକୋର୍ଟ ସ୍ଥାନାନ୍ତର ପାଇଁ ହେଉଥିବା ଦାବି ଉପରେ ମଧ୍ୟ ସୁପ୍ରିମକୋର୍ଟ ଅଙ୍କୁଶ ଲଗାଇଛନ୍ତି । ସୁପ୍ରିମକୋର୍ଟଙ୍କ ଏହି ଐତିହାସିକ ନିଷ୍ପତ୍ତି ଦ୍ୱାରା ଓଡିଶାର ବିଭିନ୍ନ ଭାଗରେ ହେଉଥିବା ହାଇକୋର୍ଟ ସ୍ଥାୟୀ ବେଂଚ୍ ସ୍ଥାପନ ଦାବି ସହ ହାଇକୋର୍ଟ ସ୍ଥାନାନ୍ତର ଦାବି ଉପରେ ପୂର୍ଣ୍ଣଚ୍ଛେଦ ପଡିଛି । ନିର୍ବାଚନ ସମୟରେ ହାଇକୋର୍ଟ ସ୍ଥାୟୀ ବେଂଚ୍ ସ୍ଥାପନ ପ୍ରସଙ୍ଗ ରାଜନୀତିକ ଦଳଗୁଡିକ ବିଶେଷକରି ଶାସକ ବିଜେଡି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରୁଥିଲା ।ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ସଞ୍ଜୟ କିଶାନ କୌଲ ଓ ଜଷ୍ଟିସ ଅଭୟ ଏସ୍ ଓକାଙ୍କ ଖଣ୍ଡପୀଠ ଆଜି ହାଇକୋର୍ଟ ବେଂଚ୍ ସ୍ଥାପନ ପ୍ରସଙ୍ଗ ଦାବି ଓ ସମ୍ଭାବନା ଉପରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ଖଣ୍ଡପୀଠ କଠୋର ଆଭିମୁଖ୍ୟ ପୋଷଣ କରି କହିଛନ୍ତି ଯେ, ହାଇକୋର୍ଟ ସ୍ଥାୟୀ ବେଂଚ୍ ସ୍ଥାପନର ବାରମ୍ବାର ଦାବି ହିଂସା ପାଇଁ ପ୍ରୋତ୍ସାହିତ କରୁଛି । ବର୍ତ୍ତମାନର ଟେକ୍ନୋଲୋଜି ସହାୟତାରେ ଓଡିଶାର ଯେକୌଣସି ଜିଲ୍ଲା କୋର୍ଟରେ ରହି ଜଣେ ଓଡିଶା ହାଇକୋର୍ଟରେ କେସ୍ ଫାଇଲ କରିବା ସହ ହାଜର ମଧ୍ୟ ହୋଇପାରିବ ।ଓଡିଶା ହାଇକୋର୍ଟଙ୍କ ଦ୍ୱାରା ଏଭଳି ଇ-କୋର୍ଟର ଇକୋସିଷ୍ଟମ ମଧ୍ୟ ସୃଷ୍ଟି ହୋଇଛି । ତେଣୁ ସ୍ଥାୟୀ ବେଂଚ୍‌ର ଆବଶ୍ୟକତା ନାହିଁ । ଏହାସହିତ ଖଣ୍ଡପୀଠ ଆଜି ଆବେଦନକାରୀଙ୍କ ଓକିଲ ଅରବିନ୍ଦ ପି ଦତ୍ତାରଙ୍କ ପ୍ରସ୍ତାବକୁ ଗ୍ରହଣ କରି ପ୍ରତ୍ୟେକ ଜିଲ୍ଲା କୋର୍ଟରେ ଭିଡିଓ କନଫରେନ୍ସିଂ ସୁବିଧା ସହ ଗୋଟିଏ ରୁମ୍ ଓ ଏହାକୁ ଲାଗି ଗୋଟିଏ ଅଫିସ୍ ରହିଲେ ଯେକୌଣସି ମାମଲାରେ ଇ-ଫାଇଲିଂ ସୁବିଧା ମିଳିପାରିବ ତଥା ଆସନ୍ତା ୩ମାସ ମଧ୍ୟରେ ଏହି ସୁବିଧା ପ୍ରତ୍ୟେକ ଜିଲ୍ଲା କୋର୍ଟରେ କରିବା ପାଇଁ ମଧ୍ୟ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ରାୟ ଓଡିଶାର ବିଭିନ୍ନ ଭାଗରେ ହାଇକୋର୍ଟ ସ୍ଥାୟୀ ବେଂଚ୍ ସ୍ଥାପନ ଓସୁପ୍ରିମକୋର୍ଟଙ୍କ ଦୁଇଜଣିଆ ଖଣ୍ଡପୀଠ ଆବେଦନକାରୀଙ୍କ ଓକିଲ ଶ୍ରୀ ଦତ୍ତାଙ୍କ ଅନୁରୋଧକୁ ସ୍ୱୀକାର କରି ଭବିଷ୍ୟତରେ ହାଇକୋର୍ଟଙ୍କ ନୂଆ ବେଂଚ୍ ସ୍ଥାପନ ଭଳି ଦାବିର କୌଣସି ସମ୍ଭାବନା ନଥିବା ସ୍ପଷ୍ଟ କରିଛନ୍ତି । ଆବେଦନକାରୀଙ୍କ ଓକିଲ ଶ୍ରୀ ଦତ୍ତାର ଆଶଙ୍କା ବ୍ୟକ୍ତ କରି କହିଥିଲେ, ଯେପର୍ଯ୍ୟନ୍ତ ସର୍ବୋଚ୍ଚ କୋର୍ଟ ନିଜର ନ୍ୟାୟିକ ରାୟ ମାଧ୍ୟମରେ ହାଇକୋର୍ଟ ବେଂଚ୍ ସ୍ଥାପନ ଦାବିକୁ ନେଇ ସ୍ପଷ୍ଟ ଆଭିମୁଖ୍ୟ ପୋଷଣ ନକରିବେ, ତା'ହେଲେ ଦିନେନାଦିନେ ଏହି ବେଂଚ୍ ସ୍ଥାପନାର ସମ୍ଭାବନା ରହିବ ବୋଲି ଆନ୍ଦୋଳନରତ ଓକିଲମାନଙ୍କ ମଧ୍ୟରେ ଆଶା ବଂଚ଼ିକି ରହିବ । କାରଣ ସମ୍ବଲପୁର ସମେତ ବାଲେଶ୍ୱର, ରାଉରକେଲା, କୋରାପୁଟ ଓ ବଲାଙ୍ଗିର ବାର ଆସୋସିଏସନ୍ ପକ୍ଷରୁ ମଧ୍ୟ ହାଇକୋର୍ଟ ସ୍ଥାୟୀ ସ୍ଥାପନ ପାଇଁ ଦାବି ହେଉଛି ବୋଲି ଆବେଦନକାରୀଙ୍କ ଓକିଲ ଯୁକ୍ତି ବା?ଥିଲେ । ଯାହାକୁ ଖଣ୍ଡପୀଠ ସ୍ୱୀକାର କରି ନୂଆ ବେଂଚ୍ ସ୍ଥାପନର କୌଣସି ସମ୍ଭାବନା ନାହିଁ ବୋଲି ସ୍ପଷ୍ଟ ରାୟ ଦେଇଛନ୍ତି । ଆଉ ଏହା ଏବେ କାର୍ଯ୍ୟକାରିତାର ପ୍ରସଙ୍ଗ ନୁହେଁ ବରଂ ସମ୍ମାନର ପ୍ରସଙ୍ଗ ପାଲଟିଛି । ବେଂଚ୍ କମିଟି ରିପୋର୍ଟ-୧୯୮୧ ର ସୁପାରିଶ ଆଧାରରେ ଏବେ କେଉଁଠି ବି ବେଂଚ୍ ସ୍ଥାପନର ପ୍ରଶ୍ନ ଉଠୁନି ବୋଲି ଖଣ୍ଡପୀଠ କହିଛନ୍ତି ।କେବଳ ସେତିକି ନୁହେଁ ଖଣ୍ଡପୀଠ କଠୋର ଆଭିମୁଖ୍ୟ ପୋଷଣ କରି ସମ୍ବଲପୁରରେ ବେଂଚ୍ ସ୍ଥାପନ ନହେଲେ ଆନ୍ଦୋଳନକୁ ପ୍ରତ୍ୟାହାର କରାଯିନି ବୋଲି କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜାରି ସଂକଳ୍ପକୁ ମଧ୍ୟ ରୋକଠୋକ୍ ଖାରଜ କରି ଆନ୍ଦୋଳନକୁ ନିଃସର୍ତ୍ତ ପ୍ରତ୍ୟାହାର କରିବାକୁ କ୍ରିୟାନୁଷ୍ଠାନ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି । ଖଣ୍ଡପୀଠ ତାଙ୍କ ରାୟରେ କହିଛନ୍ତି ଯେ, କଟକରୁ ଭୁବନେଶ୍ୱରକୁ ହାଇକୋର୍ଟକୁ ସ୍ଥାନାନ୍ତ କରିବା ନିମନ୍ତେ ଭୁବନେଶ୍ୱର ବାର ଆସୋସିଏନ୍ ଦାବି କରୁଛି । ତେଣୁ ସ୍ୱାଭାବିକ ଭାବେ କଟକ ବାର ଆସୋସିଏସନ୍ ଏହାକୁ ବିରୋଧ କରିବ । ହାଇକୋର୍ଟ ସ୍ଥାନାନ୍ତର ଅବା ନୂଆ ବେଂଚ୍ ସ୍ଥାପନ ହେଉଛି ଏକ ଗୁରୁତ୍ୱର ପ୍ରଶାସନିକ ପ୍ରସଙ୍ଗ, ଯାହାକି ଏଭଳି ମନଇଚ୍ଛା ଦାବି ମାଧ୍ୟମରେ ପୂରଣ ହୋଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି । ସୁପ୍ରିମକୋର୍ଟଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ରାଜ୍ୟରେ ଦୀର୍ଘ ଦଶନ୍ଧି ଧରି ବିଭିନ୍ନ ଭାଗରେ ଚାଲିଥିବା ହାଇକୋର୍ଟ ବେଂଚ୍ ସ୍ଥାପନ ଦାବିର ଅନ୍ତ ଘଟାଇଛି । ଆଉ ଏହା ପ୍ରତ୍ୟକ୍ଷ ଭାବେ ରାଜ୍ୟର ପ୍ରମୁଖ ରାଜନୀତିକ ଦଳ ଓ ସରକାରଙ୍କ ପାଇଁ ଆଶ୍ୱସ୍ତି ଆଣିଦେଇଛି ।ସୂଚ଼ନାଯୋଗ୍ୟ, ଆବେଦନକାରୀ ମେସର୍ସ ପିଏଲଆର ପ୍ରୋଜେକ୍ଟସ ପ୍ରାଃ ଲିଃ ବନାମ ମହାନଦୀ କୋଲ ଫିଲଡ୍ ଲିଃର ମାମଲାରେ ସୁପ୍ରିମକୋର୍ଟ ଏହି ଐତିହାସିକ ରାୟ ଦେଇଛନ୍ତି । ହାଇକୋର୍ଟ ସ୍ଥାନାନ୍ତର ପାଇଁ ହୋଇ ଆସୁଥିବା ଦାବି ଉପରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ପଡିଛି ।

## ଶକ୍ତି ସଂରକ୍ଷଣ କରିବାକୁ ସଂକଳ୍ପ ନେବାକୁ ଆହ୍ୱାନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୪।୧୨(ପି.ଏନ): ଶକ୍ତି ସଂରକ୍ଷଣ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶକ୍ତି ସଂରକ୍ଷଣ ପାଇଁ ସଂକଳ୍ପ ନେବାକୁ ଆହ୍ୱାନ କରିଛନ୍ତି ।ସେ ଟ୍ୱିଟ କରି କହିଛନ୍ତି ଯେ – ଏକ ଧାରଣକ୍ଷମ ବିକାଶର ଶକ୍ତିଶାଳୀ ମୂଳଦୁଆ ପାଇଁ ଶକ୍ତି ସଂରକ୍ଷଣ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ରାଷ୍ଟ୍ରୀୟ ଶକ୍ତି ସଂରକ୍ଷଣ ଦିବସରେ ଆମେ ଯେପରି ଶକ୍ତିକୁ ସଠିକ ବିନିଯୋଗ କରିବା ସହ ଏହାର କିପରି ଅପଚୟ ନ ହେବ ତଥା ଶକ୍ତି ସଂରକ୍ଷଣର ଗୁରୁତ୍ୱ ସମ୍ପର୍କରେ ଲୋକ ମାନଙ୍କୁ ସଚେତନ କରାଇବାକୁ ଆସନ୍ତୁ ସଂକଳ୍ପ ନେବା ।

## ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ଉପରେ ହେବ କଡା କାର୍ଯ୍ୟାନୁଷ୍ଠାନ : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୧୪।୧୨(ପି.ଏନ): ସମସ୍ତ ରାଜସ୍ୱ ଆୟୁକ୍ତ ଓ ଜିଲ୍ଲାପାଳମାନେ ପ୍ରତ୍ୟେକ ଦିନ ମୋ ସରକାର ମାଧ୍ୟମରେ ଲୋକଙ୍କ ସହ କଥା ହୋଇ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବେ। ଲୋକଙ୍କଠୁ ଉତ୍କୋଚ ନେଲେ, ଲୋକଙ୍କୁ ଖରାପ ବ୍ୟବହାର କଲେ ଓ କାର୍ଯ୍ୟରେ ଅବହେଳା କଲେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ପାଇଁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀମତୀ ପ୍ରମିଳା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବୁଧବାର ପଡା ଗ୍ରାମରୁ ନୂତନ ଗ୍ରାମ, ନୂଆ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ମୋ ସରକାରର ଅନ୍ତର୍ଗତ ସମସ୍ତ ସେବା ପ୍ରଦାନ ସମ୍ବନ୍ଧରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସମସ୍ତ ଡିଭିଜନର ଡିଭିଜନର ରାଜସ୍ୱ ଆୟୁକ୍ତ, ବିଭାଗର ବରିଷ୍ଠ ଅଧିକାରୀ, ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳମାନେ ଯୋଗ ଦେଇଥିଲେ । ଏହି ବୈଠକରେ ବିଭାଗୀୟ ଅଧିକାରୀ ପଡା ଗ୍ରାମରୁ ନୂତନ ଗ୍ରାମ ସୃଷ୍ଟି ପାଇଁ ନିର୍ଗମନ ହୋଇଥିବା ବିଭିନ୍ନ ବିଜ୍ଞପ୍ତି ଉପରେ ଆଲୋକପାତ କରିଥିଲେ। ୨୦୨୧ ମସିହାରେ ହୋଇଥିବା ବିଜ୍ଞପ୍ତିରେ ପଡା ଗ୍ରାମରେ ୨୫୦ ରୁ କମ ଲୋକ ଥିଲେ ମଧ୍ୟ ରାଜସ୍ୱ ଗ୍ରାମ ଓ ପଡା ଗ୍ରାମ ମଧ୍ୟରେ ଗମନାଗମନରେ କୌଣସି ପ୍ରାକୃତିକ ପ୍ରତିବନ୍ଧକ ଥିଲେ, ପଡା ଗ୍ରାମକୁ ରାଜସ୍ୱ ଗ୍ରାମ ଘୋଷଣା ପାଇଁ ବିଚାର କରାଯାଇପାରିବାର ବ୍ୟବସ୍ଥା ରହିଛି । ସେହିପରି ପଡା ଗ୍ରାମଟି ରାଜସ୍ୱ ଗ୍ରାମର ୫୦୦ ମିଟର ଦୂରତା ମଧ୍ୟରେ ଥିଲେ ମଧ୍ୟ, ପଡା ଗ୍ରାମର ଲୋକସଂଖ୍ୟା ୩୦୦ରୁ ଅଧିକ ହେଲେ, ସେହି ପଡା ଗ୍ରାମକୁ ରାଜସ୍ୱ ଗ୍ରାମ ହେବାପାଇଁ ଜିଲ୍ଲାପାଳ ପ୍ରସ୍ତାବ ପଠାଇପାରିବେ। ପଡାଗ୍ରାମଟିର ଲୋକସଂଖ୍ୟା ୨୫୦ ରୁ ଅଧିକ ହୋଇ ରାଜସ୍ୱ ଗ୍ରାମରୁ ଦୂରତା ୫୦୦ ମିଟରରୁ ଅଧିକ ହେଲେ, ସେହି ପଡ଼ା ଗ୍ରାମ ମଧ୍ୟ ରାଜସ୍ୱ ଗ୍ରାମ ହୋଇପାରିବ । ପଡା ଗ୍ରାମ ରାଜସ୍ୱ ଗ୍ରାମ ହେଲା ପରେ ମଧ୍ୟ ପଡା ଗ୍ରାମର ବାସିନ୍ଦାମାନେ ଆବଶ୍ୟକ ସ୍ଥଳେ ପୁରୁଣା ରାଜସ୍ୱ ଗ୍ରାମର ଗୋଚର ଓ ସର୍ବସାଧାରଣ ଜାଗା ଯଥା ଶ୍ମଶାନ ଆଦି ବ୍ୟବହାର କରିପାରିବେ ।ମନ୍ତ୍ରୀ ସମସ୍ତ ଜିଲ୍ଲାପାଳମାନଙ୍କୁ ଏହିପରି ନୂତନ ଗ୍ରାମର ପ୍ରସ୍ତାବ ଫେବୃଆରୀ ୧୫ ତାରିଖ ସୁଦ୍ଧା ଭୂ-ଅଭିଲେଖ ଓ ସର୍ବେକ୍ଷଣ ସଂସ୍ଥାର ନିର୍ଦ୍ଦେଶକଙ୍କ ନିକଟକୁ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

## ଲାଂଚ଼ ନେଇ ଧରାପଡିଲେ ବେଗୁନିଆ ତହସିଲଦାର

ଭୁବନେଶ୍ୱର,୧୪।୧୨(ପି.ଏନ) : ଲାଂଚ଼ ନେବାବେଳେ ରାଜ୍ୟ ଭିଜିଲାନ୍ସ ହାତରେ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ ଧରାପଡିଛନ୍ତି । ତାଙ୍କ ନିକଟରୁ ନଗଦ ୪୫ହଜାର ଟଙ୍କାର ଲାଂଚ଼ ଟଙ୍କା ଜବତ କରାଯାଇଛି । ତାଙ୍କ ନାଁରେ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି ।ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚ଼ନା ଅନୁସାରେ, ଭୁବନେଶ୍ୱରର କଳିଙ୍ଗ ବିହାରସ୍ଥିତ ନିଜ ବାସଭବନ ଆଗରେ ବେଗୁନିଆ ତହସିଲଦାର ତଥା ସବରେଜିଷ୍ଟ୍ରାର ଶ୍ରୀ ମଣ୍ଡଳ ୪୫ହଜାର ଟଙ୍କା ଲାଂଚ଼ ନେବା ସମୟରେ ଭିଜିଲାନ୍ସ ତାଙ୍କୁ ଧରିଥିଲା । ତାଙ୍କଠୁ ସମ୍ପୂର୍ଣ୍ଣ ଲାଂଚ଼ ଟଙ୍କା ଜବତ କରାଯାଇଛି । କେମିକାଲରେ ତାଙ୍କ ହାତ ଧୂଆ ଯାଇ ସେ ଲାଂଚ଼ ଟଙ୍କା ଧରିଥିବାର ପ୍ରମାଣ ମିଳିଛି । ଜଣେ ଅଭିଯୋଗକାରୀଙ୍କ ସୂଚ଼ନା ଆଧାରରେ ଭିଜିଲାନ୍ସ ତାଙ୍କୁ ଧରିବା ପାଇଁ ଜାଲ ବିଛାଇ ସଫଳ ହୋଇଛି ।

ପର୍ଯ୍ୟବେକ୍ଷକ PARYABEKHYAK THE KALINGA CHRONICLE
Daily Edition: R.N.I. No: ODIENG/2013/52530
Popular People's Daily of Odisha

WANTED

People's Odia Daily PARYABEKHYAK and English Daily The KALINGA CHRONICLE needs Accountants-Cum Office Assistant, DTP Operators, Layout Designer, Visuals Editors and Advertisement Executives for Bhubaneswar office

Also Reporters/Correspondents Required at the BLOCK / TAHASIL / SUBDIVISION / DISTRICT LEVEL of ODISHA

Experienced Candidates may send their CV to the following contacts No:

9437588705(Whatapp)

Email:editorpbkc@gmail.com

## ଶିମିଳିପାଳ ହାତୀ ଶୀକାର ଓ ପୋଡା ମାମଲାରେ ତିନି ବନ କର୍ମଚାରୀ ଗିରଫ

ଭୁବନେଶ୍ୱର, ୧୪।୧୨(ପି.ଏନ): ମୟୂରଭଞ୍ଜ ଶିମିଳିପାଳ ଅଭୟାରଣ୍ୟ ଜେନାବିଲ ରେଞ୍ଜରେ ହାତୀଶୀକାର ଓ ପରେ ହାତୀ ପୋଡା ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପୂର୍ବରୁ ନିଲମ୍ବିତ କରାଯାଇଥିବା ୩ ଜଣ ବନ କର୍ମଚାରୀଙ୍କୁ ଗିରଫ କରାଯାଇଛି । ଯେଉଁ ବନ କର୍ମଚାରୀ ମାନଙ୍କୁ ଗିରଫ କରାଯାଇଛି ସେମାନେ ହେଲେ ଜେନାବିଲ ରେଞ୍ଜ ଇନଚାର୍ଜ୍ୟ ଶିବଶଙ୍କର ସାମଲ, ଫରେଷ୍ଟର ଚନ୍ଦ୍ରଭାନୁ ବେହେରା ଓ ଫରେଷ୍ଟ ଗାର୍ଡ ବିନୋଦ କୁମାର ଦାସ । ଗତ ୭ ତାରିଖରେ ଶିମିଳିପାଳରେ ହାତୀ ମୃତ୍ୟୁ ନେଇ ଖବର ଆସିଥିଲା । ଜେନାବିଲରେ ୫୦ ଜଣିଆ ଯାଂଚ ଦଳ ଗଠନ କରି ଏଠାରେ ଖୋଜାଖୋଜି ପରେ କୌଣସି ପ୍ରତ୍ୟକ୍ଷ ପ୍ରମାଣ ମିଳିନଥିଲା । ସ୍ଥାନୀୟ ବନ କର୍ମଚାରୀଙ୍କୁ ଜେରା ପରେ ହାତୀ ମୃତ୍ୟୁ ଘଟଣା ଘଟିଥିବା ନେଇ ସୁରାକ୍ ମିଳିଥିଲା । କାର୍ଯ୍ୟାନୁଷ୍ଠାନ ଭୟରେ ବନ କର୍ମଚାରୀ ମୃତ ହାତୀକୁ ପୋଡ଼ିଥିବା ଜଣାପଡ଼ିଥିଲା ।ହାତୀକୁ ପୋଡ଼ିବା ପରେ ରହି ଯାଇଥିବା ଦେହାବଶେଷକୁ ନିକଟରେ ଥିବା ଏକ ଜଳ ପ୍ରପାତରେ ପକାଇଥିଲେ । ଏହି ଖବର ଜଣାପଡିବା ପରେ ୩ ଜଣ ବନ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଥିଲା ।

## ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସଂସ୍କୃତ ବିଭାଗ ପକ୍ଷରୁ ଜାତୀୟ ଆଲୋଚ଼ନାଚ଼କ୍ର ଉଦ୍‌ଘାଟିତ




ଭୁବନେଶ୍ୱର,୧୪।୧୨(ପି.ଏନ) :ସଂସ୍କୃତ ବିଭାଗ ପକ୍ଷରୁ ଏକ ଜାତୀୟ ଚ଼କ୍ର ଉଦ୍ ଘାଟିତ । ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସଂସ୍କୃତ ବିଭାଗ ପକ୍ଷରୁ ଏକ ଜାତୀୟ ଆଲୋଚ଼ନା ଚ଼କ୍ର ଉଦ୍‌ଘାଟିତ ହୋଇଅଛି। ଏହି ଆଲୋଚ଼ନା ଚ଼କ୍ରରେ ମହାବିଦ୍ୟାଳୟରେ ଡଃ ମନୋଜ କୁମାର ଦାସ ମହୋଦୟ ପ୍ରଦୀପ ପ୍ରଜ୍ୱଳନ କରିବା ସହ, ସଭାକାର୍ଯ୍ୟକୁ ସଂମ୍ପାଦନା କରିଥିଲେ। ଏବଂ ଉଦ୍ ବୋଧନ ଦେଇ କହିଲେ ଯେ, ଦର୍ଶନ ଶାସ୍ତ୍ର ଦ୍ୱାରା ମାନବ ସମାଜକୁ ଶୃଙ୍ଖଳିତ କରିବା ସହ ସୁପଥଗାମୀ ମଧ୍ୟ କରିଥାଏ, ଏହା ଦ୍ୱାରା ସୁସ୍ଥ କଲ୍ୟାଣକାରୀ ସମାଜ ଗଢି ଉଠିବ ଉକ୍ତ ଆଲୋଚ଼ନା ଚ଼କ୍ରରେ ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସଂସ୍କୃତ ବିଭାଗର ମୁଖ୍ୟ ଡଃ ମନୋରଞ୍ଜନ ସେନାପତି ମହୋଦୟା ଦାର୍ଶନିକ ପରମ୍ପରା ଉପରେ ଏକ ସୁନ୍ଦର ଉଦ୍ ବୋଧନ ଦେଇଥିଲେ। ଦର୍ଶନ ଶାସ୍ତ୍ର ଦ୍ୱାରା ମାନବ ସମାଜ ସୁଖମୟ ହୋଇଉଠିବା, ଏବଂ ଛାତ୍ର ଛାତ୍ରୀମାନଙ୍କ ମଙ୍ଗଳକାମନା କରିଥିଲେ, ବିଭାଗର ମୁଖ୍ୟା ସାଗରିକା ମହାପାତ୍ର ମହୋଦୟ ସଭାକାର୍ଯ୍ୟକୁ ସଞ୍ଚାଳନ କରିଥିଲେ, ଅଧ୍ୟାପକ ଡଃ ଶ୍ୟାମସୁନ୍ଦର ବେହେରା ମହୋଦୟ ଏବଂ ସମସ୍ତ ବିଭାଗୀୟ ଛାତ୍ର ଛାତ୍ରୀମାନ ଉପସ୍ଥିତ ଥିଲେ। ଅଧ୍ୟାପକା ଗୀତାଞ୍ଜଳି ମହୋଦୟା ଧନ୍ୟବାଦ ଅର୍ପଣ କରିଥିଲେ।

## ହାରାହାରି ସମ୍ପତ୍ତି ୪.୪୧ କୋଟି: ବିଧାନସଭା ଚ଼ାଲୁନି, ତଥାପି ଦରମା ବୃଦ୍ଧି ପାଇଁ ସଜବାଜ



ଭୁବନେଶ୍ୱର,୧୪।୧୨(ପି.ଏନ): ଓଡିଶା ବିଧାନସଭାର ସଦସ୍ୟମାନଙ୍କ ଦରମା ଓ ଭତ୍ତା ବୃଦ୍ଧି ନିମନ୍ତେ କାର୍ଯ୍ୟପରାମର୍ଶଦାତା କମିଟି ସୁପାରିଶ କରିବା ତଥା ଗତ ୧୧ବର୍ଷ ମଧ୍ୟରେ ତୃତୀୟ ଥର ପାଇଁ ବିଧାୟକମାନଙ୍କ ଦରମା ବୃଦ୍ଧି ନିମନ୍ତେ ପ୍ରକ୍ରିୟା ଆରମ୍ଭ ହେବାକୁ ନେଇ ବିଭିନ୍ନ ମହଲରେ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏପରିକି ରାଜ୍ୟର ବିଭିନ୍ନ ବର୍ଗର କର୍ମଚ଼ାରୀମାନେ ବର୍ଷତମାମ ପରିଶ୍ରମ କରି ନିଜର ହକ୍ ବା ନ୍ୟାଯ୍ୟ ଦରମା ପାଉନଥିବାବେଳେ ରାଜ୍ୟର ଏହି ଆଇନ ପ୍ରଣେତା ବିଧାୟକମାନେ ଓଡିଶା ବିଧାନସଭାର କାର୍ଯ୍ୟ ପରିଚ଼ାଳନା ନିୟାମବଳୀର ଧାରା ୧୧କୁ ଖୋଲାଖୋଲି ଉଲ୍ଲଘଂନ କରି ବର୍ଷକୁ ସର୍ବନିମ୍ନ ୬୦ଦିନ ଗୃହ(ଅଧିବେଶନ)କୁ ଚ଼ଳାଇ ଦେଉନଥିଲେ ବି ପ୍ରତି ସାଧାରଣ ନିର୍ବାଚ଼ନ ପୂର୍ବରୁ ନିଜର ଦରମା ଓ ଭତ୍ତାକୁ ବୃଦ୍ଧି କରାଇବା ଦିଗରେ ପଦକ୍ଷେପ ନେବା କେତେଦୂର ଯୁକ୍ତିଯୁକ୍ତ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ନିଜର ହାତପାଣ୍ଠିକୁ ୩କୋଟି ଟଙ୍କାକୁ ବୃଦ୍ଧି କରିସାରିଥିବା ଷୋଡଶ ଓଡିଶା ବିଧାନସଭା (୨୦୧୯ରେ ନିର୍ବାଚ଼ିତ ସଦସ୍ୟ)ର ବିଧାୟକମାନଙ୍କ ହାରାହାରି ସମ୍ପତ୍ତି ୪.୪୧କୋଟି ଟଙ୍କା ହୋଇଥିଲେ ମଧ୍ୟ ସେମାନେ ଆସନ୍ତା ସାଧାରଣ ନିର୍ବାଚ଼ନ ପୂର୍ବରୁ ନିଜର ଦରମା ଓ ଭତ୍ତା ପରିମାଣକୁ ଅ??ଇଗୁଣ ବୃଦ୍ଧି କରିବାକୁ ପ୍ରୟାସ କରୁଥିବା ଜଣାପଡିଛି ।ମିଳିଥିବା ସୂଚ଼ନା ଅନୁସାରେ, ବିଜେଡି ବିଧାୟକ ଅମରପ୍ରସାଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଗଠିତ କାର୍ଯ୍ୟପରାମର୍ଶଦାତା କମିଟି ଗତ କିଛିଦିନ ତଳେ ବିଧାୟକମାନଙ୍କ ଦରମା ଓ ଭତ୍ତା ଏବଂ ପୂର୍ବତନ ବିଧାୟକମାନଙ୍କ ପେନସନ୍ ଓ ଭତ୍ତା ଆଦି ବୃଦ୍ଧି ନିମନ୍ତେ ବାଚ଼ସ୍ପତିଙ୍କୁ ସୁପାରିଶ କରିଛନ୍ତି । ଚ଼ଳିତ ଶୀତ ଅଧିବେଶନକୁ ନିର୍ଦ୍ଧାରିତ ୨୯ଦିନ ପୂର୍ବରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ କରାଯିବାରୁ ଏହି ଦରମା ଓ ଭତ୍ତା ବୃଦ୍ଧି ସଂକ୍ରାନ୍ତ ବିଲ୍ ବିଧାନସଭାକୁ ଆସିପାରିନଥିଲା । ଯଦିଓ ବିଧାୟକମାନଙ୍କ ଦରମା ଓ ଭତ୍ତା ବୃଦ୍ଧି ପ୍ରସ୍ତାବକୁ ଶାସକ ବିଜେଡି ସମ୍ମତି ଜଣାଇ ସାରିଥିଲା । ଦେଶର ୨୫ଟି ରାଜ୍ୟରେ ବିଧାୟକମାନେ ଦରମା ଓ ଭତ୍ତା ବାବଦରେ ପାଉଥିବା ଅର୍ଥ ଓଡିଶା ତୁଳନାରେ ଅଧିକ ବୋଲି ଯୁକ୍ତି ବା? ରାଜ୍ୟର ବିଧାୟକମାନେ ନିଜର ଦରମା ବୃଦ୍ଧି ଚ଼ାହୁଁଛନ୍ତି । ବିଜେଡି, ବିଜେପି ଓ କଂଗ୍ରେସ ସମସ୍ତେ ଏକସ୍ୱରରେ ଏହି ଦରମା ଓ ଭତ୍ତା ବୃଦ୍ଧି ଚ଼ାହୁଁଥିବାବେଳେ ତେଲେଙ୍ଗାନାରେ ସର୍ବାଧିକ ୨.୫୦ଲକ୍ଷ ଟଙ୍କା ଓ ପୁଡୁଚେରୀରେ ୧.୦୫ଲକ୍ଷ ଟଙ୍କା ଦରମା ବିଧାୟକମାନେ ପାଉଛନ୍ତି । ଅବଶ୍ୟ ବିଧାୟକମାନେ କେରଳରେ ୭୦ହଜାର, ପଶ୍ଚିମବଙ୍ଗରେ ୫୨ହଜାର ଓ ମିଜୋରାମରେ ୬୫ହଜାର ଟଙ୍କା ଦରମା ପାଉଛନ୍ତି ।ଅନ୍ୟପକ୍ଷରେ ୨୦୦୦ ମସିହାରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡିଶାରେ ସରକାର ଗଠନ ହେବା ପରଠୁ ୨୦୦୩ ମସିହାରେ ବିଧାୟକମାନଙ୍କ ଦରମା ଓ ଭତ୍ତା ୨୧୯୫୦ଟଙ୍କାକୁ ବୃଦ୍ଧି ପାଇଥିଲା । ଯାହାକି ପୁଣିଥରେ ୨୦୧୧ ମସିହାରେ ପ୍ରାୟ ୩ଗୁଣ ବୃଦ୍ଧି ପାଇ ୬୦ହଜାର ଟଙ୍କା ହୋଇଥିଲା । ଏହା ୨୦୧୮ ଏପ୍ରିଲରେ ପ୍ରାୟ ୨ଗୁଣ ବୃଦ୍ଧି ପାଇ ୧ଲକ୍ଷ ଟଙ୍କା ହୋଇଛି । ୨୦୦୪, ୨୦୧୪, ୨୦୧୯ ସାଧାରଣ ନିର୍ବାଚ଼ନ ପୂର୍ବରୁ ଓଡିଶାର ବିଧାୟକମାନଙ୍କ ଦରମା ଓ ଭତ୍ତା ବୃଦ୍ଧି ପାଇ ସାରିଥିବାବେଳେ ୨୦୨୪ ନିର୍ବାଚ଼ନକୁ ଆଖିରେ ରଖି ବିଧାୟକମାନେ ଅ??ଇ ଲକ୍ଷ ଟଙ୍କା ଦରମା ଓ ଭତ୍ତା ଦାବିକୁ ଜୋର କରିଛନ୍ତି । ଯଦିଓ ନବୀନଙ୍କ ଶାସନରେ ୨୦୦୦ ମସିହାରେ ଜଣେ ବିଧାୟକ ମୋଟ ୧୮ହଜାର ଟଙ୍କା ଦରମା ଓ ଭତ୍ତା ପାଉଥିଲେ ।ସେପଟେ ଏଡିଆର ଓ ଇଲେକ୍ସନ ୱାଚ଼ ରିପୋର୍ଟ ଅନୁସାରେ ୨୦୧୯ ବିଧାନସଭାକୁ ନିର୍ବାଚ଼ିତ ବିଧାୟକମାନଙ୍କର ହାରାହାରି ସମ୍ପତ୍ତିର ପରିମାଣ ୪.୪୧ କୋଟି ଟଙ୍କା । ଯାହାକି ୨୦୧୪ ବିଧାନସଭାରେ ୩.୨୨କୋଟି ଟଙ୍କା ଥିଲା । ୨୦୧୯ ସାଧାରଣ ନିର୍ବାଚ଼ନରେ ଷୋଡଶ ଓଡିଶା ବିଧାନସଭାକୁ ଆସିଥିବା ମୋଟ ବିଧାୟକଙ୍କ ମଧ୍ୟରୁ ୯୫ଜଣ ହେଉଛନ୍ତି କୋଟିପତି । କଂଗ୍ରେସର ୭୮ପ୍ରତିଶତ, ବିଜେଡିର ୭୧ପ୍ରତିଶତ ଓ ବିଜେପିର ୩୯ପ୍ରତିଶତ ବିଧାୟକ ହେଉଛନ୍ତି କୋଟିପତି । ଆଉ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ବିଜେଡି ବିଧାୟକମାନଙ୍କ ହାରାହାରି ସମ୍ପତ୍ତି ପରିମାଣ ୫.୦୮କୋଟି ଟଙ୍କା ଥିବାବେଳେ କଂଗ୍ରେସର ୫.୬୭କୋଟି ଟଙ୍କା ଓ ବିଜେପି ବିଧାୟକମାନଙ୍କର ୧.୦୧କୋଟି ଟଙ୍କାର ହାରାହାରି ସମ୍ପତ୍ତି ରହିଛି ।

କରୋନା ମହାମାରୀବେଳେ ନିଜର ହାତପାଣ୍ଠିକୁ ୩କୋଟି ଟଙ୍କାକୁ ବୃଦ୍ଧି କରାଇ ନେଇଥିବା ରାଜ୍ୟର ବିଧାୟକମାନେ କୋଟିପତି ହୋଇଥିଲେ ମଧ୍ୟ ଏବେ ପୁଣିଥରେ ନିଜର ଦରମାକୁ ଅ??ଇଗୁଣ ବୃଦ୍ଧି ପାଇଁ ଲବି ଜୋରଦାର କରିଛନ୍ତି । ଯଦିଓ ସାଧାରଣ ଲୋକଙ୍କ ସମସ୍ୟା ଉଠାଇବା ପବିତ୍ର ଗୃହ ବିଧାନସଭାରେ ଏହି ବିଧାୟକମାନେ ସକ୍ଷମ ହେଉନାହାନ୍ତି । ବିଧାନସଭାର ନିୟମକୁ ଅଣଦେଖା କରି ପ୍ରତିବର୍ଷ ଅଧିବେଶନକୁ ସର୍ବନିମ୍ନ ୬୦ଦିନ ମଧ୍ୟ କରାଇ ଦେଉନାହାନ୍ତି । ନବୀନ ପଟ୍ଟନାୟକଙ୍କ ୨୨ବର୍ଷ ଶାସନକାଳରେ ବିଧାନସଭା ଅଧିବେଶନ ୨୦୦୬,୨୦୧୦ ଓ ୨୦୧୨ ମସିହାରେ ୬୦ଦିନ ବସିବା ସମ୍ଭବପର ହୋଇଥିଲା । ଅନ୍ୟବର୍ଷ ଗୁଡିକରେ ଗୃହ ୪୧ରୁ ୫୮ଦିନ ବସିଛି । ୨୦୨୧ରେ ବିଧାନସଭା ଅଧିବେଶନ ମାତ୍ର ୩୦ଦିନ ଓ ୨୦୨୨ରେ ମୋଟ ୩୭ଦିନ ଚ଼ାଲିପାରିଛି ।ଏଭଳି ସ୍ଥିତିରେ ଗୃହକୁ ଠିକ୍ ଭାବେ ଚ଼ଳାଇ ଦେଉନଥିବା ଧନୀ ବିଧାୟକମାନେ ନିଜର ହାତପାଣ୍ଠିକୁ ୩କୋଟି କରିସାରିଥିଲେ ମଧ୍ୟ ପୁଣିଥରେ ଦରମାକୁ ୧ଲକ୍ଷ ଟଙ୍କାରୁ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଁ ଦାବି କରିବା କେତେ ଯୁକ୍ତିଯୁକ୍ତ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି ।

## ୧୦ ବର୍ଷ ତଳେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିଲେ, ଆଜି ଯାଏଁ ସରୁନି କାମ



କେନ୍ଦୁଝର,୧୪।୧୨(ପି.ଏନ): ୧୦ ବର୍ଷ ତଳେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ୍ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ଅଡିଟୋରିୟମ୍ ନିର୍ମାଣ କାର୍ଯ୍ୟ ସରୁନାହିଁ। ଯାହାକୁ ନେଇ କେନ୍ଦୁଝର ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଅଡିଟୋରିୟମ୍ ନିର୍ମାଣ କେବେ ସରିବ ବୋଲି ବୁଦ୍ଧିଜୀବୀ ଜିଲ୍ଲା ପ୍ରଶାସନକୁ ପ୍ରଶ୍ନ କରିଛନ୍ତି ।ଶତାଧିକ ଲୋକଙ୍କୁ ନେଇ ସଭା ସମିତି କରିବାକୁ କେନ୍ଦୁଝର ସହରରେ ନଗର ଭବନକୁ ଛାଡିଦେଲେ, ଅନ୍ୟ କୌଣସି ବିକଳ୍ପ ନାହିଁ। ତେଣୁ ଏହି ଅଭାବ ପୂରଣ ପାଇଁ କମ୍ପାନୀଙ୍କ ସାମାଜିକ ଦାୟିତ୍ୱ ବୋଧତା ଯୋଜନାରେ ଏକ ଅଡିଟୋରିୟମ୍ ନିର୍ମାଣ କରିବାକୁ ଯୋଜନା କରିଥିଲା ଜିଲ୍ଲାପ୍ରଶାସନ। ଏଥିପାଇଁ ସେଲ୍ ୧୦ କୋଟି ଟଙ୍କା ଦେବାକୁ ନିଷ୍ପତ୍ତି ହୋଇଥିଲା। ୨୦୧୩ ମସିହା ଜାନୁଆରୀ ୩୧ ତାରିଖରେ ଏହି ପ୍ରକଳ୍ପର ଶିଳାନ୍ୟାସ୍ କରିଥିଲେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଶିଳାନ୍ୟାସ ପରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ।ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବା ବହୁ ପ୍ରକଳ୍ପ ଇତି ମଧ୍ୟରେ ଲୋକାର୍ପଣ ହୋଇସାରିଲାଣି। ହେଲେ ୧୦ କୋଟି ଟଙ୍କାର ପ୍ରକଳ୍ପକୁ ୧୦ ବର୍ଷ ପୂରିବାକୁ ବସିଲାଣି। କିନ୍ତୁ ଆଜି ଯାଏ ପ୍ରକଳ୍ପ କାମ ସରିବାର ନାଁ ଧରୁନାହିଁ। ସ୍ଥାନୀୟ ପ୍ରଶାସନ କେବଳ ଲୋକଙ୍କୁ ଭୂଆଁ ବୁଲାଇ ଭକୁଆ ବନାଇବାରେ ଲାଗିଛି। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତ୍ରୁଘ୍ନ ଶୃତକୀରତିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଭ୍‌କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା। ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି। ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି। ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି। ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି। ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି। ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ। କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି। କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି। ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି। ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ। ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି। ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ। ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି। ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ। ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି। ଏହାର ବୀଜକୁ ଔଷଧ ରୂପେ ରଖାଯାଏ। ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉଙ୍କୁଣି ଲୋପ ପାଇଯାଇଥାଏ। ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ। ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ। ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ। ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଥାନ୍ତି ହ୍ରିତିକ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ। ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି। ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ। କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ। ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା। ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚାର କରାଯିବ। ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ। ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ।

## 'କର୍ଫି'ର ଚିତ୍ରକର ଅମିତା






ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢ଼ମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।




# ସମସ୍ତଙ୍କ ପାଇଁ ଆଇନ ଓ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

••••••••ସୌରଚନ୍ଦ୍ର ମହାପାତ୍ର•••••••••

୨୬ ନଭେମ୍ବର ଦିନ ସମ୍ବିଧାନ ଦିବସ ପାଳନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କେନ୍ଦ୍ର ଆଇନ ମନ୍ତ୍ରୀ, ସୁପ୍ରିମକୋର୍ଟର ପ୍ରଧାନ



ବିଚାରପତି ଓ ଦେଶର ପ୍ରମୁଖ ନ୍ୟାୟିକ ବ୍ୟକ୍ତିତ୍ୱଙ୍କ ସମ୍ମୁଖରେ ନିଜର ଯେଉଁ ମତ ଉପସ୍ଥାପନ କରିଛନ୍ତି, ତାହା ଏଭଳି ବିତର୍କ ସୃଷ୍ଟି କରିଛି, ଯେ ରାଷ୍ଟ୍ରପତିଙ୍କ ସମାଲୋଚକ ମାନେ ମଧ୍ୟ ସ୍ତବ୍ଧ ହୋଇଯାଇଛନ୍ତି। ସାଧାରଣ ଲୋକେ ରାଷ୍ଟ୍ରପତିଙ୍କ ବକ୍ତବ୍ୟକୁ ଭୂରି ଭୂରି ପ୍ରଶଂସା କରିବା ସହିତ ଅସଂଖ୍ୟ ଦରିଦ୍ର ଲୋକଙ୍କ ମା'ବୋଲି ତାଙ୍କୁ ଅଭିହିତ କରିଛନ୍ତି। ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଭଳି ଉଚ୍ଚ ସାମ୍ବିଧାନିକ ପଦାଧିକାରୀମାନେ, ସାଧାରଣତଃ ଲିଖିତ ଭାଷଣ ପଠନ କରିଥାନ୍ତି। ଶ୍ରୀମତୀ ମୁର୍ମୁ ଲିଖିତ ଭାଷଣ ପାଠ କରି ସାରିବା ପରେ, ଯାହା ସ୍ୱତଃ ପ୍ରବୃତ୍ତ ଭାବରେ କହିଲେ ତାହା ହିଁ ତାଙ୍କୁ ଜଣେ ବିବେକବାନ, ସ୍ପଷ୍ଟ, ଦୃଢ଼ମନା ଓ ତୃଣମୂଳ ସମ୍ପର୍କିତ ଅଭିଭାବକ ଭାବରେ ଉପସ୍ଥାପିତ କରିଛି।

**ରାଷ୍ଟ୍ରପତି କହିଲେ-** ୧. ସାଧାରଣ ଲୋକ ଶିକ୍ଷକ, ଡାକ୍ତର ଏବଂ ଓକିଲଙ୍କୁ ଈଶ୍ୱର ମନେ କରନ୍ତି। ଗୁରୁ ତ ସାକ୍ଷାତ ଈଶ୍ୱର, ତେବେ ଡାକ୍ତର ଓ ଓକିଲଙ୍କ ପାଖକୁ ଲୋକେ ଅସୁବିଧା ତଥା କଷ୍ଟରେ ପଡ଼ିଲେ ହିଁ ଯାଇଥାନ୍ତି।

୨. ସେ ଓଡ଼ିଶା ବିଧାନସଭାର ଗୃହ କମିଟିର ସଦସ୍ୟ ହିସାବରେ ତଥା ଝାଡ଼ଖଣ୍ଡର ରାଜ୍ୟପାଳ ଥିବାବେଳେ ଅନେକ ଜେଲ ପରିଦର୍ଶନ କରି ଦେଖିଛନ୍ତି ଯେ ଅନ୍ୟଙ୍କୁ ଥାପଡ଼ଟିଏ ମାରିବା ଭଳି କ୍ଷୁଦ୍ର ଅପରାଧ ପାଇଁ ମଧ୍ୟ ଲୋକଙ୍କୁ ବର୍ଷ ବର୍ଷ ଧରି ଜେଲରେ ସଢ଼ିବାକୁ ପଡୁଛି ଏବଂ ଏଭଳି କଏଦୀଙ୍କ ସଂଖ୍ୟା କିଛି କମ୍ ନୁହେଁ।

୩. ପୁଲିସ ଛୋଟ ଛୋଟ ଅପରାଧ ପାଇଁ ବି ଏଭଳି ଦଫା ଲଗେଇଥାଏ ଯେ ଜାମିନ ମିଳିବା କଷ୍ଟକର ହୋଇଯାଏ।

୪. ଗରିବ, ଜନଜାତି ଓ ଅତ୍ୟନ୍ତ ସାଧାରଣ ଲୋକମାନଙ୍କ ପରିବାର ଏଭଳି ଅପରାଧୀଙ୍କୁ ଜାମିନରେ ଆଣିପାରନ୍ତି ନାହିଁ, କାରଣ ଏହି ପ୍ରକ୍ରିୟା ଏତେ ବ୍ୟୟବହୁଳ ଯେ ସେମାନଙ୍କ ଜମି, ଘର ବାସନକୁସନ ଆଦି ଯତ୍କିଞ୍ଚିତ ସମ୍ପତ୍ତି ମଧ୍ୟ ବିକ୍ରି ହୋଇଯାଏ।

୫. ଜାମିନ ମିଳିଲେ ମଧ୍ୟ ଘର ଲୋକେ ଜାମିନଦାର ଦେଇପାରନ୍ତି ନାହିଁ ଓ ଜାମିନ ରାଶି ଦାଖଲ କରିପାରନ୍ତି ନାହିଁ।

୬. ଏଭଳି ଛୋଟ ଅପରାଧରେ ଅଭିଯୁକ୍ତ ଅପରାଧୀମାନେ ଯଦି ବି କେବେ ଜାମିନରେ ଆସନ୍ତି, ସେମାନଙ୍କୁ ସମାଜ ନୀଚ ଦୃଷ୍ଟିରେ ଦେଖେ ଏବଂ କୌଶଳ ବା ଦକ୍ଷତାମୂଳକ ତାଲିମ ନଥିବା ଯୋଗୁଁ ସେମାନେ କୌଣସି କାର୍ଯ୍ୟ ବା ରୋଜଗାର କରିପାରନ୍ତି ନାହିଁ।

୭. ବର୍ତ୍ତମାନ ଥିବା ଜେଲଗୁଡ଼ିକରେ କଏଦୀମାନଙ୍କ ସଂଖ୍ୟା ଏତେ ଅଧିକ ଯେ ନୂଆ ଜେଲ ନିର୍ମାଣ ପାଇଁ ପ୍ରସ୍ତାବ ଆସୁଛି। ଏହା କ'ଣ ବିକାଶର ପରିଚୟ? ଦେଶ ଆଗକୁ ବଢୁଛି ନା ପଛକୁ ଯାଉଛି?

୮. ବିଧେୟକ ପାଳିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ସ୍ୱତନ୍ତ୍ର ଏବଂ ଭିନ୍ନ ହୋଇଥିବା ସତ୍ତ୍ୱେ ଏମାନଙ୍କ ଭିତରେ କେତେକ କ୍ଷେତ୍ରରେ ସମନ୍ୱୟ ଆବଶ୍ୟକ।

ସମସ୍ତେ ଲୋକଙ୍କ ପାଇଁ ଓ ଲୋକଙ୍କ ଦ୍ୱାରା ପଦାସୀନ ହୋଇଥିବାରୁ ଲୋକସ୍ୱାର୍ଥ ପାଇଁ ଏଭଳି ସମନ୍ୱୟର ଆବଶ୍ୟକତା ରହିଛି।

ଶେଷରେ ସେ କହିଥିଲେ - ଆପଣମାନେ ସମସ୍ତେ ଜ୍ଞାନୀ, ଗୁଣୀ, ଅନୁଭବୀ ବ୍ୟକ୍ତି। ଏହି ସମସ୍ୟାକୁ ନେଇ କିଛି କରନ୍ତୁ। ମୁଁ ମୋ ବକ୍ତବ୍ୟକୁ ଅଧାରେ ଛାଡ଼ୁଛି। ଯାହା ମୁଁ କହିଲି ନାହିଁ, ତାକୁ ମଧ୍ୟ ଆପଣମାନେ ବୁଝିବେ ବୋଲି ଆଶା ରଖୁଛି। ରାଷ୍ଟ୍ରପତିଙ୍କ ଏହି ବକ୍ତବ୍ୟକୁ ଶୁଣି ଅସଂଖ୍ୟ ଭାରତୀୟଙ୍କ ଆଖିରୁ ଲୁହ ଝରିଥାଇଛି। ସାଧାରଣ ଲୋକଙ୍କ ଦୁଃଖ ଦୁର୍ଦ୍ଦଶାକୁ ସେ ଏତେ ଆନ୍ତରିକତାର ସହିତ ବର୍ଣ୍ଣନା କରିଥିଲେ ଯେ ସ୍ୱାଧୀନ ଭାରତର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଭିଭାଷଣ ହିସାବରେ ଏହାକୁ ଅନେକ ଅଭିହିତ କରିଛନ୍ତି। ଗରିବ ପରିବାରରୁ ଆସିଥିବା ଏବଂ ସାଧାରଣ ଲୋକଙ୍କ ଜୀବନର କଷ୍ଟ, ଯନ୍ତ୍ରଣା ବୁଝିଥିବା ଜଣେ ମହିଳା କେବଳ ଏପରି କହିପାରନ୍ତି ବୋଲି ଅସଂଖ୍ୟ ନାମହୀନ ଭାରତୀୟ ମତ ଦେଇଛନ୍ତି।

ରାଷ୍ଟ୍ରପତିଙ୍କ ବକ୍ତବ୍ୟ ପରେ ପରେ ସୁପ୍ରିମକୋର୍ଟ ସମସ୍ତ ରାଜ୍ୟ ସରକାର, ହାଇକୋର୍ଟ ଏବଂ ଆଇନ ସେବା ପ୍ରାଧିକରଣ ଗୁଡ଼ିକୁ ବିଚାରାଧୀନ କଏଦୀମାନଙ୍କ ସଂଖ୍ୟା ଏବଂ ସେମାନଙ୍କ ଭିତରୁ କେତେଜଣ ଜାମିନ ପାଇ ମଧ୍ୟ ମୁକ୍ତ ହୋଇନାହାନ୍ତି, ସେମାନଙ୍କ ବିଶଦ ବିବରଣୀ ଏକ ନିର୍ଦ୍ଦିଷ୍ଟ ସମୟ ଅବଧି ଭିତରେ ସୁପ୍ରିମକୋର୍ଟଙ୍କୁ ଜଣେଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଷ୍ଟ୍ରପତି ଆଇନ ବ୍ୟବସ୍ଥାର କେତେଗୁଡ଼ିଏ ଦିଗକୁ ଇଙ୍ଗିତ କରିଛନ୍ତି କେବଳ। ବାସ୍ତବରେ ଏହାଠାରୁ ଖୁବ ଅଧିକ। ପୁଲିସ ସଂସ୍କାର ବିଷୟରେ ଯେତେ ଆଲୋଚନା ହେଲେ ମଧ୍ୟ ଭାରତରେ ପୁଲିସର ବ୍ୟବହାର କେବେ ବଦଳିବ ନାହିଁ। ସେମାନେ ଏବେ ବି ଉପନିବେଶ ଶାସନ ଧାରାରେ ରାଜନୈତିକ ପ୍ରଭୁଙ୍କ ଦ୍ୱାରା ସଞ୍ଚାଳିତ। ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ନ୍ୟାୟାଧୀଶ ଜଷ୍ଟିସ ରମନ୍ନା ଉନ୍ମୁକ୍ତ ଭାବରେ କହିଥିଲେ ଯେ ପୁଲିସ ଥାନାରେ ହିଁ ସବୁଠାରୁ ଅଧିକ ମାନବ ଅଧିକାରର ଉଲ୍ଲଂଘନ ହୋଇଥାଏ। ପୁଲିସ ଦ୍ୱାରା ଅନୈତିକ ଗିରଫଦାରୀ ଏବଂ ଜାମିନ ନ ମିଳିବା ଭଳି ସ୍ଥିତି ସୃଷ୍ଟି କରାଯିବାକୁ ନେଇ ସୁପ୍ରିମକୋର୍ଟ ବାରମ୍ବାର ଚିନ୍ତା ଜାହିର କରିଆସୁଛନ୍ତି। ଜେଲ ନୁହେଁ, ବେଲ ଅର୍ଥାତ୍ ଜେଲ ନୁହେଁ ଜାମିନ - ନିୟମ ହେବା ଉଚିତ ବୋଲି ମଧ୍ୟ ସୁପ୍ରିମକୋର୍ଟ ବାରମ୍ବାର ନିର୍ଦ୍ଦେଶ ଦେଇଆସୁଛନ୍ତି। ଛୋଟ ଛୋଟ ଅପରାଧ, ସାମ୍ବିଧାନିକ, ଅର୍ଥନୈତିକ ଏବଂ ଅବମାନନା ଭଳି ମାମଲାରେ ବର୍ଷ ବର୍ଷ ଧରି ଜାମିନ ନ ମିଳିବା ଯୋଗୁଁ ଅସଂଖ୍ୟ ବ୍ୟକ୍ତି ଜେଲରେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ବିଚାର ବ୍ୟବସ୍ଥାର ମନ୍ଥରତା ମଧ୍ୟ ଏଥିପାଇଁ ଦାୟୀ। ଏକ ପରିସଂଖ୍ୟାନ ଅନୁଯାୟୀ ସମ୍ପ୍ରତି ଜେଲରେ ଥିବା ୫ଲକ୍ଷ ୫୪ ହଜାର କଏଦୀଙ୍କ ଭିତରୁ ୭୭% ବିଚାରାଧୀନ ବନ୍ଦୀ। ଅର୍ଥାତ ଏମାନେ



ଦଣ୍ଡିତ ବା ଦୋଷୀ ସାବ୍ୟସ୍ତ ହୋଇଥିବା ଅପରାଧୀ ନୁହଁନ୍ତି, କେବଳ ଅଭିଯୁକ୍ତ କଏଦୀ ଏବଂ ବର୍ଷ ବର୍ଷ ଧରି ଜେଲରେ ଅଛନ୍ତି। ସୁପ୍ରିମକୋର୍ଟ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସରକାରମାନଙ୍କଠାରୁ ଜାଣିବାକୁ ଚାହୁଁଛନ୍ତି, ଯେ କେତେଜଣ କଏଦୀ ଜାମିନ ପାଇବା ପରେ ମଧ୍ୟ ଜାମିନର ନିୟମାବଳୀ ପାଳନ କରିପାରି ନଥିବାରୁ ଅଥଚ ଜାମିନ ଦଣ୍ଡ ଦେଇପାରି ନଥିବାରୁ ଏବେ ମଧ୍ୟ ଜେଲରେ ରହିଛନ୍ତି। ମାନବିକ ଅଧିକାର ଉଲ୍ଲଂଘନର ଏଭଳି ଘଟଣା କେବଳ ନିନ୍ଦନୀୟ ନୁହେଁ, ସଭ୍ୟ ସମାଜର ପରିପନ୍ଥୀ ମଧ୍ୟ। ଅନେକ ବ୍ୟକ୍ତିଙ୍କ ଜୀବନ, ଯୌବନ, ପରିବାର ଓ ପେଶା ଏଥିପାଇଁ ନଷ୍ଟ ହୋଇଯାଇଛି ବା ହୋଇଯାଉଛି।

ମାନନୀୟା ରାଷ୍ଟ୍ରପତି ଦେଶର ବରିଷ୍ଠତମ ବିଚାରପତିମାନଙ୍କୁ ସମ୍ବେଦନଶୀଳ ହେବା ପାଇଁ, ଅଳ୍ପରେ ବହୁତ କଥା କହି ଦେଇଛନ୍ତି। ଏହାର ତତ୍‌କ୍ଷଣାତ୍ ପ୍ରଭାବ ମଧ୍ୟ ଅନୁଭୂତ ହେଉଛି। ରାଷ୍ଟ୍ରପତିଙ୍କୁ ଭାରତର ନାଗରିକ ସମାଜ ତ ଭୁରିଭୁରି ପ୍ରଶଂସା କରୁଛି, ଅଦାଲତମାନେ ମଧ୍ୟ ସଚେତନ ହୋଇଛନ୍ତି। ନିକଟରେ ପାଟଣା ହାଇକୋର୍ଟର ଜଣେ ବରିଷ୍ଠ ବିଚାରପତି, ଜଣେ ମହିଳା ଡାକ୍ତରଙ୍କୁ ଗିରଫ କରିବା ଓ ହାତକଡ଼ି ପକେଇବା ନେଇ ସ୍ଥାନୀୟ ପୁଲିସକୁ ଖୁବ ଭର୍ତ୍ସନା କରିଛନ୍ତି। ଏହି ନ୍ୟାୟାଧୀଶ ରାଜୀବ ରଞ୍ଜନ ପ୍ରସାଦ ଶୁଣାଣି ବେଳେ କହିଛନ୍ତି ଯେ କୌଣସି କ୍ଷମତା ବିଶେଷ କରି ପୁଲିସର କ୍ଷମତା ଅପରିସୀମ ନୁହେଁ, କ୍ଷମତା ସହିତ ଦାୟିତ୍ୱ ମଧ୍ୟ ଆସିଥାଏ। କ୍ଷମତା ଅଛି ବୋଲି ଯଥେଚ୍ଛାଚାର ସ୍ପୃହଣୀୟ ହୋଇ ନ ପାରେ। ସମୟ ବଦଳୁଛି ଏବଂ ଏଭଳି ବ୍ୟବହାରକୁ ଆଉ ସହ୍ୟ କରାଯାଇପାରିବ ନାହିଁ।

କିଛିଦିନ ତଳେ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ନ୍ୟାୟାଧୀଶ ଜଷ୍ଟିସ ରମନ୍ନା, ଜାମିନ ମିଳିବା ପରେ ମଧ୍ୟ ନିର୍ଦ୍ଦେଶ ପହଞ୍ଚିନାହିଁ କହି ଆହୁରି କିଛିଦିନ ଅଭିଯୁକ୍ତଙ୍କୁ ଜେଲରେ ରଖିବାକୁ ନେଇ ଜେଲ କର୍ତ୍ତୃପକ୍ଷଙ୍କୁ ଭର୍ତ୍ସନା କରିଥିଲେ। ସେ କହିଥିଲେ ଯେ ସାମ୍ପ୍ରତିକ ପ୍ରଯୁକ୍ତି ବିଦ୍ୟାର ସମୟରେ କିଛି ଲୋକ ଏବେ ବି ପାରା ସନ୍ଦେଶ ନେଇ ଆସିବା ପରେ ଆକାଶକୁ ଚାହୁଁଛନ୍ତି। ଅସଲ କଥା ହେଲା ଯେଉଁମାନ ଆଇନର ପରିଚାଳନା ଦାୟିତ୍ୱରେ ସେହିମାନେ ହିଁ ଏହାର ଉଲ୍ଲଂଘନ କରୁଛନ୍ତି ଜ୍ଞାତସାରରେ। ପ୍ରକୃତ ଜଘନ୍ୟ ଅପରାଧୀ ବିଭିନ୍ନ କାରଣରୁ ଆରାମରେ ଖସିଯାଆନ୍ତି ବା ବିଶେଷ ଅନୁକମ୍ପା ପାଆନ୍ତି, କିନ୍ତୁ ସାଧାରଣ ଲୋକମାନଙ୍କୁ ଅକଥନୀୟ ପୀଡ଼ା ଓ ଯନ୍ତ୍ରଣା ଦିଆଯାଏ। ଏମିତି କରି କିଛି ଲୋକ ନିଜ ପଦ ମର୍ଯ୍ୟାଦା ଓ କ୍ଷମତାର ଅହଙ୍କାରକୁ ପ୍ରଦର୍ଶିତ କରନ୍ତି। ନ୍ୟାୟପାଳିକା, ପ୍ରଶାସନ ଓ ପୁଲିସ ଏଥିପ୍ରତି ଦାୟିତ୍ୱବାନ ଏବଂ ସମ୍ବେଦନଶୀଳ ହେବା ଉଚିତ। ଏ କଥାକୁ ଅତି ସାଧାରଣ ଭାଷାରେ ସ୍ନେହପୂର୍ଣ୍ଣ ଭାବରେ, ଠିକ୍ ଜାଗାରେ ଏବଂ ଠିକ୍ ସମୟରେ ପ୍ରକାଶ କରି ରାଷ୍ଟ୍ରପତି ମହୋଦୟା ଦେଶର ଅଶେଷ ଶ୍ରଦ୍ଧା ଓ ସମ୍ମାନ ପାଇଛନ୍ତି।

*-ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, 'ସତ୍ୟାଳୟ' ଫ୍ଲଟ ନଂ - ୧୦୮୭/ଡ୍ରି, ସେକ୍ଟର-୬, କଟକ, ଇମେଲ: soura999mohapatra@gmail.com*

# ଭିତର କନିକା ଇକୋ-ରିଟ୍ରିଟ୍: ମିଳିବ ଆମାଜନର ଅନୁଭୂତି

ଇତିମଧ୍ୟରେ ରାଜ୍ୟର ୭ଟି ସ୍ଥାନରେ ଆରମ୍ଭ ହୋଇଛି ଇକୋ ରିଟ୍ରିଟ। ଚଳିତ ବର୍ଷ ଆକର୍ଷଣ ସାଜିବ ଭିତରକନିକା ଇକୋ ରିଟ୍ରିଟ ସେଣ୍ଟର। ଏଠାରେ ଆମାଜନର ଅନୁଭୂତି ସାଉଁଟିବେ ପର୍ଯ୍ୟଟକ। ପେଣ୍ଠ ବେଳାଭୂମିରେ ଆରମ୍ଭ ହେବାକୁ ଥିବା ଇକୋ ରିଟ୍ରିଟର ପ୍ରବେଶ ପଥକୁ ଆକର୍ଷଣୀୟ ଭାବେ ସଜାଯାଇଛି। କୃତ୍ରିମ ଝରଣା ସହ କଇଁଛ, ହରିଣ, ଦେଶୀ ବିଦେଶୀ ପକ୍ଷୀ, ମୟୂର ଓ ବଉଳା କୁମ୍ଭୀର ଦେଖିବାକୁ



ପାଇବେ ପର୍ଯ୍ୟଟକ। ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଭିତରକନିକା ଜାତୀୟ ଉଦ୍ୟାନର ସ୍ୱତନ୍ତ୍ରତା ନିଆରା। ଅନୁଭୂତି ମିଳିବ।

ଜଙ୍ଗଲ ଭିତରେ ନ୍ୟାସନାଲ ପାର୍କର କୋର୍ ଏରିଆ ଭିତରକୁ ମଧ୍ୟ ପ୍ରବେଶ କରିବାର ସୁଯୋଗ ରହିଛି। ସେଠାରେ ୬ରୁ ୫ କିମି ଚଲାପଥ ରହିଛି। ହେନ୍ତାଳ ବଣ, ହରିଣ, ଗୋଧି ସାଙ୍ଗକୁ ଆଠ ପ୍ରକାର କିଙ୍ଗ ଫିସର ଦେଖିବା ପାଉଛନ୍ତି ପର୍ଯ୍ୟଟକ। ତେବେ ପୃଥିବୀରେ ୩୦ ପ୍ରକାର କିଙ୍ଗଫିସର ରହିଥିବାବେଳେ ସେଥିରୁ ୧୨ଟି ଇଣ୍ଡିଆରେ ଦେଖାଯାଏ ଏବଂ ୧୨ ମଧ୍ୟରୁ ୮ଟି କିଙ୍ଗଫିସର ଭିତରକନିକାରେ ଦେଖାଯାଏ। ବେଳାଭୂମିରେ ହଟ୍ ଏୟାର ବେଲୁନ ଏବଂ ଜିପ




ଜୈବ ବିବିଧତାରେ ଭରପୁର ଭିତରକନିକାରେ ଏଥର ନିଆରା ଅନୁଭୂତି ସାଉଁଟିବେ ପର୍ଯ୍ୟଟକ। ପର୍ଯ୍ୟଟନ ଋତୁରେ ପ୍ରକୃତିପ୍ରେମୀ ଭିତରକନିକା ପରିଭ୍ରମଣ ଓ ଜଳଯାତ୍ରା କରିବାର ନିଆରା ମଜା ନେବେ। ଚଳିତ ଥର ଇକୋ ରିଟ୍ରିଟରେ ପର୍ଯ୍ୟଟକଙ୍କ ପାଇଁ ୨୫ଟି ବିଳାସପୂର୍ଣ୍ଣ କଟେଜ ସହିତ ଷ୍ଟାର ହୋଟେଲ ମଧ୍ୟ ରହିଛି। ଭିତରକନିକାର ପ୍ରାକୃତିକ ଶୋଭାରାଜିର ମଜା ସାଙ୍ଗକୁ ରାତିରେ ବିଳାସପୂର୍ଣ୍ଣ କଟେଜର ରହିବା ଓ ନାଚଗୀତରେ ପାରାସେଲିଂ। ଭିତରକନିକା ଇକୋ ରିଟ୍ରିଟକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବେଳାଭୂମିରେ ବିଚ ଭଲି ବଲ ଓ ଏଟିଭି ବ୍ୟବସ୍ଥା କରାଯିବାକୁ ଯୋଜନା ରହିଛି। ଏହାସାଙ୍ଗକୁ ହଟ୍ ଏୟାର ବେଲୁନ ଓ ପାରାସେଲିଂର ମଜା ନେଇପାରିବେ ପର୍ଯ୍ୟଟକ। ଏଥିପାଇଁ ମଧ୍ୟ ଯୋଜନା ରହିଛି। ଓଡ଼ିଶାର ସୌନ୍ଦର୍ଯ୍ୟମୟ ପ୍ରାକୃତିକ ପରିବେଶ ବାହାର ପର୍ଯ୍ୟଟକମାନଙ୍କୁ ସବୁବେଳେ ଓଡ଼ିଶାକୁ ଟାଣିଥାଏ। ଏହାଦ୍ୱାରା ଓଡ଼ିଶାର ପ୍ରାକୃତିକ ସମ୍ପଦ



ମଜିବା ସହ ବୈତରଣୀ ନଦୀ କୂଳରେ ସେଲ୍‌ଫି ଜୋନରେ ଫଟୋ ଉଠାଇବାର ସୁବିଧା ରହିଛି। ପର୍ଯ୍ୟଟକଙ୍କୁ ଜଳପଥ ଓ ସ୍ଥଳପଥରେ ପରିଭ୍ରମଣ କରିବାର ସୁଯୋଗ ରହିଛି। ସକାଳ ଜଳଖିଆରୁ ଆରମ୍ଭ ସାର୍ବଜନୀନ ହୋଇଥାଏ ଏବଂ ସରକାର ରାଜସ୍ୱ ପାଇବା ସହ ସ୍ଥାନୀୟ ଅଧିବାସୀ ଓ ବ୍ୟବସାୟ ପ୍ରତିଷ୍ଠାନମାନେ ଆର୍ଥିକ କ୍ଷେତ୍ରରେ ସୁଦୃଢ଼ ହୋଇଥା'ନ୍ତି। ତେବେ ମହିଳା ସ୍ୱୟଂସହାୟକ ସଂଗଠନମାନେ ଯଦି ସେମାନଙ୍କର



କରି ରାତ୍ରି ଭୋଜନ ପର୍ଯ୍ୟନ୍ତ ମେନ୍ୟୁରେ ସୁସ୍ୱାଦୁ ଖାଦ୍ୟର ତାଲିକା ରହିଛି। ବର୍ତ୍ତମାନ ସୁଦ୍ଧା ୫୦ ପ୍ରତିଶତ କଟେଜ ବୁକିଂ ହୋଇଥିବାବେଳେ ଆଗକୁ ଆହୁରି ବଢ଼ିବାର ଆଶା ରହିଛି। ପ୍ରିମିୟମ କଟେଜରେ ଅଧିକ ବୁକିଂ ଆସୁଛି। କୁମ୍ଭୀର, ଚଢ଼େଇ ସାଜିବେ ମୁଖ୍ୟ ଆକର୍ଷଣ। ଇକୋ ରିଟ୍ରିଟରେ ପର୍ଯ୍ୟଟକଙ୍କ ପାଇଁ କ୍ରୋକୋଡାଇଲ




ସ୍କଟିଂ ସହିତ ନେଚର ଟ୍ରେଲ ମଧ୍ୟ ରହିଛି। ସାଧାରଣତଃ ଲୋକମାନେ ଚିଡ଼ିଆଖାନାରେ କମ୍ ସଂଖ୍ୟାରେ କୁମ୍ଭୀର ଦେଖିଥା'ନ୍ତି। କିନ୍ତୁ ଏଠାରେ ବୋଟରେ ପାଣି ଭିତରକୁ ଯାଇ ଚାରିପଟେ ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ଏକାସାଙ୍ଗରେ ବହୁ ସଂଖ୍ୟାରେ କୁମ୍ଭୀର ଦେଖିବାର ନିଆରା ସ୍ଥାନୀୟ ଅଞ୍ଚଳର ଉତ୍ପାଦିତ ସାମଗ୍ରୀ ଇକୋ ରିଟ୍ରିଟ କେନ୍ଦ୍ର ପାଖରେ ପ୍ରଦର୍ଶନ କରିବାର ସୁଯୋଗ ପାଆନ୍ତେ, ତାହାହେଲେ ବିକ୍ରିବଟା ବୃଦ୍ଧି ପାଆନ୍ତା ଓ ସେମାନେ ଆର୍ଥିକ କ୍ଷେତ୍ରରେ ସୁଦୃଢ଼ ହେବା ସହ ସେମାନଙ୍କ କଳାନୈପୁଣ୍ୟ ବାହାରେ ପ୍ରଦର୍ଶିତ ହେବାର ସୁଯୋଗ ମଧ୍ୟ ମିଳନ୍ତା। ସେହିପରି "ଅତିଥି ଦେବୋଭବ" ମହାମନ୍ତ୍ରକୁ ସ୍ଥାନୀୟ ଅଧିବାସୀମାନେ ଗ୍ରହଣ କରି ଆମ ଅଞ୍ଚଳକୁ ଆସୁଥିବା ଅତିଥିମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କର ସେବା ଓ ଭଲ ପାଇବା ପ୍ରଦାନରେ ଯେପରି କାର୍ପଣ୍ୟ ନ ହୁଏ, ଏ କ୍ଷେତ୍ରରେ ଆମ ସମସ୍ତଙ୍କର ଉତ୍ତରଦାୟୀ କର୍ତ୍ତବ୍ୟ ରହିଛି।

**—ଗୋପୀନାଥ ଦାଶ**
*କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ଅରୁଆ କଦଳୀବଣ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ଦୂରଭାଷ: ୮୮୯୫୨୯୬୧୬୭*

## ଓଡ଼ିଶା ଜଳସମ୍ପଦ ବିଭାଗର ଅସ୍ଥାୟୀ ଓ ଛଟେଇ କର୍ମଚାରୀ ସଂଘର ଆନ୍ଦୋଳନ ଡାକରା




ଭୁବନେଶ୍ୱର (ପିଏନ୍): ୟୁନିଟ୍-୮ରେ ଥିବା ବିଜୁ ଶ୍ରମିକ ସାମ୍ମୁଖ୍ୟର କାର୍ଯ୍ୟାଳୟଠାରେ ଅଲ୍ ଓଡ଼ିଶା ଜଳସମ୍ପଦ ବିଭାଗର ଅସ୍ଥାୟୀ ଓ ଛଟେଇ କର୍ମଚାରୀ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବିଜୁ ଶ୍ରମିକ ସାମ୍ମୁଖ୍ୟ ସହ ଅନୁବନ୍ଧିତ ଏହି ସଂଘର ସାରା ରାଜ୍ୟରୁ ୧୫୦୦ରୁ ଅଧିକ ସଂଖ୍ୟାରେ କର୍ମଚାରୀ ଅଛନ୍ତି ଓ ସେମାନଙ୍କର ଦୁଇ ଦଫା ସମ୍ବଳିତ ଦାବି ବାରମ୍ବାର ସରକାରଙ୍କ ପାଖେ ଉପସ୍ଥାପନ କରିବା ସତ୍ତ୍ୱେ ସରକାର ଅଣଦେଖା କରୁଥିବାରୁ ସେହି ବିଷୟରେ ଆଲୋଚନା ପାଇଁ ଏହି ବୈଠକ ଡକାଯାଇଥିଲା। ଏହି ବୈଠକରେ ସର୍ବସମ୍ମତିକ୍ରମେ ଦାବି ପୂରଣ ପାଇଁ ଆଗାମୀ ଦିନରେ ଜୋର୍‌ଦାର ଆନ୍ଦୋଳନ କରି ରାଜରାସ୍ତାକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ଏବଂ ଆନ୍ଦୋଳନର ତାରିଖ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଘୋଷଣା କରାଯିବ ବୋଲି ଅଲ୍ ଓଡ଼ିଶା ଜଳସମ୍ପଦ ବିଭାଗ ଅସ୍ଥାୟୀ ଓ ଛଟେଇ କର୍ମଚାରୀ ସଂଘର ସଭାପତି ସୁରେନ୍ଦ୍ର କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ସଂଘର ଯେଉଁ ଦୁଇଦଫା ଦାବି ଅଛି ସେଗୁଡ଼ିକ ହେଲା-(୧) ଛଟେଇ କର୍ମଚାରୀମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଉ। (୨) ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ଗ୍ରେଡେସନ୍ ଭିତ୍ତିରେ ତୁରନ୍ତ ସ୍ଥାୟୀ କରାଯାଉ। ଏହି ଦୁଇ ଦାବି ପୂରଣ ପାଇଁ ସରକାରଙ୍କୁ ବାରମ୍ବାର ସଂଘ ତରଫରୁ ଅନୁରୋଧ କରାଯିବା ସତ୍ତ୍ୱେ ସରକାର ଏହି ଦାବି ପୂରଣ କରାଯିବ, ଯେତେବେଳେ ଅନ୍ୟାନ୍ୟ ସଂଘମାନଙ୍କର ବିଭିନ୍ନ ଦାବି ପୂରଣ କରିବା ପାଇଁ ସରକାର କାର୍ଯ୍ୟ ଆରମ୍ଭ କରିବେ ସେତିକିବେଳେ ଆପଣମାନଙ୍କ କଥା ବୁଝାଯିବ ବୋଲି ସରକାର ଉତ୍ତର ଦେଇଆସୁଛନ୍ତି ଏବଂ ଏମିତି ବାରମ୍ବାର ପ୍ରତିଶ୍ରୁତି ଏବଂ ପ୍ରତାରଣା ଆଉ ସହିହେଉନାହିଁ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି ସଭାପତି ଶ୍ରୀ ସ୍ୱାଇଁ। ଆମେ ଦୀର୍ଘ ୨୦ ବର୍ଷରୁ ଅଧିକ ସମୟ ଧରି ଡିଏଲ୍‌ଆର ଭାବେ କାମ କରିଆସୁଥିଲେ ମଧ୍ୟ ସରକାର ଆମକୁ ସ୍ଥାୟୀ ନିଯୁକ୍ତି ଦେଇନାହାଁନ୍ତି ଏବଂ ଆମ୍ଭମାନଙ୍କ ଭିତରୁ କେତେଜଣ କର୍ମଚାରୀଙ୍କୁ ସରକାର ଛଟେଇ କରିଛନ୍ତି। ଆମର ଗ୍ରେଡେସନ୍ ଲିଷ୍ଟ ମଧ୍ୟ ହୋଇଛି। ତଥାପି ସରକାର ଆମକୁ ସ୍ଥାୟୀ ନିଯୁକ୍ତି ନ ଦେଇ ଆମ ପ୍ରତି ଅନ୍ୟାୟ କରାଯାଉଛି ବୋଲି କହିଛନ୍ତି ଜଳସମ୍ପଦ ବିଭାଗର ଅସ୍ଥାୟୀ କର୍ମଚାରୀ ସଂଘର ସଭାପତି ସନ୍ତୋଷ ମହାନ୍ତି। ସରକାର ଯଦି ଆମ ଛଟେଇ କର୍ମଚାରୀମାନଙ୍କୁ ପୁନଃ ନିଯୁକ୍ତି ନ ଦିଅନ୍ତି, ଆଉ ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ଥାୟୀ ନ କରନ୍ତି, ତେବେ ଆଗାମୀ ଦିନରେ ଆନ୍ଦୋଳନ ଜୋର୍‌ଦାର କରାଯିବ ଏବଂ ଆମେ ସମସ୍ତେ ପିଲାଛୁଆ ଧରି ଜଳସମ୍ପଦ ଅଫିସ୍ ସାମ୍ନାରେ ଆନ୍ଦୋଳନ କରିବୁ ବୋଲି ଚେତାବନୀ ଦେଇଛନ୍ତି ଶ୍ରୀ ସନ୍ତୋଷ ମହାନ୍ତି। ଅସ୍ଥାୟୀ କର୍ମଚାରୀଙ୍କର ଗ୍ରେଡେସନ୍ ଲିଷ୍ଟ ସରିଛି ଓ ଏହି ଲିଷ୍ଟ ବେସିସ୍‌ରେ ସରକାର ସ୍ଥାୟୀ କରନ୍ତୁ ଓ ଛଟେଇ କର୍ମଚାରୀମାନଙ୍କୁ ଆଉଥରେ ନିଯୁକ୍ତି ଦିଅନ୍ତୁ ତଥା ସବୁ କର୍ମଚାରୀମାନଙ୍କ ପାଇଁ ଚାକିରୀ ସର୍ତ୍ତାବଳୀ ଲାଗିବା ଦରକାର। ଯଦି ସରକାର ଆମର ଏହି ଦାବିକୁ ଆସନ୍ତା ଜାନୁଆରୀ ମାସ ୧୪ ତାରିଖ ପୂର୍ବରୁ ଗ୍ରହଣ ନ କରନ୍ତି, ତେବେ ଆମେ ସବୁ କର୍ମଚାରୀ ପିଲାଛୁଆ ଧରି ରାଜରାସ୍ତାକୁ ଓହ୍ଲାଇବୁ ଏବଂ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବୁ ବୋଲି ଚେତାବନୀ ଦେଇଛନ୍ତି ଜଳସମ୍ପଦ ବିଭାଗର ଛଟେଇ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଗୋକୁଳ ଚନ୍ଦ୍ର ସେନାପତି।

## ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦିନିକିଆ କେନ୍ଦ୍ରାପଡା ଗସ୍ତ




ଭୁବନେଶ୍ୱର (ପିଏନ୍): ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏକ ଦିନିକିଆ କେନ୍ଦ୍ରାପଡା ଜିଲ୍ଲା ଗ୍ରସ୍ତରେ ଆସି ଅପରାହ୍ନ ୨ଟା ୫୦ମିନିଟ ସମୟରେ କେନ୍ଦ୍ରାପଡା ସର୍କିଟ ହାଉସରେ ପହ□ିବା ପରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସ୍ୱାଗତ ସମୟରେ ଆରକ୍ଷୀ ଅଧିକ୍ଷକ ସମ୍ବିତ ସମ୍ପଦ ମଡ଼କର ଉପସ୍ଥିତ ଥିଲେ। କେନ୍ଦ୍ରାପଡା ଜିଲ୍ଲାର ଅରୁଆକଦଳିବଣସ୍ଥିତ ହରିହରାନନ୍ଦ ବାଳାଶ୍ରମରେ ରାଜ୍ୟପାଳ ପ୍ରଫେସର ଶ୍ରୀ ଲାଲ ପହ□ିବା ପରେ ବାଳାଶ୍ରମର ଅଧ୍ୟକ୍ଷ ଡଃ. ମଳୟ ନନ୍ଦ ପୁଷ୍ପଗୁଚ୍ଛ ଦେଇ ରାଜ୍ୟପାଳଙ୍କୁ ସ୍ୱାଗତ କରିବା ସମୟରେ ଗୁରୁଜୀ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ, ସ୍ୱାମୀ ସମର୍ପଣାନନ୍ଦଜୀ ଓ ଆଶ୍ରମର ଅନ୍ୟାନ୍ୟ ଗୁରୁଜୀମାନେ ଉପସ୍ଥିତ ଥିଲେ। ରାଜ୍ୟପାଳ ବିଜ୍ଞାନ ଓ ସାମାଜିକ ବିଜ୍ଞାନ ସମ୍ପର୍କିତ ଏକ ପ୍ରଦର୍ଶନୀକୁ ଶୁଭ ଉଦ୍‌ଘାଟନ କରିଥିଲେ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାର ଶୁଭାରମ୍ଭ କରିଥିଲେ। ପରେ ବାଳାଶ୍ରମର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ସ୍ୱାମୀ ସମର୍ପଣାନନ୍ଦଜୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ରାଜ୍ୟପାଳଙ୍କୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ। ବାଳାଶ୍ରମର ଅଧ୍ୟକ୍ଷ ଡଃ. ମଳୟ ନନ୍ଦ ୨୦୨୧-୨୨ ବର୍ଷର ଶିକ୍ଷା, କ୍ରୀଡା ଓ ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିଥିବା କୃତି ଛାତ୍ରଛାତ୍ରୀମାନଙ୍କ ବିବରଣୀ ପାଠ କରିଥିଲେ। ବାଳାଶ୍ରମରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ଦିଆଯାଉଥିବା ଶିକ୍ଷା ବିଷୟରେ ସବିଶେଷ ତଥ୍ୟ ସେ ପ୍ରଦାନ କରିଥିଲେ। ଏଠାକାର ସନ୍ଥମାନଙ୍କ ପାଦପଦ୍ମରେ ରହି ବିଦ୍ୟା ଅଧ୍ୟୟନ କରୁଥିବାରୁ ଛାତ୍ରଛାତ୍ରୀମାନଙ୍କୁ ସୌଭାଗ୍ୟଶାଳି ବୋଲି ରାଜ୍ୟପାଳ ତାଙ୍କ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ସହିତ ବାର୍ତ୍ତାଳାପ ସମୟରେ ବାଳକର ତାତ୍ୱିକ ଅର୍ଥକୁ ବୁଝାଇବା ବେଳେ ଶିଶୁର ହସକୁ ଜଗନ୍ନାଥଙ୍କ ହସ ସହିତ ତୁଳନା କରିଥିଲେ। ଭଲ ମଣିଷ, ଉଚ୍ଚାକାଂକ୍ଷୀ, ଆଦର୍ଶବାଦୀ, ଚରିତ୍ରବାନ ଓ ରାଷ୍ଟ୍ରଭକ୍ତ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ। ବାଳାଶ୍ରମକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ୫ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ। ଶିକ୍ଷା, କ୍ରୀଡା ଓ ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ରାଜ୍ୟପାଳ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବାଳାଶ୍ରମ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ୱାମୀ ସମର୍ପଣାନନ୍ଦଜୀ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଏକ ତୈଳଚିତ୍ର ପ୍ରଦାନ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଓଡିଶୀ ଓ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବାଳାଶ୍ରମର ଛାତ୍ରଛାତ୍ରୀ, ଗୁରୁଜୀ, ଶିକ୍ଷକ, ଶିକ୍ଷୟତ୍ରୀ, ନିମନ୍ତ୍ରିତ ଅତିଥି, ସ୍ଥାନୀୟ ଜନପ୍ରତିନିଧି, ଜିଲ୍ଲା ସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ର ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଡିସେମ୍ବର ୧୫

# ଓଡ଼ିଶାରେ ମାନବାଧିକାର ଓ ମହିଳାଙ୍କ ଅଧିକାର

ଦେବରଞ୍ଜନ ସାମଲ

ରାଜ୍ୟରେ ମାନବାଧିକାର ଉଲ୍ଲଂଘନ ମାମଲା ବୃଦ୍ଧି ପାଉଛି । ଗତବର୍ଷ ପୁରୀର ବାସେଳିସାହିର ପୁଲିସ ହାଜତ ମୃତ୍ୟୁ ହେଉ କିମ୍ବା ପରୀ ହତ୍ୟା ମାମଲା, ସବୁଥିରେ ମାନବାଧିକାର ଉଲ୍ଲଂଘନ ନଜରକୁ ଆସୁଛି । ବିଶେଷକରି ସାଧାରଣ ଲୋକଙ୍କ ଉପରେ ପୁଲିସ ଅତ୍ୟାଚାର ବଢ଼ିବାରେ ଲାଗିଛି । ପରିସ୍ଥିତି ଏପରି ହେଲାଣି ଯେ, ପୁଲିସର ବରିଷ୍ଠ ଅଧିକାରୀଙ୍କୁ ଥାନାରେ ନିଯୁକ୍ତି ନ ଦେଇ ମାନବାଧିକାର ସଂପର୍କିତ ତାଲିମ ଦେବା ଲାଗି ମାନବାଧିକାର ଆୟୋଗଙ୍କୁ ନିର୍ଦ୍ଦେଶ ଦେବାକୁ ପଡୁଛି । ମଣିଷ, ମଣିଷ ଭଳି ବଞ୍ଚିବ ଓ ମର୍ଯ୍ୟାଦାର ସହ ବଞ୍ଚିବ ଏହା ହେଉଛି ମାନବାଧିକାରର ମୂଳମନ୍ତ୍ର । ମା'ର ଜରାୟୁଠାରୁ ଆରମ୍ଭ କରି ଶ୍ମଶାନ ପର୍ଯ୍ୟନ୍ତ ଜଣେ ବ୍ୟକ୍ତିର ମାନବାଧିକାର ରହିଛି । ମାତ୍ର ଅଧିକାଂଶ କ୍ଷେତ୍ରରେ ମାନବାଧିକାରର ସୁରକ୍ଷା ହୋଇପାରୁ ନାହିଁ । ମାନବାଧିକାରର ପରିସୀମା କେବଳ ପୁଲିସର ଅତ୍ୟାଚାର, ହାଜତ ମୃତ୍ୟୁ କିମ୍ବା ଏନକାଉଣ୍ଟରରେ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ଭିତରେ ସୀମିତ ରହିନାହିଁ । ବର୍ତ୍ତମାନ ପରିସ୍ଥିତିରେ ମାନବାଧିକାର ବେଶ ବ୍ୟାପକ ହୋଇଛି । ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ଭଳି କ୍ଷେତ୍ରରେ ମାନବାଧିକାରକୁ ଗୁରୁତ୍ୱ ଦିଆଯାଉଛି । ମାନବାଧିକାରର ସୁରକ୍ଷା ଦିଗରେ ଓଡ଼ିଶାର ସ୍ଥିତି ମଧ୍ୟ ଉଦ୍‌ବେଗଜନକ ରହିଛି । ପ୍ରତିବର୍ଷ ରାଜ୍ୟରେ ଶହ ଶହ ମାମଲା ରାଜ୍ୟ ମାନବାଧିକାର କମିସନ ସହିତ ଜାତୀୟ ମାନବାଧିକାର କମିସନରେ ଅଭିଯୋଗ ହେଉଛି । ରାଜ୍ୟରେ ଚଳିତବର୍ଷ ଅକ୍ଟୋବର ମାସ ସୁଦ୍ଧା ରାଜ୍ୟରେ ୧୪,୮୮୭ ମାମଲା ବଢ଼ି ଚାଲିଛି । ସେହିପରି ଗତ ୨୦ ବର୍ଷ ଭିତରେ ଜାତୀୟ ମାନବାଧିକାର କମିସନରେ ୭୩ ହଜାରରୁ ଅଧିକ ମାମଲା ଦାୟର ହୋଇଛି । ତେଣୁ ମାନବାଧିକାରର ସୁରକ୍ଷା ଦିଗରେ ରାଜ୍ୟର ସ୍ଥିତି ଏଥିରୁ ସହଜରେ ଅନୁମେୟ । କେବଳ ବ୍ୟକ୍ତିଗତ ମାନବାଧିକାର ଉଲ୍ଲଂଘନର ବିଚାର ଦିଗରେ କମିସନ ଯେତିକି ଗୁରୁତ୍ୱ ଦେଉଛନ୍ତି ନୀତିଗତ ବୃହତ୍ତର ସ୍ୱାର୍ଥ କ୍ଷେତ୍ରରେ କମିସନର ସେଭଳି ଆଗ୍ରହ ଦେଖାଉ ନାହାନ୍ତି । ସେହିପରି ଅନେକ କ୍ଷେତ୍ରରେ କମିସନ ମାନବାଧିକାର ଉଲ୍ଲଂଘନ ବିଚାର କରି ଯେଉଁ ନିର୍ଦ୍ଦେଶ ଦେଉଛନ୍ତି ସରକାରୀ ସ୍ତରରେ ମଧ୍ୟ ଏହାକୁ ଠିକ୍‌ରେ ପାଳନ କରାଯାଉ ନାହିଁ । ମାନବାଧିକାର କେବଳ ମାନବାଧିକାର କମିସନ ମଧ୍ୟ ସୀମିତ ନୁହେଁ ।

ଓଡ଼ିଶାରେ ମାନବିକ ଅଧିକାର କେତେ ଅନୁପାଳିତ ହେଉଛି ତାହା ଏଠାରେ ଗୋଟିଏ ଉଦାହରଣରୁ ସ୍ପଷ୍ଟ ହୋଇଯିବ ଯାହାକୁ ଆମେ ଉଲ୍ଲେଖ କରୁଛୁ । ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗାଡ଼କଣାର ବୟସ୍କା ସମାଜ ସେବିକା ବାସନ୍ତୀ ଆଚାର୍ଯ୍ୟ ଘରେ ନଥିବାବେଳେ ତାଙ୍କ ସ୍ୱାମୀ ଶଷୀକାନ୍ତ ଆଚାର୍ଯ୍ୟ, ସାବତପୁଅ ସତ୍ୟଜିତ ଓ ସାବତ ବୋହୂ ରୀତା ଆଚାର୍ଯ୍ୟ ତାଲା ଭାଙ୍ଗି ସମସ୍ତ ଆସବାସପତ୍ର ଓ ଘରକୁ ନିଜ କବ୍ଜାକୁ ନେଇଗଲେ । ସ୍ଥାନୀୟ ଆଇଆଇସି ସୁଧୀର ସାହୁ, ଏସପି, ଡିସିପିଙ୍କ ସମ୍ଭବତଃ ଅନୁମତି ନେଇ ସେମାନେ ଏହି କଳାକାରନାମା କରିଛନ୍ତି । ଉଚ୍ଚକର୍ତ୍ତୃପକ୍ଷଙ୍କ ପାଖକୁ ଅଭିଯୋଗ ପାଇଁ ଗଲାବେଳକୁ ସମସ୍ତେ କହୁଛନ୍ତି ଏହା ସିଭିଲ କେସ । ଜଣେ ନଥିବାବେଳେ ଜଣଙ୍କ ଘର ଅକ୍ତିଆର କରିବା, ତାଲା ଭାଙ୍ଗିବା, ମାଡ଼ ମାରିବା, ବିଷାକ୍ତ ଛୁଞ୍ଚି ଫୋଡ଼ିବା ଏହା କେଉଁ ଦିନ ସିଭିଲ କେସ ପର୍ଯ୍ୟାୟରେ ଭାରତୀୟ ସମ୍ବିଧାନ ଉଲ୍ଲେଖ କରିସାରିଲାଣି ଆମେ ଜାଣୁନା । ବଡ଼ ଦୁର୍ଭାଗ୍ୟର କଥା ଏହି ତଥାକଥିତ ବାହାରକୁ ଭଦ୍ରମୁଖା ଦେଖାଇ ଚମତ୍କାର ଅଭିନୟ କରୁଥିବା ଶଷୀକାନ୍ତ ଆଚାର୍ଯ୍ୟ ଏପରି କାର୍ଯ୍ୟରୁ ବିରତ ରୁହନ୍ତୁ ବୋଲି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଚୌଧୁରୀଙ୍କ ଝିଅ କୃଷ୍ଣା ମହାନ୍ତି, ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନର ସଭାପତି ପଦ୍ମଚରଣ ନାୟକ ଅନୁରୋଧ ପୂର୍ବକ ଯେତେ ବୁଝେଇଲେ ମଧ୍ୟ ଶଷୀକାନ୍ତ ଆଚାର୍ଯ୍ୟ ନିଜ କ୍ଷମତା, ଅର୍ଥ ଓ ପ୍ରତିପତ୍ତିକୁ ଦେଖାଇ ଜୁଲମ କରୁଛନ୍ତି । ଦୁର୍ଭାଗ୍ୟର କଥା ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇଲା ପରେ ମନୋଜ ସ୍ୱାଇଁ ନାମକ ଜଣେ ଭଦ୍ର ବ୍ୟକ୍ତି । ଏହି ବ୍ୟକ୍ତି ବାସନ୍ତୀ ଆଚାର୍ଯ୍ୟଙ୍କୁ ତାଙ୍କ ଆଡୁ ଫୋନ କରି ମୁଁ ପାଣ୍ଡିଆନଙ୍କ ପିଏ କହୁଛି ମୋତେ ରାତି ଦଶଟା ପରେ ଫୋନ କରନ୍ତୁ । ବିଭିନ୍ନ ଅଭଦ୍ର କଥା କହି ଏହି ତଥାକଥିତ କଜଳପାତିଆ ଭଦ୍ର ଲୋକ କୌଣସି ଅସତ୍ ଉଦ୍ଦେଶ୍ୟ ସମ୍ଭବତଃ ରଖିଛନ୍ତି । ଓଡ଼ିଶାରେ ମାଆକୁ ସମ୍ମାନ ଦେଉଥିବା ଲୋକପ୍ରିୟ ସରକାରଙ୍କ ୫ଟି ସଚିବଙ୍କ ନାମ ନେଉଥିବା ଏହି ଭଦ୍ରମୁଖାଧାରୀଙ୍କ ଅସଲ ଚେହେରା ସମ୍ବନ୍ଧରେ ମଧ୍ୟ ତଦନ୍ତ କରାଯାଉ ।

ବର୍ତ୍ତମାନ ସମୟରେ ବାଳଶ୍ରମିକ ବିଶେଷକରି ଅସହାୟ ଗରିବ ପିଲାମାନଙ୍କୁ ଥଇଥାନ କରାଯାଉଥିବା କେନ୍ଦ୍ର ପାଇଁ ସରକାର ଓ ଅନେକ ଦାତବ୍ୟ ଅନୁଷ୍ଠାନ, ବ୍ୟକ୍ତିବିଶେଷ ଅପରିଯ୍ୟାପ୍ତ ସହଯୋଗ ଦେଉଛନ୍ତି । ସେମାନଙ୍କର ତଥାକଥିତ ପରିଚୟ ନଥିଲେ ବି ସେମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରି ଅନ୍ୟମାନଙ୍କ ସହ ସମକକ୍ଷ କରିବା ପାଇଁ ଏହା ଏକ ସାଧୁ ଉଦ୍ୟମ । ସରକାରଙ୍କ ସହ ଅନେକ ବେସରକାରୀ ସଙ୍ଗଠନ ଓ ଲୋକମାନେ ମଧ୍ୟ ଏ କ୍ଷେତ୍ରରେ ହାତ ଖୋଲା ଖର୍ଚ୍ଚ କରୁଛନ୍ତି । ତେବେ ଦୁର୍ଭାଗ୍ୟର ବିଷୟ ଗାଡ଼କଣାସ୍ଥିତ ଶଷୀକାନ୍ତ ଆଚାର୍ଯ୍ୟଙ୍କ ଘରେ ଜଣେ ବାର ତେର ବର୍ଷର ନାବାଳକକୁ ଜୋର ଜବରଦସ୍ତ ଘର ଭିତରେ ରଖି ଅତ୍ୟାଚାର କରିବା ସହ ନିଷ୍ଠୁର ଭାବେ ବ୍ୟବହାର ଦେଖାଇ ତାଠାରୁ କାର୍ଯ୍ୟ ହାସଲ କରୁଛନ୍ତି । ବିଚରା ଅସହାୟ ଗରିବ ପିଲାଟି ଦାନା ଗଣ୍ଡାଏ ପାଇଁ ଏଠି ଅତ୍ୟାଚାର ଜୁଲମ ସହୁଛି । ଇଏ ହେଉଛି ଶଷୀକାନ୍ତ ଆଚାର୍ଯ୍ୟଙ୍କ ପରିଚାଳନାରେ ରାଉରକେଲାରେ ଥିବା ଏକ ଦାତବ୍ୟ ସଙ୍ଗଠନର ଅନ୍ତେବାସୀ । କିନ୍ତୁ ରାଉରକେଲାର ଅନ୍ତେବାସୀ ଜଣଙ୍କ ଅନୁଷ୍ଠାନର ମୁଣ୍ଡିଆଳ ଶଷୀକାନ୍ତ ଆଚାର୍ଯ୍ୟଙ୍କ ଘରେ ଚାକର ପରି କାର୍ଯ୍ୟ କରୁଛନ୍ତି । ଏ କାର୍ଯ୍ୟରେ ଶଷୀକାନ୍ତ ବାବୁଙ୍କୁ ସାହାଯ୍ୟ କରୁଥିବା ତାଙ୍କ ପ୍ରଥମ ସ୍ତ୍ରୀଙ୍କ ପୁଅ ସତ୍ୟଜିତ ଓ ରୀତା ଯେଉଁମାନେ କି ଅଦାଲତରୁ ଜାମିନରେ ଆସିଛନ୍ତି । ତଥାକଥିତ ଏହି ଘୃଣ୍ୟ ଅପରାଧୀମାନେ ଜେଲ ଫେରନ୍ତା ହୋଇମଧ୍ୟ ସେମାନଙ୍କର ଚୋର ମୁହଁ ଟାଣ ପରି ମୁହଁ ତୋଡ଼ ଯାଇନି । ବାପ ସେ ବେଟା ଯାଦା ପରି ଶଷୀକାନ୍ତ ଆଚାର୍ଯ୍ୟଙ୍କ ଠାରୁ ତାଙ୍କ ପୁଅ ସତ୍ୟଜିତର ଗୁଣ୍ଡାମୀ ଓ ଦାଦାଗିରି ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇଛି । ତାଙ୍କ ବୋହୂ ରୀତା ଆଚାର୍ଯ୍ୟ ଭୁବନେଶ୍ୱର ସାଂସଦଙ୍କ ସହ ଉଠାଇଥିବା ଫଟୋ ସୋସିଆଲ ମିଡ଼ିଆରେ ଓ ସମସ୍ତଙ୍କୁ ଦେଖାଇ ନିଜ ମିଛ କ୍ଷମତା ଓ ପ୍ରତିପତ୍ତି ଦେଖାଉଛନ୍ତି । ରାଜ୍ୟରେ ମାନବାଧିକାରର ସୁରକ୍ଷା ପାଇଁ ଯେଉଁ ବାତାବରଣ ସୃଷ୍ଟି ହେବାର ଆବଶ୍ୟକତା ରହିଛି ତାହା ସୃଷ୍ଟି କରିବାରେ ସବୁ କମିସନ ବିଫଳ ହୋଇଛନ୍ତି । ସବୁ ଲୋକ ନିଜର ଅଭିଯୋଗ ନେଇ କମିସନକୁ ଆସିପାରିବେ ନାହିଁ, ଏହାସତ୍ତ୍ୱେ ମଧ୍ୟ ସେମାନଙ୍କର କିଭଳି ମାନବାଧିକାର ସୁରକ୍ଷିତ ରହିବ ତାହାକୁ ଗୁରୁତ୍ୱ ଦେବାର ସମୟ ଆସିଯାଇଛି । ପଡ଼ି ରହିଥିବା ମାମଲାଗୁଡ଼ିକର ତ୍ୱରିତ ବିଚାର ହେବ କମିସନ ଏଥିପାଇଁ ଏକ ମେକାନିଜିମ୍ ପ୍ରସ୍ତୁତ କରିବା ଦରକାର । ଏହାସହ ଜନସ୍ୱାର୍ଥ ମାମଲା ଗୁଡ଼ିକର ତ୍ୱରିତ ବିଚାର କରାଯିବାର ଆବଶ୍ୟକତା ରହିଛି । ରାଜ୍ୟ ସରକାର ମାନବାଧିକାରକୁ କମ୍ ଗୁରୁତ୍ୱ ଦେଉଛନ୍ତି । ଏପରିକି କମିସନ ଯେଉଁ ମାମଲାଗୁଡ଼ିକରେ କ୍ଷତିପୂରଣ ପ୍ରଦାନ କରିବା ଲାଗି ନିର୍ଦ୍ଦେଶ ଦେଉଛନ୍ତି, ସେଠାରେ ସରକାର କ୍ଷତିପୂରଣ ପ୍ରଦାନ କରିବା ଲାଗି ନିଜର ଅସମର୍ଥତା ପ୍ରକାଶ କରୁଛନ୍ତି । ଏହାସହ କମିସନ ଯେଉଁ ଘଟଣାରେ ନିର୍ଦ୍ଦିଷ୍ଟ ସମୟ ଭିତରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ଲାଗି ନିର୍ଦ୍ଦେଶ ଦେଉଛନ୍ତି, ଠିକଣା ସମୟରେ ତଦନ୍ତ ରିପୋର୍ଟ ଆସିପାରୁ ନାହିଁ ବୋଲି ସେ କହିଛନ୍ତି । ରାଜ୍ୟ ମାନବାଧିକାର କମିସନର ସଦସ୍ୟ ଅସୀମ ଅମିତାଭ ଦାସ କହିଛନ୍ତି, ଓଏଚ୍‌ଆରସି ଏବେ ପୂର୍ଣ୍ଣ ସଦସ୍ୟକୁ ନେଇ କାର୍ଯ୍ୟ କରୁଛି । ପୂର୍ବରୁ ଯେଉଁ ପୁରୁଣା ମାମଲା ପଡ଼ି ରହିଛି ସେସବୁର ବିଚାର କରିବା ଲାଗି ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି । କେବଳ ବ୍ୟକ୍ତିଗତ ସ୍ତରରେ ଯେଉଁ ଅଭିଯୋଗ ହେଉଛି ତା ନୁହେଁ, ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ମଧ୍ୟ କମିସନ ବିଚାର କରୁଛନ୍ତି । ଟ୍ରାଫିକ ସମସ୍ୟା ହେଉ ବା କୋଭିଡ଼ ଓ କଟକର ବିଭିନ୍ନ ସମସ୍ୟା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ମାତ୍ର ବର୍ତ୍ତମାନ ସମୟରେ ମଧ୍ୟ ଅନେକ ଲୋକ ସେମାନଙ୍କର ମାନବାଧିକାର ସଂପର୍କରେ ସଚେତନ ନୁହନ୍ତି । ତେଣୁ ଆଗାମୀ ଦିନକରେ ରାଜ୍ୟବ୍ୟାପୀ ବିଭିନ୍ନ ସ୍ଥାନରେ ଜନସଚେତନତା ଶିବିର ଆୟୋଜନ କରିବା ପାଇଁ ଲକ୍ଷ୍ୟ ରଖିଛି ।

*-ବରିଷ୍ଠ ଆଇନଜୀବୀ, ସୁପ୍ରିମକୋର୍ଟ ଅଫ ଇଣ୍ଡିଆ, ୧୨୪ନର୍ଥ ଆଭେନ୍ୟୁ, ନୂଆଦିଲ୍ଲୀ*

## ଜୀବନର ଲକ୍ଷ୍ୟ



ସନାତନ ସଂସ୍କୃତିରେ ଋଷି ମୁନିମାନେ ହେଉଛନ୍ତି ସୃଷ୍ଟି ବିକାଶ ଓ ବିସ୍ତାରର ମୂଳ ଉତ୍ସ । ବ୍ରହ୍ମା ସୃଷ୍ଟି ସଂରଚନା ପାଇଁ ସପ୍ତ ଋଷିଙ୍କୁ ସୃଷ୍ଟି କରିବା ସହିତ ସେମାନଙ୍କ ଉପରେ ସୃଷ୍ଟି ବିସ୍ତାରର ଭାର ନ୍ୟସ୍ତ କରିଥିଲେ । ସେହିମାନେ ହେଉଛନ୍ତି ଆମ୍ଭମାନଙ୍କର ଆଦି ପୁରୁଷ । ତେଣୁ ସମସ୍ତ ଭାରତୀୟମାନେ କୌଣସି ନା କୌଣସି ଋଷିଙ୍କ ନାମ ବା ଗୋତ୍ର ଅନୁସାରେ ନାମିତ । ସେହି ମାନଙ୍କୁ ନେଇ ଆମ୍ଭମାନଙ୍କର ବଂଶ ପରିଚୟ । ସେମାନେ ସତ୍ୟ ଦ୍ରଷ୍ଟା ଏବଂ ମନ୍ତ୍ର ଦ୍ରଷ୍ଟା । ସେହି ମାନଙ୍କ ତପ ଓ ପୂଣ୍ୟ ପ୍ରଭାବରେ ସୃଷ୍ଟି ତିଷ୍ଠି ରହିଛି । ସନାତନ ଧର୍ମର ଶାଶ୍ୱତ ପ୍ରବାହ ସେମାନଙ୍କ ସାଧୁତା ପ୍ରଭାବରେ ଗଡ଼ି ଚାଲିଛି । ଏହି ମହାତ୍ମାମାନେ ଆମ୍ଭ ମାନଙ୍କର ପୂଜ୍ୟ ତଥା ଗର୍ବ ଏବଂ ଗୌରବ । ସେହିମାନଙ୍କୁ ଆମେ ସାଧୁ ବୋଲି କହିଥାଉ ଯେଉଁମାନେ ସର୍ବଦା ସମସ୍ତଙ୍କର ହିତ ସାଧନାରେ ରତ ଥାଆନ୍ତି । 'ସର୍ବ ଭୂତ ହିତ ରତଃ' - ଯିଏ ସର୍ବଦା ସର୍ବ ଭୂତଙ୍କ ହିତ କାମନା କରନ୍ତି ସେ ସାଧୁ । ସେହିମାନଙ୍କ ଆଦର୍ଶ ଓ ନିର୍ଦ୍ଦେଶିତ ପଥରେ ଯେଉଁମାନେ ଯେତେ ଅନୁପ୍ରାଣୀତ ସେମାନେ ସେତିକି ସମାଜରେ ଆଦୃତ ଓ ମହାନ ହୋଇଛନ୍ତି । ସେହି ନ୍ୟାୟରେ ଆମର ପୂର୍ବଜ ପିତୃ ପୁରୁଷ, ଗୁରୁ ଗୁରୁଜନ ଓ ଆଦର୍ଶ ସ୍ଥାନୀୟ ବ୍ୟକ୍ତି ମାନଙ୍କୁ ଆମେ ସାଧୁ ମହାତ୍ମା କହି ସମ୍ମାନ କରିଥାଉ । ସେହି ମାନଙ୍କର ଉପସ୍ଥିତି, ଆଶୀର୍ବାଦ ଓ ପୂଣ୍ୟ ପ୍ରଭାବରେ ଆମ୍ଭମାନଙ୍କର ଜୀବନ ସରସ, ସୁନ୍ଦର, ସୁଗମ ହୋଇଥାଏ । ଏହି ପୂଣ୍ୟଶାଳୀ ସାଧୁ ସନ୍ଥମାନେ ହେଉଛନ୍ତି ଏ ଧରଣୀର ଆଶୀର୍ବାଦ । ସେମାନଙ୍କ ପୂଣ୍ୟ ପ୍ରଭାବ ଏ ଧରଣୀକୁ ଧାରଣ କରି ରଖିଛି । ସନାତନ ଧର୍ମଧାରାରେ ଏମାନେ ସର୍ବମାନ୍ୟ ଅଟନ୍ତି । ପିତାମାତା ଗୁରୁ ହେଉଛନ୍ତି ସନ୍ତାନ ପାଇଁ ରକ୍ଷା କବଚ । ଗୁରୁ ମଧ୍ୟ ପିତା ପ୍ରତିମ ଅଟନ୍ତି । କଥାରେ ଅଛି ପିତା ଥିବା ପୁତ୍ର ସଭାରେ ହାରେ ନାହିଁ । ପିତାମାତା ବଞ୍ଚିଥିଲେ ସନ୍ତାନ ଉପରେ ଗ୍ରହ ମାନଙ୍କ କୁପ୍ରଭାବ ପିଡ଼ା ମଧ୍ୟ ଉଣା ହୋଇଥାଏ ବୋଲି କୁହାଯାଇଛି । ସନ୍ଥ ତୁଳସୀ ଦାସ ତାଙ୍କ ପ୍ରସିଦ୍ଧ ଶ୍ରୀରାମଚରିତ ମାନସ ଗ୍ରନ୍ଥରେ ଶ୍ରୀରାମଙ୍କ ମୁଖରେ ପ୍ରକାଶ କରିଛନ୍ତି 'ମାଥେ ପର ଗୁରୁ ମୁନିମିଥିଲେସ । ତୁହା ହି ଦମାହି ସପନେଇ ନ କଲେସ' । ଆମ ମଥା ଉପରେ ଗୁରୁ ଏବଂ ମିଥିଳାଧିପତିଙ୍କ ଆଶୀର୍ବାଦ ଥିବାରୁ ସ୍ୱପ୍ନରେ ସୁଧା ଆମର କିଛି ବିପଦ ନାହିଁ । ପୂଣ୍ୟଶାଳୀ ବ୍ୟକ୍ତିଙ୍କ ଉପସ୍ଥିତି, ଆଶୀର୍ବାଦ ଓ ମାର୍ଗଦର୍ଶନ କଲ୍ୟାଣକାରୀ ଅଟେ । ସେଥିପାଇଁ ସମସ୍ତ ଶୁଭାଶୁଭ କାର୍ଯ୍ୟରେ ଆମେ ପୂଜ୍ୟ ବ୍ୟକ୍ତିମାନଙ୍କର ଆଶୀର୍ବାଦ ନେଇଥାଉ । ଯଦି ଆମ ଘରେ କିମ୍ବା ଆଖପାଖରେ କେହି ପୂଣ୍ୟଶାଳୀ ବ୍ୟକ୍ତି ରହୁଥାନ୍ତି ତେବେ ତାଙ୍କ ପୂଣ୍ୟ ପ୍ରଭାବରେ ଆମ ପାଖକୁ ବିପଦ ଆସିପାରିବ ନାହିଁ । ଏହା ସନାତନ ସିଦ୍ଧାନ୍ତ ଅଟେ । ଯେଉଁ ପର୍ଯ୍ୟନ୍ତ ଲଙ୍କାପୁରରେ ପୂଣ୍ୟାତ୍ମା ବିଭୀଷଣ ଥିଲେ ସେ ପର୍ଯ୍ୟନ୍ତ ଲଙ୍କାରେ କିଛି ବିପଦ ନଥିଲା । ଯେବେ ରାବଣ ଲଙ୍କାପୁରରୁ ବିଭୀଷଣଙ୍କୁ ବିତାଡ଼ିତ କରିଦେଲା ସେବେଠାରୁ ଲଙ୍କାରେ ବିପଦ ମାଡ଼ି ଆସିଲା । ସ୍ୱର୍ଣ୍ଣମୟୀ ଲଙ୍କା ଛାରଖାର ହୋଇଗଲା । ଠିକ ସେହିଭଳି ଯେତେ ଦିନ ଯାଏ ମହାତ୍ମା ବିଦୁର ହସ୍ତିନାରେ ଥିଲେ ସେତେ ଦିନ ଯାଏ ହସ୍ତିନା ସମେତ କୁରୁକୁଳ ସର୍ବ ବିପଦରୁ ମୁକ୍ତ ଥିଲେ । ଯେଉଁ ଦିନ ହସ୍ତିନାରୁ ମହାତ୍ମା ବିଦୁରଙ୍କୁ ଅପମାନିତ କରି ତଡ଼ି ଦିଆଗଲା ସେବେଠାରୁ କୁରୁବଂଶ ପତନ ଆଡ଼କୁ ଧାବିତ ହେଲା । ଏପରି ହେଲା କୁରୁ ବଂଶରେ ଶୋକ କରିବା ପାଇଁ ମଧ୍ୟ କେହି ରହିଲେ ନାହିଁ । ରାଜପଣ ଗଲା, ବଂଶଧ୍ୱଂସ ହୋଇଗଲା । କୁକର୍ମ ପ୍ରଭାବରେ ପାପ ବଢ଼ିଯାଏ, ଯାହାଫଳରେ ଗୁରୁ ଗୁରୁଜନଙ୍କ ଆଶୀର୍ବାଦ ରୂପକ ରକ୍ଷା କବଚ ମଥା ଉପରୁ ହଟିଯାଏ । ସବୁବେଳେ ଗୁରୁ ଗୁରୁଜନଙ୍କ ଆଶୀର୍ବାଦ ଜୀବନରେ ସଫଳତା ଓ ସୁଖ ଶାନ୍ତି ପାଇଁ ଆବଶ୍ୟକ । ସେଥିପାଇଁ କୁହାଯାଇଛି ସକାଳୁ ଉଠି ପ୍ରଥମେ ଗୁରୁ ଗୁରୁଜନ ମାନଙ୍କୁ ପ୍ରଣାମ କରିବ । ଆଶୀର୍ବାଦ ନେବ । ଭଗବାନ ଶ୍ରୀରାମଚନ୍ଦ୍ର ମଧ୍ୟ ପ୍ରାତଃ କାଳରୁ ଶଯ୍ୟା ତ୍ୟାଗ କରି ପ୍ରଥମେ ମାତା ପିତା ଗୁରୁଜନମାନଙ୍କୁ ପ୍ରଣାମ କରୁଥିଲେ । ଶ୍ରୀରାମ ଚରିତ ମାନସରେ ସନ୍ଥ ତୁଳସୀ ଦାସ ଲେଖିଛନ୍ତି-'ପ୍ରାତକାଳ ଉଠି କେ ରଘୁନାଥ । ମାତୃ ପିତା ଗୁରୁ ନା ବହି ମାଥା ।' ବାଳକାଣ୍ଡ-୨୦୫ ଦୋହା ପୂଣ୍ୟଶାଳୀ ବ୍ୟକ୍ତିଙ୍କ ଉପସ୍ଥିତି ଅଶେଷ କଲ୍ୟାଣକାରୀ । ସେମାନଙ୍କ ପୂଣ୍ୟ ପ୍ରଭାବ ଆମ୍ଭମାନଙ୍କର ରକ୍ଷା କବଚ । ଏହି ସଂସାର ହେଉଛି ଈଶ୍ୱରଙ୍କର । ଆମେ ସମସ୍ତେ ତାଙ୍କର ଅଂଶବିଶେଷ । ଏହି ସାରା ବସୁଧା ଆମର 'ମା' । ଆମେ ସମସ୍ତେ ତାର ସନ୍ତାନ । ତେଣୁ ବିଭେଦ ନକରି ପ୍ରେମର ସହିତ ସହମତିରେ ବଞ୍ଚିବା ଉଚିତ । କେବେ କାହାର ଅମଙ୍ଗଳ ଚିନ୍ତା କରିବା ନାହିଁ । କାହାର କ୍ଷତି କରିବା ନାହିଁ । କାହାକୁ ଅପମାନିତ କରିବା ନାହିଁ । କାରଣ ଅପମାନର କ୍ଷତ ଭରିବା ଭାରି କଷ୍ଟ । ଥଟା ମଜାରେ ହେଉ ଅଥବା ଅସୁୟା ବସତ ହେଉ ଅପମାନ ଜନକ ବାଣୀ ବହୁ ସମୟରେ ପରମାଣୁ ବୋମାଠାରୁ ମଧ୍ୟ ଭୟଙ୍କର ହୋଇଥାଏ । ଅପମାନ ଜନକ କଟୁକଥା ବେଳେ ବେଳେ ମହା ବିନାଶକୁ ଆମନ୍ତ୍ରଣ କରିଥାଏ । ମହାପ୍ରଳୟର କାରଣ ହୋଇଥାଏ । ଶାସ୍ତ୍ର ପୁରାଣ ଇତିହାସରେ ଏହାର ଅନେକ ଉଦାହରଣ ରହିଛି । ଆମ ମୁନିଋଷିମାନେ କଠୋର ତପସ୍ୟା ଦ୍ୱାରା ଯେଉଁ ସତ୍ୟ ଦର୍ଶନ କରିଥିଲେ, ସେମାନଙ୍କର ସେହି ଅମୂଲ୍ୟ ଅନୁଭବ ସବୁକୁ ଆମ୍ଭମାନଙ୍କ ପାଇଁ ଆପଣା ସାହିତ୍ୟରେ ସାଇତି ରଖିଛନ୍ତି । ସେମାନେ କହିଛନ୍ତି ଏ ସଂସାରରେ ତିନିଗୋଟି ବସ୍ତୁ ଦୁର୍ଲଭ । ସେ ସବୁ ହେଲେ ମାନବ ଶରୀର ପ୍ରାପ୍ତ ହେବା, ଏହି ଶରୀରରେ ମୁକ୍ତି ପାଇବାର ଇଚ୍ଛା ଜାଗ୍ରତ ହେବା ଓ ମହାପୁରୁଷ ମାନଙ୍କ ସତସଙ୍ଗ ପ୍ରାପ୍ତ ହେବା । ଏହି ତିନିଗୋଟି ଦୁର୍ଲଭ ବସ୍ତୁ ଈଶ୍ୱରଙ୍କ କୃପାରୁ ପ୍ରାପ୍ତ ହୋଇଥାଏ । ଆମର ପରମ ସୌଭାଗ୍ୟ ଯେ ଆମକୁ ପୂଣ୍ୟଭୂମି ଭାରତ ବର୍ଷରେ ମାନବ ଜନ୍ମ ପ୍ରାପ୍ତ ହୋଇଛି । ଏହି ଦେଶ ସାଧୁ ସନ୍ଥମାନଙ୍କର ଦେଶ । ଦେବୀ ଦେବତାଙ୍କ ଦେଶ, ପିତା, ମାତା ଏଠି ପ୍ରଥମ ଦେବତା । ବେଦ ବେଦାନ୍ତ, ପୁରାଣଶାସ୍ତ୍ର ଆଦି ଅମୂଲ୍ୟ ଗ୍ରନ୍ଥ ସବୁ ସତସଙ୍ଗ ଓ ସ୍ୱାଧ୍ୟାୟ ପାଇଁ ଉପଲବ୍ଧ ଅଛନ୍ତି । ଏମାନେ ସମସ୍ତେ ଆମକୁ ସର୍ବଦା ଆତ୍ମ କଲ୍ୟାଣର ମାର୍ଗ ନିର୍ଦ୍ଦେଶ କରୁଛନ୍ତି । ମୁକ୍ତି ହେଉଛି ଶ୍ରେଷ୍ଠ ପୁରୁଷାର୍ଥ । ଦୁଃଖରୁ ମୁକ୍ତି ଓ ସୁଖାନନ୍ଦରେ ନିତ୍ୟ ନିବାସ ପ୍ରତ୍ୟେକ ଜୀବନର ଲକ୍ଷ୍ୟ । ଜୀବନର ଏହି ମହତ ମୂଲ୍ୟବୋଧକୁ ହୃଦୟଙ୍ଗମ କରିବା ଦରକାର । ସାଧୁସନ୍ଥ ମହାତ୍ମା ମାନଙ୍କର ସାନିଧ୍ୟ, ସତସଙ୍ଗ, ସତ ଶାସ୍ତ୍ର, ସ୍ୱାଧ୍ୟାୟ, ଗୁରୁ ଗୁରୁଜନ ସେବା ଓ ପ୍ରେମ ଭକ୍ତି ଦ୍ୱାରା ଆତ୍ମ କଲ୍ୟାଣ ସମ୍ଭବ ହୋଇପାରିବ । ଶାସ୍ତ୍ର କହୁଛନ୍ତି ଉଠ, ଜାଗ୍ରତ ହୁଅ, ଆପଣା ଜୀବନର ଲକ୍ଷ୍ୟରେ ଉପନୀତ ହୁଅ । ସର୍ବତ୍ର ଅମୃତର ଅନୁଭବ କର । ସାରା ସୃଷ୍ଟି ଧୀରେ ଧୀରେ ଅମୃତମୟ ହୋଇଉଠିବ । ଏହା ହେବ ପୂଣ୍ୟ ପ୍ରଭାବର ପ୍ରକୃଷ୍ଟ ପରିପ୍ରକାଶ ।

**ହେମନ୍ତ କୁମାର ପରିଡ଼ା**, ମାଳତୀ କୁଞ୍ଜ, ପ୍ଲଟ ନଂ-୫୨୭/ଡ଼ି, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ: ୮୯୧୭୬୭୮୧୫୯/୮୭୩୧୦୭୧୨୬

## ଆତ୍ମାର ଆଲୋକ

ଅନୀତା ପଟ୍ଟନାୟକ



ରାସ୍ତାରେ ଥକ୍କା ମାରି ଶରୀରଟି ବସି ପଡ଼ିଲା । ଶୂନରୁ ଆରମ୍ଭ ହୋଇଥିବା ଶରୀରକୁ ଆଜି ୮୦ ବର୍ଷ । କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଏହି ଷଡ଼ରିପୁଙ୍କୁ ପଚାରିଲା ଭାଇମାନେ ତୁମକୁ କିପରି ଲାଗୁଛି ? ସେମାନେ ଏକସ୍ୱରରେ କହି ଉଠିଲେ ଆମେ ତୁମ ଭିତରେ ଅଛୁ ସତ ହେଲେ ଆମ ମନର ଆଲୋକରେ ଆଲୋକିତ । ମନ ନଥିଲେ ଆମର ତୁମ ଶରୀର ଭିତରେ ଅସ୍ତିତ୍ୱ ନାହିଁ ।

ଶରୀର ମନକୁ ପଚାରିଲା ଆଜି କିପରି ଲାଗୁଛି ? ମନ କହି ଉଠିଲା ଭାଇ ଶରୀର ମୁଁ ତ କେତେକ ଚିନ୍ତାର ସମଷ୍ଟି ମାତ୍ର । ମୋର କାମ ଷଡ଼ରିପୁଙ୍କୁ ଆଲୋକିତ କରିବା ଓ କାମନାଗୁଡ଼ିକୁ ସୃଷ୍ଟି କରିବା ଓ ତାର ପୂରଣ ନିମନ୍ତେ ତୁମକୁ ଖଟାଇବା । ପ୍ରକୃତ ପକ୍ଷେ କହିବାକୁ ଗଲେ ତୁମର ଶରୀରରେ ଥାଇ ମଧ୍ୟ ମୋର ଅସ୍ତିତ୍ୱ ନାହିଁ । ମତେ କେହି ଦେଖିପାରନ୍ତି ନାହିଁ କାରଣ ମୁଁ ବୁଦ୍ଧିର ଆଲୋକରେ ଆଲୋକିତ ମୋର ନିଜର ଆଲୋକ ନାହିଁ ।

ଶରୀର ବୁଦ୍ଧିକୁ ପଚାରିଲା ଭାଇ କିପରି ଅଛ ? ବୁଦ୍ଧି କହିଲା କ'ଣ କହିବି ? ମନକୁ ଆଲୋକିତ କରିବାକୁ ଚେଷ୍ଟା କରି ଅନେକ ସମୟରେ ମୁଁ ବିଫଳ ହେଉଛି । କାରଣ ମନ ଇନ୍ଦ୍ରିୟମାନଙ୍କ ଦ୍ୱାରା ପରିଚାଳିତ ହୋଇ ବେଳେ ବେଳେ ମତେ ଉପେକ୍ଷା କରୁଛି । ମୁଁ ତୁମ ଭିତରେ ଅଛି ସତ କିନ୍ତୁ ମତେ ପଚାରେ କିଏ ? ମତେ କେହି ଦେଖି ପାରନ୍ତି ନାହିଁ କାରଣ ମୋର ଅସ୍ତିତ୍ୱ କହିଲେ ବିବେକକୁ ବୁଝାଏ । ବିବେକର ଆଲୋକରେ ମୁଁ ଆଲୋକିତ । ଦେଖୁନ ବୁଦ୍ଧି ଥାଇ ମଧ୍ୟ ଏ ମନ ଶରୀର ଭିତରେ ଇନ୍ଦ୍ରିୟମାନଙ୍କ ଦ୍ୱାରା କବଳିତ ହୋଇ କ'ଣ କରୁଛି ? ଛି ମୋ ବୁଦ୍ଧିକୁ । ମୋର ଆଲୋକରେ ମନ ଆଲୋକିତ, କିନ୍ତୁ ମୋ' ଦ୍ୱାରା ସେ ପରିଚାଳିତ ହେବାକୁ ଚାହୁଁନାହିଁ । ଶରୀର ଏଥର ବୁଦ୍ଧି ପାଖରୁ ମୁହଁ ଫେରାଇ ବିବେକକୁ ପଚାରିଲା । ଭାଇ କିପରି ଅଛ ? ଏବେ କେମିତି ଲାଗୁଛି ? ବିବେକ କହି ଉଠିଲା ଭୁଲ ଠିକର ବିବେଚନା କରୁ କରୁ ତୁମ ଶରୀର ଭିତରେ କେବେ ମୁଁ କ୍ଲାନ୍ତି ଅନୁଭବ କରିନାହିଁ । ହଂସ ପାଣିରୁ କ୍ଷୀରକୁ ଅଲଗା କରି ପିଇବା ପରି ମୁଁ ବୁଦ୍ଧିକୁ ସଦାସର୍ବଦା ଭଲ ରାସ୍ତାରେ ଯିବା ପାଇଁ ପରିଚାଳିତ କରୁଛି । ହେଲେ ବୁଦ୍ଧି ତା'ର ଦୁଇ ପ୍ରକାର ଆଚରଣ ଯଥା: ନଷ୍ଟ ବୁଦ୍ଧି ଓ ଭଲ ବୁଦ୍ଧି ମନ ପାଖକୁ ପ୍ରେରିତ କରୁଛି । ମନ ଇନ୍ଦ୍ରିୟ ଲାଳସାରେ ପଡ଼ି ଦୁଷ୍ଟବୁଦ୍ଧି ଦ୍ୱାରା ପରିଚାଳିତ ହୋଇ ଆଜି ତୁମକୁ ଜୀବନର ଅପରାହ୍ନରେ ହାଲିଆ କରି ପକେଇଛି । ତୁମେ ଯେଉଁ ଭାଗବତ ପ୍ରାପ୍ତିର ଉଦ୍ଦେଶ୍ୟ ନେଇ ଏ ଧରାପୃଷ୍ଠରେ ଅବତରଣ କରିଥିଲ ମନ ତୁମକୁ ପଥଭ୍ରଷ୍ଟ କରିଛି । ତୁମକୁ ଉଦ୍‌ଭ୍ରାନ୍ତ କରିଛି । ତୁମକୁ ସ୍ରଷ୍ଟାଙ୍କ ଆଡ଼କୁ ନମୁହାଁଇ ସୃଷ୍ଟି ଆଡ଼କୁ ମୁହାଁଇ ଦେଇଛି । ଇନ୍ଦ୍ରିୟ ଲାଳସାର ଉପଭୋଗରେ ତୁମେ ଆଜି କ୍ଲାନ୍ତଶ୍ରାନ୍ତ ଏକ ପଥିକ ହେଲେ ମୋର ଏଥିରେ କିଛି ଦୋଷ ନାହିଁ । ମୁଁ ଶରୀର ଭିତରେ ଥାଏ ମତେ କେହି ଦେଖିପାରନ୍ତି ନାହିଁ କି ପଚାରନ୍ତି ନାହିଁ । ମୋର ନିଜର ଅସ୍ତିତ୍ୱ ବୋଲି କିଛି ନାହିଁ । ମତେ କେବଳ ଅନୁଭବ କରିହୁଏ । କାରଣ ମୁଁ ଆତ୍ମାର ଆଲୋକରେ ଆଲୋକିତ । ମୋର ନିଜର ଆଲୋକ ନାହିଁ ।

ଭାଇ ! ଆତ୍ମା ଯଦି ନାହିଁ ତେବେ ବିବେକ ନାହିଁ, ଯଦି ବିବେକ ନାହିଁ ତେବେ ବୁଦ୍ଧି ନାହିଁ, ଯଦି ବୁଦ୍ଧି ନାହିଁ ତେବେ ମନ ନାହିଁ, ଯଦି ମନ ନାହିଁ ତେବେ ଇନ୍ଦ୍ରିୟ ଲାଳସା ନାହିଁ । ଯଦି ସବୁ କିଛି ନାହିଁ ତେବେ ପୃଥିବୀରେ ତୁମର ମଧ୍ୟ କିଛି ପ୍ରୟୋଜନ ନାହିଁ । ଶରୀର ଏଥର ଆତ୍ମା ସହିତ କଥାବାର୍ତ୍ତା କରିବା ପାଇଁ ଚେଷ୍ଟା କଲା । ଆତ୍ମା କହିଉଠିଲା ଭାଇ ଶରୀର ! ମୁଁ ସଦା ଆଲୋକିତ ସଦା ଆନନ୍ଦରେ ପୂର୍ଣ୍ଣ । ମୁଁ ଚିଦାନନ୍ଦ, ହେଲେ ଏ ଶରୀରର ବନ୍ଧନରୁ ମୁକ୍ତ ହୋଇ ପରମାନନ୍ଦରେ ମିଶିବା ପାଇଁ ମୁଁ ସର୍ବଦା ବ୍ୟାକୁଳ । ମୋର ଅନୁରୋଧକୁ ତୁମେ କେବେ ବି କର୍ଣ୍ଣପାତ କରନାହିଁ । ଜୀବନରେ କାଁ ଭାଁ କେତେବେଳେ କେମିତି କୌଣସି ମନ୍ଦିର, ମସଜିଦ, ଗୀର୍ଜାକୁ ମତେ ନେଇଯାଇଥାଅ । ତୁମେ ମୁଁ ଓ ମୁଁ ତୁମେ ଏପରି ଚରମ ଉପଲବ୍ଧିରେ ମତେ ଜୀବନରେ କେବେ ଭସାଇ ଦେଇନାହଁ । ସବୁବେଳେ ଦ୍ୱୈତ ମନୋଭାବ ରଖି ମୋର ତୋର କରି ଜୀବନସାରା ଆଡ଼େଇ ଆସିଛ । କିନ୍ତୁ କ'ଣ କରିବି ଭାଇ ମୁଁ ଅବିନଶ୍ୱର ମୁଁ ଖଡ଼ଗଦ୍ୱାରା କଟାଯାଇପାରେ ନାହିଁ, ଅଗ୍ନି ଦ୍ୱାରା ଦହନ ହୁଏନାହିଁ, ପବନ ଦ୍ୱାରା ମୁଁ ଶୁଷ୍କ ହୋଇପାରେ ନାହିଁ । ତୁମକୁ ଆଜି ମୁଁ ଛାଡ଼ି ଯାଉଛି କ୍ଷମା କରିଦେବ ବନ୍ଧୁ । ପରମାତ୍ମାଙ୍କ ସହ ମୋର ମିଳନ ପାଇଁ ମୁଁ ଯେଉଁ ବ୍ୟାକୁଳିତ ଥିଲି, ସେ ସମୟ ଉପନୀତ ।

*-ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡ଼ିଏ, କଟକ, ଦୂରଭାଷ : ୯୮୬୧୧୧୮୬୭୩*

# ଓଡ଼ିଶାର ଅନନ୍ୟ ଅକ୍ଷୟ ସମ୍ପଦ-ମାଣ୍ଡିଆ

ବିପିନବିହାରୀ ରାଉତ



ଦିନ ଥିଲା ମାଣ୍ଡିଆକୁ ଗରିବ ଓ ଅନଗ୍ରସର ଲୋକଙ୍କ ଖାଦ୍ୟ ରୂପେ ବିବେଚନା କରାଯାଇ ଆଡ଼ ଆଖିରେ ଦେଖାଯାଉଥିଲା । କିନ୍ତୁ ଏବେ ସମୟ ବଦଳିଛି । ଆଜିର ଦିନରେ ମାଣ୍ଡିଆ ଓ ମାଣ୍ଡିଆ ଜାତୀୟ ଖାଦ୍ୟ ବା ମିଲେଟ ଥିଲାବାଲାଙ୍କ ଖାଦ୍ୟ ଥାଳିରେ ସ୍ଥାନ ପାଉଛି । ପୁଷ୍ଟିସାର, ଲୌହ, ଜୀବସାର, ଖଣିଜ ଓ ତନ୍ତୁଜାତୀୟ ଉପାଦାନରେ ସମୃଦ୍ଧ ମିଲେଟ ଏବେ ବିକଳ୍ପ ବିହୀନ ଖାଦ୍ୟ ଶସ୍ୟ ଭାବେ ମାନ୍ୟତା ପାଇଛି । ଅପରପକ୍ଷରେ ମିଲେଟ ଧାନ ପରି ଏକ ସୁକୁମାରୀ କୃଷିଜାତ ଶସ୍ୟ ନୁହେଁ । ଏହା ଯେ କୌଣସି ମାଟିରେ, ଯେକୌଣସି ଜଳବାୟୁରେ ବିନା ଜଳ ସେଚନରେ ମଧ୍ୟ ବଢ଼ିପାରେ । ଧାନ ଚାଷରୁ ଉତ୍ପନ୍ନ ମିଥେନ ବାଷ୍ପ ବିଶ୍ୱ ତାପମାନ ବୃଦ୍ଧିର ଅନ୍ୟତମ କାରଣ ହୋଇଥିବାବେଳେ ମିଲେଟ ଏହି ଅଭିଯୋଗରୁ ମୁକ୍ତ । ମିଲେଟର ରୋଗପୋକ ପ୍ରତିରୋଧକ ଶକ୍ତି ଧାନ ଠାରୁ ବହୁ ଅଧିକ । ତେଣୁ ମିଲେଟ ଚାଷ କୀଟନାଶକ ଓ ରାସାୟନିକ ସାର ଜନିତ ଖର୍ଚ୍ଚ ରହିତ । ଏକ ପକ୍ଷରେ ତୁଳନାତ୍ମକ ଭାବେ ବହୁ କମ ଖର୍ଚ୍ଚରେ ଓ ଅପରପକ୍ଷରେ ଅଧିକ ପୁଷ୍ଟିକର ଖାଦ୍ୟ ଭାବେ ମିଲେଟ ଯେ କ୍ଷୁଧାମୁକ୍ତ ଓ ପୌଷ୍ଟିକ ବିଶ୍ୱ ଗଠନରେ ପ୍ରଧାନ ଭୂମିକା ନିର୍ବାହ କରିବାକୁ ଯାଉଛି ଏଥିରେ ଦ୍ୱିରୁକ୍ତି ନାହିଁ । ଦେଶରେ ଯେପରି କୌଣସି ଲୋକ ଭୋକରେ ରହିବେ ନାହିଁ ତାହା ନିଶ୍ଚିତ କରିବାକୁ ସୁପ୍ରିମକୋର୍ଟ ନିକଟରେ କେନ୍ଦ୍ର ସରକାରଙ୍କୁ ଦେଇଥିବା ପରାମର୍ଶ କାର୍ଯ୍ୟକାରୀ କରିବାରେ ମଧ୍ୟ ମିଲେଟ ଏକ ନିର୍ଣ୍ଣାୟକ ଭୂମିକା ନେବ ।

କ୍ଷୁଧାମୁକ୍ତ ବିଶ୍ୱ ଗଠନ ପରିକଳ୍ପନାରେ ମିଲେଟର ଏହି ବିକଳ୍ପବିହୀନ ଓ ପ୍ରଧାନ ଅବଦାନକୁ ସମ୍ମାନ ଦେଇ ଏବଂ ମିଲେଟ ପ୍ରତି ଆଦରଣୀୟତା ବୃଦ୍ଧି ନିମନ୍ତେ ଜାତିସଂଘ ଆଗାମୀ ବର୍ଷ ଅର୍ଥାତ୍ ୨୦୨୩କୁ ଆନ୍ତର୍ଜାତିକ ମିଲେଟ ବର୍ଷ ରୂପେ ପାଳନ କରିବାକୁ ନିଷ୍ପତ୍ତି ନେଇଛି । ଇଟାଲୀର ରୋମ ଠାରେ ଅବସ୍ଥିତ ଖାଦ୍ୟ ଓ କୃଷି ସଂଗଠନର ମୁଖ୍ୟାଳୟ ଠାରେ ଗତକାଲି ଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦଘାଟନୀ ଉତ୍ସବର ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି ଯେ ବିଶ୍ୱରେ ଏବେ ବି ଖାଦ୍ୟ ସୁରକ୍ଷା ଏକ ମୁଖ୍ୟ ଆହ୍ୱାନ ହୋଇ ରହିଛି । ବିଶେଷକରି କରୋନା ମହାମାରୀ ପରେ କେତେକ ବିବାଦୀୟ ପରିସ୍ଥିତି ଏହି ସମସ୍ୟାକୁ ଆହୁରି ଜଟିଳ କରିଛି । ଏହି ପୃଷ୍ଠଭୂମିରେ ଭବିଷ୍ୟତର ପ୍ରମୁଖ ଖାଦ୍ୟ ରୂପେ ମିଲେଟକୁ ଗ୍ରହଣ କରିବା ହିଁ ବର୍ତ୍ତମାନ ସମୟର ଆବଶ୍ୟକତା । ଏହା ଗ୍ରାହକ, କୃଷକ ଓ ପରିବେଶ ପାଇଁ ହିତକର । କୃଷି ଉତ୍ପାଦନରେ ତଥା ଖାଦ୍ୟରେ ବିବିଧତା ସୃଷ୍ଟି ଏବଂ ପୁଷ୍ଟିହୀନତା ବିରୋଧ ସଂଗ୍ରାମରେ ମଧ୍ୟ ମିଲେଟ ସହାୟକ ହୋଇ ପାରିବ । ତେଣୁ ମିଲେଟ ମାଇଣ୍ଡଫୁଲନେସ ସୃଷ୍ଟି ହେବା ନିହାତି ଆବଶ୍ୟକ ।

ଆଉ ଦୁଇପାଦ ଆଗକୁ ଯାଇ ଓଡ଼ିଶା ସରକାର ଗତ ନଭେମ୍ବର ୧୦ ତାରିଖକୁ ମିଲେଟ ଦିବସ ଭାବେ ପାଳନ କରିସାରିଛନ୍ତି । ଓଡ଼ିଶାରେ ମିଶନ ଶକ୍ତି, ବିଏସକେୱାଇ ପରେ ମିଲେଟ ମିଶନ ଏକ ପ୍ରମୁଖ କୃଷିଭିତ୍ତିକ ଅର୍ଥନୈତିକ ଆନ୍ଦୋଳନ ରୂପ ନେଇଛି । ଓଡ଼ିଶା ସରକାର ମଧ୍ୟ ଏଥିପାଇଁ ପ୍ରଚୁର ପ୍ରୋତ୍ସାହନ ଯୋଗାଉ ଦେଉଛନ୍ତି । ତେଣୁ ଜାତିସଂଘ ଏବଂ ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନ ମିଲେଟକୁ ମୁଖ୍ୟ ଯୋଜନାରେ ସାମିଲ କରିବା ଓଡ଼ିଶା ପାଇଁ ଯେତିକି ଗୌରବ ଆଣିଛି ଓଡ଼ିଶାର କୃଷିଜୀବୀଙ୍କୁ ତା ଠାରୁ ଅଧିକ ସୁଯୋଗ ଦେଇଛି । ବିଶ୍ୱରେ ମିଲେଟ ଖାଦ୍ୟ ଚାହିଦା ବଢ଼ିଲେ ଓଡ଼ିଶାର ଚାଷୀମାନେ ଅଧିକରୁ ଅଧିକ ଏହି ଶସ୍ୟ ଚାଷ କରି ଉପକୃତ ହୋଇପାରିବେ । ଧାନ ଚାଷ ସହିତ ଜଡ଼ିତ ମରୁଡ଼ି, ବନ୍ୟା, ବାତ୍ୟା, ରୋଗ, ପୋକ ଭୟରୁ ଚାଷୀମାନେ ମୁକ୍ତ ହେବେ । ଗରିବ ଭୂମିହୀନ ଚାଷୀମାନେ ଆଉ ଚାଷଜନିତ କ୍ଷତି ଓ ଋଣଭାରରେ ଚିନ୍ତାଗ୍ରସ୍ତ ହୋଇ ଆତ୍ମହତ୍ୟା କରିବେ ନାହିଁ । ଅଧିକନ୍ତୁ ଚାଷୀ ପରିବାର ସ୍ୱଚ୍ଛଳ ହେବା ସହିତ ରାଜକୋଷ ମଧ୍ୟ ସମୃଦ୍ଧ ହୋଇପାରିବ ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା ଓଡ଼ିଶାରେ ୨୦୧୭ରୁ ଆରମ୍ଭ ହୋଇଥିବା ଓଡ଼ିଶା ମିଲେଟ ମିଶନ ଇତିମଧ୍ୟରେ ୩୦ଟି ଜିଲ୍ଲାର ୧୭୭ ବ୍ଲକରେ ସଫଳତାର ସହ କାର୍ଯ୍ୟକାରୀ ହେଉଛି । ୨୦୨୨-୨୩ ଖରିଫ ଋତୁ ସୁଦ୍ଧା ୭୪ ହଜାର ୮ଶହ ୨୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯାଉଥିବାବେଳେ ପ୍ରାୟ ୧ଲକ୍ଷ ୫୮ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଏଥିରେ ସାମିଲ ହୋଇଛନ୍ତି । ମିଲେଟ ଅମଳ ପରବର୍ତ୍ତୀ ପରିଚାଳନା ପାଇଁ ୟୁନିଟ ସ୍ଥାପନର ବିକେନ୍ଦ୍ରୀକରଣ କରାଯିବା ସହିତ ଚାଷୀମାନେ ଯେପରି ସମନ୍ୱିତ ଶିଶୁ ବିକାଶ ଯୋଜନା, ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ସାଧାରଣ ବଣ୍ଟନ ବ୍ୟବସ୍ଥାରେ ମାଣ୍ଡିଆକୁ ସାମିଲ କରାଯାଇଛି ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ମାଣ୍ଡିଆରୁ ୩୦ରୁ ଊର୍ଦ୍ଧ୍ୱ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରି ଏହାର ବିକ୍ରୟ ପାଇଁ ଉପଯୁକ୍ତ ବଜାର ସୃଷ୍ଟି କରାଯାଉଛି । ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ଆୟୋଜିତ ବୈଠକ ଓ ସମ୍ମିଳନୀରେ ମାଣ୍ଡିଆରୁ ପ୍ରସ୍ତୁତ ସ୍ନାକ୍ସ ପରସା ଯିବା ପାଇଁ ନିଷ୍ପତ୍ତି ହୋଇଛି । ମିଶନ ଶକ୍ତି ବିଭାଗ ସହାୟତାରେ ବିଭିନ୍ନ ଜିଲ୍ଲାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ୧୨୬ଟି ମିଲେଟ ଟିଫିନ ସେଣ୍ଟର ପରିଚାଳିତ ହେଉଛି । ୨ଟି ମିଲେଟ ଶକ୍ତି କାଫେ, ୨ଟି ମିଲେଟ ଶକ୍ତି ଆଉଟଲେଟ ଖୋଲାଯାଇଛି । ମିଲେଟ ଓ ମିଲେଟରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀର ପ୍ରଚାର ପ୍ରସାର ତଥା ବିକ୍ରି ପାଇଁ ୪ଟି ମିଲେଟ ଶକ୍ତି ଅନହୁଇଲର ବ୍ୟବସ୍ଥା କରାଯାଇଛି । ବିଶ୍ୱକପ ହକି ଅବସରରେ ଭୁବନେଶ୍ୱର ଓ ରାଉରକେଲାର ବିଭିନ୍ନ ଷ୍ଟାଡିୟମରେ ମିଲେଟ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ପରସା ଯିବାର ବ୍ୟବସ୍ଥା ହୋଇଛି । ରାଜ୍ୟର ଜନଜାତି ବିଦ୍ୟାଳୟମାନଙ୍କରେ ଦୈନିକ ଛାତ୍ରଛାତ୍ରୀ ମାନଙ୍କ ମିଲେଟରୁ ପ୍ରସ୍ତୁତ ପୌଷ୍ଟିକ ଲଡୁ ବଣ୍ଟନ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି । ରାଜ୍ୟର ବିଭିନ୍ନ ରେଷ୍ଟୋରାଁ ଓ କାଫେର ମେନ୍ୟୁରେ ମଧ୍ୟ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ମାସ୍କଟ ମିଲିକୁ ଦାୟିତ୍ୱ ଦିଆଯାଇଛି । ଓଡ଼ିଶାର ମିଲେଟ ମିଶନକୁ ନିତି ଆୟୋଗ ଓ ପ୍ରଧାନମନ୍ତ୍ରୀ ପ୍ରଶଂସା କରିବା ସହିତ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ସ୍ୱୀକୃତି ମିଳିଛି । ଅନ୍ୟ ରାଜ୍ୟମାନେ ଓଡ଼ିଶାର ଏହି ଯୁଗାନ୍ତକାରୀ ଅଭିଯାନକୁ ମଡ଼େଲ ଭାବେ ଗ୍ରହଣ କରୁଛନ୍ତି । ପ୍ୟାରିସରେ ଆୟୋଜିତ ବିଶାଳ ଅନ୍ତର୍ଜାତୀୟ ଖାଦ୍ୟ



ଉତ୍ପାଦନ ପ୍ରଦର୍ଶନୀ ସିଆଲ୨୦୨୨ରେ ଓଡ଼ିଶାର ମିଲେଟ ସାମିଲ ହୋଇପାରିଛି । ଅନ୍ତର୍ଜାତୀୟ ସ୍ତରରେ ସବୁଜ ବିପ୍ଳବ କାର୍ଯ୍ୟକ୍ରମ ଜରିଆରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ମଧ୍ୟ ଓଡ଼ିଶା ମିଲେଟ ମିଶନର ଭାଗିଦାରୀ ହୋଇଛି ।

ଆଜି ସାଧାରଣ ମାଣ୍ଡିଆର ଅସାଧାରଣ ଗୁଣଗାନରେ ସାରା ବିଶ୍ୱ ପ୍ରଗଳ୍ଭ ହୋଇଥିବାବେଳେ ଓଡ଼ିଶାରେ ଗତ ପାଞ୍ଚ ବର୍ଷ ହେଲା ଆରମ୍ଭ ଏହି ନିରବ ବିପ୍ଳବ ଓଡ଼ିଶାର ଆଦିବାସୀ ଓ ଗ୍ରାମାଞ୍ଚଳ ପାଇଁ ପୌଷ୍ଟିକ ଖାଦ୍ୟ, କୃଷି ଆୟ ବୃଦ୍ଧି ଏବଂ କୃଷି ଓ ଖାଦ୍ୟାନ୍ନ ବିବିଧତାର ଅକ୍ଷୟ ଭଣ୍ଡାରର ବାର୍ତ୍ତା ଆଣିଦେଇଛି । ଦିନ ଆସିବ ମାଣ୍ଡିଆ, ବାଜରା, ଯଅ ଓ ସୁଆଁ ଆଦି ଧାନ ଓ ଗହମକୁ ଟପି କ୍ଷେତବାଡ଼ିରେ, ଖାଇବା ଥାଳିରେ ତଥା ହୋଟେଲ ଓ ରେଷ୍ଟୋରାଁରେ ପ୍ରାଧାନ୍ୟ ବିସ୍ତାର କରିବ, କେବଳ ଓଡ଼ିଶାରେ ନୁହେଁ ଓ ଭାରତରେ ନୁହେଁ ବରଂ ସାରା ବିଶ୍ୱରେ । ଓଡ଼ିଶାର ଦୂରଦର୍ଶୀ ମିଲେଟ ମିଶନ ଆମ ରାଜ୍ୟ ପାଇଁ ଏକ ନୂତନ ପୁଷ୍ଟିକର ପରିଚୟ ଆଣିଦେବ ।

*-ଶ୍ରୀବିହାର କଲୋନୀ, କଟକ, ଦୂରଭାଷ: ୯୪୩୭୬୬୬୪୫୩*




# ଜୟପୁର ରେଳ ଷ୍ଟେସନରେ ସମୀକ୍ଷା କଲେ ଡିଆରଏମ

ଜୟପୁର,(ପି.ଏନ): ପୂର୍ବତଟ ରେଳବାଇର ୱ୍ଲଟ୍ୟୋର୍ ଡିଭିଜନର ଡି.ଆର.ଏମ୍. ଅନୁପ ଶତପଥୀଙ୍କ ଜଗଦଲପୁରରୁ ବିଶାଖାପାଟଣା ଗସ୍ତ ସମୟରେ ଜୟପୁର ରେଳ ଷ୍ଟେସନ୍ ର କଲେ ସମୀକ୍ଷା। ରେଳ ବିଭାଗର ଡିଆରଏମ ଅନୁପ ଶତପଥି ଜଗଦଲପୁରରୁ ବିଶାଖାପାଟଣା ଯିବା ସମୟରେ ଜୟପୁର ରେଳ ଷ୍ଟେସନରେ ପହଂଚି ସମିକ୍ଷା କରିଥିଲେ । ଡିଆରଏମଙ୍କ ଗସ୍ତ ସୂଚନା ପାଇ ଜୟପୁରର ବିଭିନ୍ନ ଅନୁଷ୍ଠାନ ତରଫରୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ। ଜନ କଲ୍ୟାଣ ମଂଚ ଜୟପୁର ତରଫରୁ ପ୍ରତ୍ୟହ ଭୁବନେଶ୍ୱରରୁ ବିଶାଖାପାଟଣା ଆସୁଥିବା କୋରାପୁଟ ଯାଏ ଭାୟା ଆରକୁ ଦେଇ ସଂପ୍ରସାରଣ କଲେ ଅବିଭକ୍ତ କୋରାପୁଟ ବାସିନ୍ଦା ଉପକୃତ ହୋଇଥାନ୍ତେ । ତତସହ ଜୟପୁର ରେଳ ଷ୍ଟେସନ ଯାତ୍ରୀବାହୀ ରେଳ ଗୁଡିକ ପ୍ଲାଟଫର୍ମ ନଂ ୧ ରେ ଲାଗୁ ବୋଲି ମଂଚର ରାଜେନ୍ଦ୍ର ଗୌଡ, ବାଲା ରାୟ ପ୍ରମୁଖ ଦାବି କରିଥିଲେ ।ସେହିପରି ଭାରତୀୟ କମ୍ୟୁନିଷ୍ଟ ପାର୍ଟି କୋରାପୁଟ ଜିଲ୍ଲା ପରିଷଦ ପକ୍ଷରୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ଏଥିରେ ଜୟପୁର ରେଳ ଷ୍ଟେସନରେ ଥିବା ଫୁଟ ଓଭର ବ୍ରିଜ୍ ର ଉଭୟ ପାର୍ଶ୍ୱରେ ଖସଡ଼ା ପଥ ଗ୍ଲାଇଡିଙ୍ଗ୍ ସ୍ଲୋପ୍ ନିର୍ମାଣ କଲେ ଯାତ୍ରୀମାନେ ଟ୍ରଲି ବ୍ୟାଗ୍ କିମ୍ବା ସୁଟକେସ୍ ଧରି ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯାଇପାରିବେ ଏବଂ ହୁଇଲ୍ ଚେୟାରରେ ବୟସ୍କ ଓ ରୋଗୀମାନଙ୍କୁ ନିଆ ଯାଇପାରିବ । ଜୟପୁର ଠାରେ ଲଗେଜ୍ ବୁକିଙ୍ଗ୍ ବ୍ୟବସ୍ଥା ଉପଲବ୍ଧ କଲେ ଯାତ୍ରୀମାନଙ୍କୁ କୋରାପୁଟ ଯାଇ କରିବାକୁ ପଡ଼ିବ ନାହିଁ । ଦ୍ୱିତୀୟ ପ୍ଲାଟଫର୍ମ ର ରେଷ୍ଟ ସେଡ୍ ପରିବର୍ଦ୍ଧିତ କରି ସେଠାରେ ଶୌ ।ଚାଳୟ ଓ ପିଇବା ପାଣିର ବ୍ୟବସ୍ଥା କରିବା । ମାଲକାନଗିରି - ଜୟପୁର - ଜୁନାଗଡ଼ ରେଳପଥ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା, ଜଗଦଲପୁରରୁ ଦେଶର ରାଜଧାନୀ ଦିଲ୍ଲୀ ଓ ମୁମ୍ବାଇ ମେଟ୍ରୋ ସିଟି ସହ ସଂଯୋଗୀକରଣ ବ୍ୟବସ୍ଥା କରିବା ଆଦି ଦାବି ଦେଇ ଆଲୋଚନା କରାଯାଇଥିଲା । ଅନୁପ ଶତପଥୀ ଆଗ୍ରହର ସହ ସମସ୍ତଙ୍କ ଦାବି ଧୈର୍ଯ୍ୟର ସହ ଶୁଣିଥିଲେ ଏବଂ ରେଳବାଇ ପକ୍ଷରୁ ଯେଉଁ ପଦକ୍ଷେପ ଗ୍ରହଣ କରାଯାଉଛି ତାହା ମଧ ପ୍ରକାଶ କରିଥିଲେ । ଷ୍ଟେସନ୍ ର ଉଭୟ ପାର୍ଶ୍ୱରେ ଲିଫ୍ଟ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ସହ ଜନସାଧାରଣଙ୍କ ହିତରେ ଷ୍ଟେସନର ଉନ୍ନତିକରଣ କାର୍ଯ୍ୟ କରାଯାଉଛି । ସିପିଆଇ ପକ୍ଷରୁ କୁହାଯାଇଥିଲା ଯେ, ଲିଫ୍ଟ ବ୍ୟବସ୍ଥା ଭଲ, କିନ୍ତୁ ଯେହେତୁ ଥରକେ ମାତ୍ର ୨୦ ଜଣ ପର୍ଯ୍ୟନ୍ତ ଯାଇପାରିବେ ତେଣୁ ଖସଡ଼ା ପଥ ନିର୍ମାଣ ଜରୁରୀ, ଯଦି ଏଲିଭେଟର୍ ସିଷ୍ଟମ୍ ହୁଏ ତେବେ ଭଲ ହେବ । ଲଗେଜ୍ ବୁକିଙ୍ଗ୍ ବ୍ୟବସ୍ଥା କରିବା ପାଇଁ ସେ ସ୍ଥାନୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତା ସହ ଦୁଇ ନମ୍ବର ପ୍ଲାଟଫର୍ମରେ ହିରାଖଣ୍ଡ ଓ ଅନ୍ୟ ଟ୍ରେନ୍ ଲାଗୁଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏଣୁ ଏକ ନମ୍ବର୍ ପ୍ଲାଟଫର୍ମରେ ଟ୍ରେନ୍ ରହିବା ବ୍ୟବସ୍ଥା ଉପରେ ଉପସ୍ଥିତ ବିଭିନ୍ନ ସଙ୍ଗଠନ ଦାବି କରିଥିଲେ । ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି ।ସିପିଆଇର ଏହି ଦାବିପତ୍ର ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରମୋଦ କୁମାର ମହାନ୍ତି ଓ ରାମକୃଷ୍ଣ ଦାସଙ୍କ ନେତୃତ୍ୱରେ ଦିଆଯାଇଥିଲା । ଜଣେ ଓଡ଼ିଆ ଅଧିକାରୀ ଭାବେ ସ୍ଥାନୀୟ ରେଳ ଷ୍ଟେସନର ଉନ୍ନତିକରଣ ପାଇଁ ଭଲ ପଦକ୍ଷେପ ନେଉଥିବାରୁ ଡିଆର୍ ଏମ୍ ଙ୍କୁ ପାର୍ଟି ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଛି ।

# କଂକ୍ରିଟ ରାସ୍ତା ଗଲା କୁଆଡେ

ନୂଆପଡ଼ା,(ପି.ଏନ): ସବୁ ଗାଁକୁ ସହର ସହ ସଂଯୋଗ କରିବା ପାଇଁ ସରକାର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ସଲାସୁତୁରାରେ ଅନେକ ସ୍ଥାନରେ ନିମ୍ନମାନର କାର୍ଯ୍ୟ ହେଉଥିବା ବେଳେ ରାସ୍ତା ର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ତ କେଉଁ ଜାଗାରେ ରାସ୍ତା ନିର୍ମାଣ ନକରି ଟଙ୍କା ଆତ୍ମସାତ କରି ଉଭୟେ ମାଲେମାଲ ହେଉଥିବା ଦେଖିବାକୁ ମିଳୁଛି । ଏପରି ଏକ ଘଟଣା ସାମ୍ନା କୁ ଆସିଛି ଖଡ଼ିଆଳ ବ୍ଲକ ବିଜେପୁର ଠୁ ଗୋଡ଼ଧୁଆପଦର ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣରେ । କଂକ୍ରିଟ କାମ ନକରି ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଛି । ଖଡ଼ିଆଳ ବ୍ଲକ ର ଗୋଡ଼ଧୁଆପଦର ହେଉଛି ଏକ ଆଦିବାସୀ ବହୁଳ ଗାଁ । ଏହି ଗାଁକୁ ସହର ସହ ସଂଯୋଗ କରିବା ପାଇଁ ୨୦୧୫ ମସିହା ରେ ପ୍ରଧାନମନ୍ତ୍ରୀ ସଡକ ଯୋଜନା ରେ ରାସ୍ତା ନିର୍ମାଣ ପାଇଁ ଏକ କୋଟି ୧୩ ଲକ୍ଷ ୫୫ ହଜାର ଟଙ୍କାରେ ରାସ୍ତା ନିର୍ମାଣ ହୋଇଥିଲା । ଏହି ଯୋଜନାରେ ଗାଁ ବସ୍ତିରେ ୨୭୦ ମିଟର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ସୂଚନା ଫଳକ ରେ ଦର୍ଶାଯାଇଛି । କାର୍ଯ୍ୟ କରୁଥିବା ଠିକାଦାର ରେଖା ସିଂଘଲ ନିମ୍ନ ମାନର ପିଚୁ ରାସ୍ତା କରିବା ସହ ବର୍ତ୍ତମାନ ଯାଏ ଆଜକୁ ପାଞ୍ଚ ବର୍ଷ ବିତିଯାଇଥିଲେ ହେଁ କଂକ୍ରିଟ ରାସ୍ତା ନିର୍ମାଣ କରି ନାହାଁନ୍ତି । କଂକ୍ରିଟ ରାସ୍ତା ନିର୍ମାଣ ହୋଇନଥିବା ରୁ ଗୋଡ଼ଧୁଆପଦର ଗ୍ରାମବାସୀ ଯାତାୟାତର ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି । ଖଡ଼ିଆଳ ବ୍ଲକ ଗୋଡ଼ଧୁଆପଦରରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୨୭୦ ମିଟର କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ସୂଚନା ଫଳକରେ ଉଲ୍ଲେଖ ରହିଛି । ଏମିତି କି ପିଚୁ ରାସ୍ତା ନିର୍ମାଣ ସମୟ ରେ ପୂର୍ବରୁ ପଞ୍ଚାୟତ ତରଫରୁ ତିଆରି ହୋଇଥିବା କଂକ୍ରିଟ ରାସ୍ତାକୁ ଠିକାଦାର ଭାଙ୍ଗି ଦେଇଥିଲେ ମଜଭୁତ କଂକ୍ରିଟ ରୋଡ ନିର୍ମାଣ ହେବ ବୋଲି କହିଥିଲେ । ହେଲେ ଆଜକୁ ପାଞ୍ଚ ବର୍ଷ ବିତି ଯାଇଥିଲେ ହେଁ କଂକ୍ରିଟ ରାସ୍ତା ନିର୍ମାଣ ହୋଇ ପାରିଲା ନାହିଁ । ବାରମ୍ବାର ଗ୍ରାମବାସୀ ଠିକାଦାରଙ୍କ ଠାରୁ ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଉଥିଲେ ହେଁ କିଏ କର୍ଣପାତ କରୁନଥିବା ଗ୍ରାମବାସୀ କହିଛନ୍ତି । ଏପାଖରେ ଗୋଟିଏ ପ୍ରଶ୍ନ ଆସେ ଏହି ରାସ୍ତା ନିର୍ମାଣ ସମୟ ଅବଧି ସରି ଯାଇଥିବା ବେଳେ କାହିଁକି କଂକ୍ରିଟ ରାସ୍ତା ନିର୍ମାଣ ହୋଇ ପାରିନାହିଁ ନାଁ ମିଳିମିଶି କଂକ୍ରିଟ ରାସ୍ତା ଖାଇଗଲେ ବିଭାଗୀୟ ଅଧିକାରୀ ଓ ଠିକାଦାର ତାହା ସନ୍ଦେହ ଘେରରେ । ତୁରନ୍ତ ଆମ ଗାଁର ଠିକ ଥିବା ରାସ୍ତା କୁ ଭାଙ୍ଗିଥିବା ଠିକାଦାର ନୂତନ ରାସ୍ତା ନିର୍ମାଣ କରୁ ଅନ୍ୟଥା ରାଜ ରାସ୍ତା କୁ ଓଲ୍‌ହାଇ ଆନ୍ଦୋଳନ କରିବୁ ବୋଲି ଚେତାବିନୀ ଦେଇଛନ୍ତି ଗ୍ରାମବାସୀ। ଅପରପକ୍ଷରେ ଆମେ ଏବାବଦ ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ ପଚାରିବାରୁ ଘଟଣାକୁ ହାଲୁକାର ସହ ନେଇ ଏବାବଦ ର ଟଙ୍କା ବଳକା ରହି ଯାଇଛି ଏବଂ ବର୍ତ୍ତମାନ ସେହି ପ୍ରୋଜେକ୍ଟ ବନ୍ଦ କରି ଦେଇଛୁ । କୌଣସି ପ୍ରକାରରେ ଆରେଞ୍ଜ କରି ତାର ସମାଧାନ କରି ରାସ୍ତା କରି ଦିଆଯିବ ବୋଲି କହିଛନ୍ତି । ବିଜେପୁର ଗୋଡ଼ଧୁଆପଦର ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଜଣା ପଡୁଥିବା ବେଳେ କଂକ୍ରିଟ ରାସ୍ତାକୁ ସମ୍ପୂର୍ଣ୍ଣ ଭାବରେ କିଏ ଖାଇଲା ତାହା ତଦନ୍ତ ସାପେକ୍ଷ । ବିଭାଗୀୟ ଅଧିକାରୀ ଙ୍କ ଖାମଖିଆଲି ନାଁ ଠିକାଦାର ପ୍ରୀତି । ଯଦି ଟଙ୍କା ସରିଯାଇଛି ତାହେଲେ ପୂର୍ବ ରାସ୍ତାକୁ ଭାଙ୍ଗି ଦିଆଗଲା କାହିଁକି ?ଯଦି ଟଙ୍କା ରହି ଯାଇଛି କାମ ହେଉନି କାହିଁକି ? ଯଦି କଂକ୍ରିଟ କାମ ନାମରେ ଟଙ୍କା ହଡପ କରାଯାଇଛି ତେବେ କାର୍ଯ୍ୟାନୁଷ୍ଠାନ ହେବ କେବେ ?ଏହାର ଉଚିତ ତଦନ୍ତ କରି ଦୋଷୀ ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ଗୋଡ଼ଧୁଆପଦର ପଦର ରେ କଂକ୍ରିଟ ରାସ୍ତା ନିର୍ମାଣ କରିବା ଜରୁରୀ ହୋଇ ପଡିଛି ।

## ଭବାନୀପାଟଣା ତେଲଗୁଁ ବାଙ୍ଗଟି ପଡା ଯାତାୟାତ ରାସ୍ତାକୁ ଅବରୋଧ ପ୍ରତିବାଦରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଭବାନୀପାଟଣା ,(ପି.ଏନ): ଭବାନୀପାଟଣା ସ୍ଥିତ ତେଲଗୁ ବାଙ୍ଗଟି ପଡା ୱାର୍ଡ ୬କୁ ଜନୈକ ପ୍ରଭାବଶାଳୀ ବ୍ୟକ୍ତି ଯାତାୟାତ ରାସ୍ତାକୁ ଅବରୋଧ କରିବା ସହ ଘର ତିଆରି କରୁଥିବା ପ୍ରକାଶ, ଯାହାଫଳରେ ଦୀର୍ଘ ବର୍ଷ ରୁ ବସବାସ କରୁଥିବା ସହ ସହ ଲୋକ ଯାତାୟାତ କରିବାରେ ବାଧା ସୃଷ୍ଟି ହେବାର ସମ୍ଭାବନା ଥିବାରୁ ଆଶଙ୍କା କରୁଥିବା ସହ ଆଗାମୀ ଦିନରେ କୌଣସି ଗାଡ଼ି ମଟର ଯାତାୟାତ ହୋଇ ପାରିବ ନାହିଁ ବୋଲି ପ୍ରକାଶ କରୁଥିବା ବେଳେ ରୋଗ ଯନ୍ତ୍ରଣା ବ୍ୟକ୍ତି ଙ୍କ ପାଇଁ ଜରୁରୀ କାଳୀନ ଆମ୍ବୁଲାନ୍ସ ଗାଡି ମଧ ଯାଇ ପାରିବ ନାହିଁ ବୋଲି ୬-୭ନମ୍ବର ୱାର୍ଡ ର ପୁରୁଷ ମହିଳା ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିବାକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ପ୍ରତିବାଦ କରିଥିଲେ। ଇତି ପୂର୍ବେ ମଧ ଜିଲ୍ଲାପାଳ ତହସିଲଦାରଙ୍କୁ ଅଭିଯୋଗ ପତ୍ର ଦେଇଥିବା ପ୍ରକାଶ କରିଥିଲେ, ଏହି ରାସ୍ତା ଅବରୋଧ କରିବା, ଘର ତିଆରି କରିବା ସ୍ଥାନ ସରକାରୀ କିମ୍ବା ବେସରକାରୀ ଚିହ୍ନଟ କରିବାକୁ ମଧ ଦାବି ହେଉଛି। ଜିଲ୍ଲାପ୍ରଶାସନ ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କଲେ ପଡାବାସୀ ଶାନ୍ତିରେ ରହି ପାରିବୁ ବୋଲି ପ୍ରକାଶ କରିଥିଲେ।

# ପଶ୍ଚିମାଂଚଳବାସୀଙ୍କୁ ମୂର୍ଖ ଭାବିବା ବନ୍ଦ କରୁ ବିଜେଡି :ବିଜେପି

ସମ୍ବଲପୁର ,(ପି.ଏନ): ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଂଚ ପ୍ରତିଷ୍ଠା ଦାବିରେ ଚାଲିଛି ଆନ୍ଦୋଳନ । ମାତ୍ର ଗତକାଲିର ଘଟଣାକୁ ନେଇ ବିଜେଡି ଦେଇଥିବା ପ୍ରତିକ୍ରିୟା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ । ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଂଚ ପ୍ରତିଷ୍ଠା ଦାବି ପ୍ରସଙ୍ଗରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଦାୟୀ କରିବା ଅତ୍ୟନ୍ତ ହାସ୍ୟାସ୍ପଦ ଓ ଚିନ୍ତାଜନକ ବୋଲି ସମ୍ବଲପୁର ବିଜେପି ପ୍ରତିକ୍ରିୟା ରଖିଛି । ସମ୍ବଲପୁର ବିଜେପି ଜିଲ୍ଲା ସଭାପତି ଗିରିଶ ପଟେଲ, ରେଙ୍ଗାଲି ବିଧାୟକ ନାଉରି ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ରବି ନାରାୟଣ ନାୟକ, ରାଜ୍ୟ ସମ୍ପାଦକ ସୀମାଞ୍ଚଳ ଖଟେଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ମେହେର, ଦଳର କ୍ଷେତ୍ରିୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି, ଜିଲ୍ଲା ସାଧାରଣ ସମ୍ପାଦକ ଅନିଲ ବେହେରା, ଯୁବ ମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝୀ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ ଓ କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ ପ୍ରମୁଖ ଏକ ମିଳିତ ପ୍ରେସ ବିବୃତିରେ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିବା ସହିତ କହିଛନ୍ତି ବିଜେଡି ଜାଣି ରଖିବା ଉଚିତ ଯେ କେନ୍ଦ୍ର ସରକାର ଏ ସମ୍ପର୍କରେ ବାରମ୍ବାର ପତ୍ର ଲେଖି ରାଜ୍ୟ ସରକାରଙ୍କୁ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ମାଗିଥିଲେ ମଧ ରାଜ୍ୟ ସରକାର ସମ୍ପୂର୍ଣ୍ଣ ନୀରବଦ୍ରଷ୍ଟା ସାଜିଛନ୍ତି ଯାହାକି ଦାଣ୍ଡରେ ପଡି ହାଟରେ ଗଡ଼ିବା ସଦୃଶ୍ୟ। ଚଳିତ ବର୍ଷ ଏପ୍ରିଲ ୨୦ ତାରିଖରେ କେନ୍ଦ୍ର ବିଧି ଓ ନ୍ୟାୟ ମନ୍ତ୍ରୀ କିରଣ ରିଜିଜୁ ରାଜ୍ୟ ସରକାରଙ୍କୁ ଏ ସମ୍ପର୍କରେ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ମାଗିଥିଲେ । ଏହାକୁ ଆଧାର କରି ପରେ ଗତ ମଇ ମାସ ୨୮ ତାରିଖରେ ସି.ଏ.ସି ବୈଠକର ନିଷ୍ପତ୍ତି ଅନୁଯାୟୀ କେନ୍ଦ୍ରକୁ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ପଠାଇବା ନିମନ୍ତେ ଜୁନ ୩୦ ଯାଏଁ ରାଜ୍ୟ ସରକାରଙ୍କୁ ମହଲତ ଦିଆଯାଇଥିଲା । ପରବର୍ତ୍ତି ସମୟରେ ଜୁଲାଇ ୮ ତାରିଖରେ ଚେତାବନୀ ଦିବସ ପାଳନ କରି ପଶ୍ଚିମ ଓଡିଶା ଓକିଲ ସମୂହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ପୁଣି ସେପଟ୍ମ୍ବର ୨୮ ତାରିଖରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାର ପେଷାଦାର ଆଇନଜୀବୀ ମାନେ ଭୁବନେଶ୍ୱରରେ ଏହି ଦାବି ପୂରଣ ପାଇଁ ଆନ୍ଦୋଳନ ବି କରିଥିଲେ । ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଆଇନଜୀବୀଙ୍କ ଚାଲିଆସୁଥିବା ଏହି ଆନ୍ଦୋଳନ ଏବେ ଜନଆନ୍ଦୋଳନରେ ପରିଣତ ହୋଇ ସାରିଛି । ପ୍ରାୟ ଦୁଇ କୋଟି ଲୋକଙ୍କର ଭାବାବେଗ ସହିତ ଜଡିତ ଏହି ଜନ ଆନ୍ଦୋଳନ ସହିତ ରାଜ୍ୟ ସରକାରଙ୍କ ପକ୍ଷପାତିତା ଓ ଷଡଯନ୍ତ୍ର ଲୋକଙ୍କୁ ଖୋଲାଖୋଲି ଧୋଖା ଦେବା ସହ ସମାନ ହୋଇଛି । ରାଜ୍ୟ ସରକାର ଯଦି ଠିକ ସମୟରେ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ଆଗତ କରିଦେଇଥାନ୍ତେ ତାହେଲେ ଗତକାଲିର ଘଟଣା ଘଟିବାର କୌଣସି ସମ୍ଭାବନା ନଥିଲା । ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଂଚ ପ୍ରତିଷ୍ଠା ପାଇଁ ଠୋସ ପଦକ୍ଷେପ ଗ୍ରହଣ କରି କେନ୍ଦ୍ରକୁ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ନଦେବା ଓ ରାଜନୈତିକ ଅଭିସନ୍ଧି ରଖି ସର୍ବଦା କେନ୍ଦ୍ର ସରକାରଙ୍କୁ ଦାୟୀ କରିବା ପଶ୍ଚିମ ଓଡିଶାବାସୀଙ୍କୁ କଟା ଘା’’ରେ ଚୂନ ବୋଳିବା ସଦୃଶ ହୋଇଛି ବୋଲି ବିଜେପି ନେତୃବୃନ୍ଦ ଆରୋପ କରିଛନ୍ତି ।

# ଓକିଲ ଆନ୍ଦୋଳନର ମୁଁ ଅଂଶ ବିଶେଷ :ଜୟନାରାୟଣ ମିଶ୍ର

ଭୁବନେଶ୍ୱର, (ପି.ଏନ): ହାଇକୋର୍ଟର ସ୍ଥାୟୀ ବେଂଚ ପ୍ରତିଷ୍ଠା ପାଇଁ ଚାଲିଥିବା ଓକିଲଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର। ସେ କହିଛନ୍ତି ମୁଁ ଓକିଲଙ୍କ ଆନ୍ଦୋଳନକୁ ସମର୍ଥନ କରୁଛି। ଆନ୍ଦୋଳନରେ ମୁଁ ଅଂଶ ବିଶେଷ। ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ କରିବା ସମସ୍ତ ନାଗରିକଙ୍କର ଅଧିକାର। ଭାରତୀୟ ସମ୍ବିଧାନ ଅନୁସାରେ ତାକୁ କେହି ବାରଣ ପାରିବେନି। ଏହି ସବୁ ସମସ୍ୟା ପାଇଁ ଓଡ଼ିଶା ସରକାର ଦାୟୀ ।ସେ କହିଛନ୍ତି, ହାଇକୋର୍ଟର ସ୍ଥାୟୀ ବେଂଚ ପ୍ରତିଷ୍ଠା ପାଇଁ ଓଡ଼ିଶା ସରକାର କୌଣସି ଠୋସ୍ ପ୍ରସ୍ତାବ ଦେଇନାହାନ୍ତି। କିଛି ଦିନ ପୂର୍ବରୁ କେନ୍ଦ୍ର ଆଇନ ମନ୍ତ୍ରୀ ସଂସଦରେ ଏପରି କହିଥିଲେ। ଓଡ଼ିଶାରେ ହାଇକୋର୍ଟ ବେଂଚ କେଉଁଠି ହେବ, ସରକାର ସେ ବିଷୟରେ ଜଣାଇଲେ କେନ୍ଦ୍ର ସରକାର ପଦକ୍ଷେପ ନେବ। ହେଲେ ହାଇକୋର୍ଟ ବେଂଚ କେଉଁ ଜାଗାରେ ହେବ ସେଥିପାଇଁ ସରକାର ବିଧିବଦ୍ଧ ପ୍ରସ୍ତାବ ଆଣୁନାହାନ୍ତି। ଏହିସବୁ ସମସ୍ୟା ପାଇଁ ଓଡ଼ିଶା ସରକାର ଦାୟୀ ।ଜୟନାରାୟଣ ଆହୁରି କହିଛନ୍ତି, ଓଡ଼ିଶାରେ ଗୋଟିଏ ଦୁଇଟି ହାଇକୋର୍ଟ ବେଂଚ ହେଲେ ଅସୁବିଧା କ’ଣ ଅଛି ? ଡୋର ଷ୍ଟେପରେ ନ୍ୟାୟ ଦିଆଯିବ ବୋଲି ସରକାର କହୁଛନ୍ତି। ଯଦି ଲୋକଙ୍କୁ ଡୋର ଷ୍ଟେପରେ ନ୍ୟାୟ ଦିଆଯିବ, ତା’ହେଲେ ହାଇକୋର୍ଟ ବେଂଚ ପ୍ରତିଷ୍ଠା ହୋଇଗଲେ ଲୋକମାନଙ୍କୁ ପଇସା ଖର୍ଚ୍ଚ କରି କଟକ ଆସିବାକୁ ପଡ଼ିବନି। ହାଇକୋର୍ଟକୁ ଅନେକ କେସ ଆସୁଛି। ଯାହାଫଳରେ ହାଇକୋର୍ଟ ଭାରାକାନ୍ତ ହୋଇଯାଉଛି। ଯଦି ଅନ୍ୟ ଜାଗାରେ ହାଇକୋର୍ଟ ବେଂଚ ପ୍ରତିଷ୍ଠା ହେବ, ତା’ହେଲେ ହାଇକୋର୍ଟ ଉପରେ ବୋଝ କମିଯିବ।

## କୃଷି ଓ କୃଷକଙ୍କୁ ନେଇ ହୋଇଥିବା ବିକାଶର ଚିତ୍ର ଆକଳନ ନେଇ ଏଗ୍ରି ଏଗ୍ରିଗେଟର୍ସ ବୈଠକ

ଭୁବନେଶ୍ୱର, (ପି.ଏନ): ଚାଷୀ ବିକ୍ରୟ କରୁଥିବା ଉତ୍ପାଦର ମୂଲ୍ୟ ଏବଂ ତାହାର ବଜାର ଦର ମଧ୍ୟରେ ମଧ୍ୟସ୍ଥତା ହଟାଯାଇପାରିଲେ ଚାଷୀର ଆୟ ବୃଦ୍ଧି ହୋଇପାରିବ। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାର ପ୍ରଥମ ଥର ପାଇଁ ରାଜ୍ୟରେ ଏଗ୍ରି-କନ୍‌କ୍ଲେଭ୍ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ସଂସ୍ଥାଗୁଡ଼ିକର କନ୍‌କ୍ଲେଭ୍ ଆୟୋଜନ କରିଥିଲେ। ଚାଷୀମାନଙ୍କ ଖାଦ୍ୟଶୃଙ୍ଖଳରେ ରହିଥିବା ସମସ୍ୟାଗୁଡ଼ିକ ଉପରେ ଆଲୋଚନା କରି ତା’ର ନୂତନ ପଥ ବାଛିବା ନିମନ୍ତେ ଏସବୁ କନ୍‌କ୍ଲେଭ୍ ଉପଯୁକ୍ତ ମଂଚ ପ୍ରଦାନ କରିଥିଲା । ବିଗତ ବର୍ଷଗୁଡ଼ିକରେ କୃଷି ଓ କୃଷକଙ୍କୁ ନେଇ ହୋଇଥିବା ବିକାଶର ଚିତ୍ର ଆକଳନ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ ତ୍ରିପାଠୀଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।ସିଧାସଳଖ ଚାଷୀଙ୍କଠାରୁ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍‌ଗୁଡ଼ିକ ନିମନ୍ତେ କୃଷି ଉତ୍ପାଦ କ୍ରୟ କରୁଥିବା କୃଷି ଉଦ୍ୟୋଗୀମାନେ ୧୫ଟି ଖାଦ୍ୟ ପ୍ରକ୍ରିୟାକରଣ ସଂସ୍ଥା ସହ ସହବନ୍ଧନ କରିଛନ୍ତି । ବିଭିନ୍ନ ପେଶା, ବୟସ, ଶିକ୍ଷାଗତ ଯୋଗ୍ୟତା, ସ୍ଥାନ ଏବଂ କାର୍ଯ୍ୟର ପରିସର ନେଇ ଏହି କୃଷି ଉଦ୍ୟୋଗୀମାନଙ୍କ ମଧ୍ୟରେ ବିବିଧତା ପରିଲକ୍ଷିତ ହୋଇଥିଲା। ଏହି ଉଦ୍ୟୋଗୀ ଦଳରେ ବିଗ୍ ବାସ୍କେଟ୍, ଡିହାଟ୍, କଜାନନ୍ ଆଗ୍ରୋ ପ୍ରା. ଲିଃ, ଏକ୍‌ୱାର୍କ୍ସ ସିନରଜେଷ୍ଟିକ୍ ଆଗ୍ରିବିଜ୍ ନେସ୍ ନେଟ୍ ୱାର୍କସ୍ ପ୍ରା. ଲିଃ., ଫେଲିସ୍ ଲିଓ ଭେଂଚର୍ସ ପ୍ରା. ଲିଃ. ଏବଂ ଓରିଜିନ୍ସ, ମୟୂରଭଞ୍ଜ ଗ୍ରାଣ୍ଡ ପ୍ରା. ଲିଃ, ଆଗ୍ରିଲିଙ୍କ୍ ଫୁଡ୍ ପ୍ରସେସିଂ ପ୍ରା. ଲିଃ., ଏକେଏମ୍ ଆଗ୍ରୋ ପ୍ରସେସିଂ ପ୍ରା. ଲିଃ., ରିଲେଂଟନେସ୍ ଫୁଡସ୍ ପ୍ରା. ଲିଃ, ପ୍ରଣାମଫରୟୁ ଭେଞ୍ଚର୍ସ ପ୍ରା. ଲିଃ., ଭିଲ୍ଲ ମାର୍ଟ, ଆଗ୍ରିସୋଲ୍ ଅର୍ଗାନିକ୍ସ, ମହାଲକ୍ଷ୍ମୀ ଟ୍ରେଡିଂ ପରି ଓଡ଼ିଶାର ଷ୍ଟାର୍ଟଅପ୍ ମାନେ ରହିଛନ୍ତି।

# ଜିଲ୍ଲା ଜଜ୍‌ଙ୍କ ଚାମ୍ବରରେ ପଶି ଓକିଲଙ୍କ ଭଙ୍ଗାରୁଜା ଘଟଣା

ସମ୍ବଲପୁର,(ପି.ଏନ) ଆନ୍ଦୋଳନ ବେଳେ ଜିଲ୍ଲା ଜଜ୍ ଙ୍କ ଚାମ୍ବରରେ ପଶି ଓକିଲଙ୍କ ଭଙ୍ଗାରୁଜା ଘଟଣାରେ ୧୨ ଜଣ ଆଇନଜୀବୀଙ୍କୁ ପୋଲିସ ଗିରଫ କରିଥିବା ବେଳେ ଆଜି କଚେରି ଛକରୁ ୨ ଆଇନଜୀବୀଙ୍କୁ ଉଠାଇ ନେଇ ଗିରଫ କରିଛି ପୋଲିସ । ଫଳରେ ଘଟଣାରେ ଗିରଫଦାରୀ ସଂଖ୍ୟା ୧୪କୁ ବୃଦ୍ଧି ପାଇଛି । ତନ୍ମଧ୍ୟରୁ ୯ ଜଣଙ୍କ ଜାମିନ୍ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସିସିଟିଭି ଫୁଟେଜ୍ କୁ ଯାଂଚ୍ କରି ଅନ୍ୟମାନଙ୍କୁ ଗିରଫ କରାଯିବ ବୋଲି ଏସପି କହିଛନ୍ତି । ଅନ୍ୟପକ୍ଷରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କଚେରି ଛକରେ ୧୪୪ ଜାରି ହୋଇଛି । ଯେଉଁମାନେ ୨୦୦ ମିଟର ନିଷିଦ୍ଧାଂଚଳକୁ ଆସିବେ ସେମାନଙ୍କୁ ଗିରଫ କରାଯିବ । ସ୍ଥିତିକୁ ଦୃଷ୍ଟିରେ ରଖି ସହରରେ ତ୍ରିସ୍ତରିୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ସହରର ବିଭିନ୍ନ ସ୍ଥାନରେ ୨୧ ପ୍ଲାଟୁନ୍ ଫୋର୍ସ ମୁତୟନ ଅଛନ୍ତି । କେବଳ କୋର୍ଟ ପରିସରରେ ୧୭ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି । ଆବଶ୍ୟକ ପଡିଲେ ଅଧିକ ଫୋର୍ସ ମୁତୟନ କରାଯିବ ବୋଲି କହିଛନ୍ତି ଏସପି । ପ୍ରକାଶ ଥାଉକି, ଘଟଣାରେ ଗତକାଲି ୨୯ ଜଣ ଓକିଲଙ୍କ ଲାଇସେନ୍ସକୁ ୧୮ ମାସ ପାଇଁ ବାତିଲ୍ କରିଛନ୍ତି ବାର୍ କାଉନସିଲ ଅଫ ଇଣ୍ଡିଆ । ଘଟଣାର ପ୍ରତିବାଦରେ ଗତକାଲି ରାଜ୍ୟର ବିଭିନ୍ନ ବାର୍ ଆସୋସିଏସନ ପକ୍ଷରୁ ସତ୍ୟାଗ୍ରହ କରାଯାଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଂଚ ପ୍ରତିଷ୍ଠା ଦାବିରେ ସମ୍ବଲପୁରରେ ଆଇନଜିବୀଙ୍କ ଆନ୍ଦୋଳନ ଗତକାଲି ଉଗ୍ର ରୂପ ନେଇଥିଲା । କଚେରି ଛକ କୁରୁକ୍ଷେତ୍ର ପାଲଟିଥିଲା । ମୁହାଁମୁହିଁ ହୋଇଥିଲେ ଆନ୍ଦୋଳନରତ ଓକିଲ ଓ ପୁଲିସ୍। ପୋଲିସ ଫୋର୍ସ ଉପସ୍ଥିତ ଥିବା ସତ୍ୱେ କୋର୍ଟ ରୁମ୍ ଭିତରକୁ ଧଶେଇ ପଶିବା ସହ ସେଠାରେ ଭଙ୍ଗାରୁଜା କରିଥିଲେ ଆଇନଜିବୀ । ଏନେଇ ରାଜ୍ୟ ପୋଲିସ ଡିଜି ଓ ଉତରାଂଚଳ ଆଇଜିଙ୍କୁ ବୁଧବାର ଭିସିରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ ।

## ପ୍ରଭାବିତ ଓ କଂଗ୍ରେସ ତରଫରୁ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ଭବାନୀପାଟଣା, (ପି.ଏନ): ରାଜ୍ୟ ସରକାର ଏବଂ ଉତ୍କଳ ଆଲୁମିନା କମ୍ପାନୀ ଦ୍ୱାରା ବଫଲାମାଳୀ ପ୍ରଭାବିତ ଅଞ୍ଚଳରେ ଥିବା ସ୍ଥାୟୀ ସମସ୍ୟାର ସମାଧାନ ନେଇ ଭବାନୀପାଟଣା ସ୍ଥିତ କଳାହାଣ୍ଡି ଜିଲ୍ଲାପାଳଙ୍କ ଅଫିସ ଘେରାଉ କରିଛନ୍ତି ପ୍ରଭାବିତ ଲୋକେ। ଏହାକୁ କଂଗ୍ରେସ ସମର୍ଥନ କରିଛି।

# କୃଷି ଶିଳ୍ପ ନିଗମ ଉପାଧ୍ୟକ୍ଷଙ୍କ ବଲାଙ୍ଗିର ଗସ୍ତ

ବଲାଙ୍ଗୀର ,(ପି.ଏନ): ଓଡିଶା କୃଷି ଶିଳ୍ପ ନିଗମର ଉପାଧ୍ୟକ୍ଷ ଡ.ସନ୍ତୋଷ କୁମାର ବେଜ ବଲାଙ୍ଗିର ଜିଲ୍ଲା ଗସ୍ତ ରେ ଆସି ଜିଲ୍ଲା କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ଜନନିଧି-୨ ଯୋଜନା ରେ ହିତାଧିକାରୀ ଚାଷୀ ମାନଙ୍କୁ କ୍ଷୁଦ୍ର ଉଠାଜଳ ସେଚନ ପ୍ରକଳ୍ପ ପାଇଁ ବିଭିନ୍ନ ଯନ୍ତ୍ରପାତି ବଣ୍ଟନ କରିଥିଲେ । ସରକାର ଙ୍କ କୃଷି ଯନ୍ତ୍ର ପାତି ରିହାତି ଯୋଜନାରେ ୨ ଜଣ ହିତାଧିକାରୀ ଙ୍କୁ ସ୍ୱରାଜ ଟ୍ରାକଟର ଓ ଅନ୍ୟ ୨ ଜଣକୁ ମେସି ଟ୍ରାକ୍ଟର ବଣ୍ଟନ କରାଯାଇଥିଲା କ୍ଷ ବଲାଙ୍ଗିର ଜିଲ୍ଲା କୃଷୀ ଶିଳ୍ପ ନିଗମ ର ଅଗ୍ରଣୀ ସାର ଡିଲର ପ୍ରେମସୁଧ ପ୍ରଧାନ, ଶିବ ବାରିକ, ବିଭୂତି ପଟେଲ ଇତ୍ୟାଦି ଡ.ବେଜଙ୍କୁ କୃଷୀ ଶିଳ୍ପ ନିଗମ ମଧ୍ୟମ ରେ ଅଧିକ ରୁ ଅଧିକ ସାର ବ୍ୟବସାୟ କିଭଳି ହେବ ସେ ବିଷୟରେ ଅନୁରୋଧ ରଖିଥିଲେ। ପରେ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନା ମାଧ୍ୟମରେ କେମିତି ଅଧିକରୁ ଅଧିକ ହିତାଧିକାରୀ ଉପକୃତ ହେବେ ସେ ବିଷୟରେ ଡ.ବେଜ ଚାଷୀ ମାନଙ୍କ ସହ ଆଲୋଚନା କରିଥିଲେ । ବଲାଙ୍ଗିର ଜିଲ୍ଲା ଏକ କୃଷି ବହୁଳ ଜିଲ୍ଲା ହୋଇଥିବା ରୁ କିପରି ଉନ୍ନତ ମାନର କୃଷି ଉପକରଣ ଓ ଉଠାଜଳସେଚନ ମାଧ୍ୟମରେ କିପରି ଚାଷୀ ଅଧିକ ଅମଳ କରିପାରିବେ ସେ ବିଷୟରେ ଚାଷୀ ଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସର ରେ ଉପାଧ୍ୟକ୍ଷ.ସନ୍ତୋଷ କୁମାର ବେଜ ଙ୍କ କରକମଳ ରେ ପୁଇନ୍ତଳା ବ୍ଲକ ଅନ୍ତର୍ଗତ ଅଙ୍କରିଆପଦର୍ ଗ୍ରାମପଞ୍ଚାୟତ ର ମୋଟିଝରିଆ ଗ୍ରାମ ରେ ଏକ ଉଠାଜଳ ସେଚନ ପ୍ରକଳ୍ପ ଲୋକାର୍ପିତ ହୋଇଥିଲା । ଏହି ପ୍ରକଳ୍ପ ରେ ୮ ଜଣ ହିତାଧିକାରୀ ଚାଷୀ ଅନ୍ତର୍ଭୁକ୍ତ ଥିଲେ ଓ ଏହି ପ୍ରକଳ୍ପ ମାଧ୍ୟମରେ ୪୦ ଏକର ରୁ ଉର୍ଦ୍ଧ୍ୱ ଜମି ଜଳ ସେଚିତ ହେବ । ଏହି କାର୍ଯ୍ୟକ୍ରମ କୁ ସୁବର୍ଣ୍ଣପୁର କୃଷି ଶିଳ୍ପ ନିଗମ କାର୍ଯ୍ୟାଳୟ ପରିଚାଳକ ଇଂ ରମ୍ୟରଂଜନ ମିଶ୍ର ପରିଚାଳନା କରିବା ସହ କନିଷ୍ଠ ଯନ୍ତ୍ରୀ ଶୁଭକାନ୍ତ ପ୍ରଧାନ, ଆଲୋକ ବିଶ୍ୱାଳ, ସୁଧୀର ମିଶ୍ର ,ପଞ୍ଜିକୃତ ଇଲେକ୍ଟ୍ରିକାଲ କନଟ୍ରାକ୍ଟର,ଟ୍ରାକଟର ସପ୍ଲାୟର ଙ୍କ ସହ କାର୍ଯ୍ୟାଳୟର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

# ଟି୨୦ ସିଜନ୍‌ରେ ଭାରତର ‘ରିଅଲ୍ ହିରୋ’ଙ୍କୁ ରୟାଲ ଚ୍ୟାଲେଞ୍ଜ ସ୍ପୋର୍ଟସ୍ ଡ୍ରିଙ୍କ୍‌ର ସାଲ୍ୟୁଟ୍

ଭୁବନେଶ୍ୱର: ଚଳିତ ବର୍ଷ ଆରମ୍ଭରୁ ଜୀବନର ଅର୍ଥ ବଦଳିଯାଇଛି । ସାଧାରଣ ଲୋକ ଆଗଧାଡ଼ିର ଯୋଦ୍ଧାରେ ପରିଣତ ହୋଇଛନ୍ତି ଯେଉଁମାନେ ମହାମାରୀର ଅପ୍ରତ୍ୟାଶିତ ସମୟରେ ନିଜ କର୍ତବ୍ୟରୁ ଆଗକୁ ବଢି କାର୍ଯ୍ୟ କରିଛନ୍ତି। ଏହି ‘ବାସ୍ତବ ଚ୍ୟାଲେଞ୍ଜରମାନଙ୍କୁ’ ସାଲ୍ୟୁଟ୍ ଜଣାଇବା ପାଇଁ ରୟାଲ ଚ୍ୟାଲେଞ୍ଜ ସ୍ପୋର୍ଟସ୍ ଡ୍ରିଙ୍କ୍, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହିତ ଏକତ୍ରିତ ହୋଇଛି। ସାମ୍ପ୍ରତିକ ପରିସ୍ଥିତିରେ ଅସହାୟଙ୍କୁ ସହଯୋଗ ପାଇଁ ନିସ୍ୱାର୍ଥପର ଭାବେ କାମ କରିଥିବା ଭାରତର ଏହି ପ୍ରକୃତ ଚ୍ୟାଲେଞ୍ଜର୍‌ମାନଙ୍କର ହୃଦୟସ୍ପର୍ଶୀ, ବୀରତ୍ୱର କାହାଣୀ ସହିତ ଏହି ଅଭିଯାନ ଲକ୍ଷ ଲକ୍ଷ ଲୋକଙ୍କୁ ଏହି ବିଚାରଧାରାକୁ ଆପଣାଇବା ଏବଂ ନିଜ ମଧ୍ୟରେ ପ୍ରକୃତ ଚ୍ୟାଲେଞ୍ଜର ହେବା ପାଇଁ ଅନୁପ୍ରାଣିତ କରିବ। ଏହି ଅଭିଯାନ ଏକ ଟିଭିସି ସହିତ ଲାଇଭ୍ ପ୍ରସାରିତ ହେଉଛି ଯେଉଁଥିରେ ବିରାଟ କୋହଲି, ଏବି ଡେଭିଲିୟର୍ସ ଓ ୟୁଜ୍‌ବେନ୍ଦ୍ର ଚହଲ୍ ଗର୍ବର ସହିତ ଏହି ହିରୋମାନଙ୍କ କାହାଣୀ ବର୍ଣ୍ଣନା କରିଛନ୍ତି, ଯେଉଁମାନେ ଏଭଳି ଆହ୍ୱାନପୂର୍ଣ୍ଣ ସମୟରେ ନିଜର ଅବଦାନ ଦେଉଛନ୍ତି। ଆମ ଦେଶର ଗଭୀରତାରେ ସଂସ୍କୃତିର ବିବିଧତା ସହିତ ବିଭିନ୍ନ କ୍ଷେତ୍ର ହିରୋମାନେ ଭାଇଚାରା ଓ ମାନବଜାତିର ସମର୍ଥନରେ ନିଜ ସୀମାକୁ ଭାଙ୍ଗି ସାହସର ପ୍ରଦର୍ଶନ କରିଛନ୍ତି। ଭୁବନେଶ୍ୱରର ନିବାସୀ ଏଭଳି ଜଣେ ହିରୋ ହେଉଛନ୍ତି ନିଳାଚଳ ପରିଡା (୨୫ ବର୍ଷ), ଯିଏକି ହେଉଛନ୍ତି ଜଣେ ଜାତୀୟ ସ୍ତରୀୟ ପର୍ବତାରୋହୀ। ଏକ ପୂର୍ବ ନିର୍ଦ୍ଧାରିତ ୟୁରୋପିୟ ଅଭିଯାନକୁ ବାତିଲ କରିବା ପରେ ସେ ନିଜର ସମୟ ଓ ପ୍ରୟାସକୁ ମହାମାରୀ ସମୟରେ ସାହାଯ୍ୟ ଆବଶ୍ୟକ କରୁଥିବା ଅସହାୟ ଲୋକଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିବାରେ ବିନିଯୋଗ କରିବାକୁ ନିଷ୍ପତି ନେଇଥିଲେ। ନିଜ ବନ୍ଧୁମାନଙ୍କ ସହଯୋଗରେ ନିଳାଚଳ ପନିପରିବା ବିକ୍ରି କରିବା, ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବା ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ହୋମ୍ ଡେଲିଭରିର ବିକଳ୍ପ ପ୍ରଦାନ କରିବା ଲାଗି ଏକ ମେକ୍‌ସିଫ୍ଟ ହଟ୍ ସ୍ଥାପନ କରିଥିଲେ। ଏହି କାର୍ଯ୍ୟ ସହରର ବରମୁଣ୍ଡା ଅଂଚଳର ନିବାସୀମାନଙ୍କୁ ଅନେକ ସାହାଯ୍ୟ କରିଥିଲା ଏବଂ ନିଜର ମୂଲ୍ୟବାନ ଅବଦାନ ପାଇଁ ତାଙ୍କୁ ପ୍ରଶଂସା କରାଯାଇଥିଲା।

# ରାପିଡୋ ପକ୍ଷରୁ ଆପ୍ ଆଧାରିତ ଅଟୋ ବୁକିଙ୍ଗ ସେବା ‘ରାପିଡୋ ଅଟୋ’ର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ବୃହତମ ବାଇକ ଟାକ୍ସି ପ୍ଲାଟଫର୍ମ, ରାପିଡୋ ପକ୍ଷରୁ ଭାରତର ୧୦ଟି ରାଜ୍ୟର ୧୪ଟି ସହରରେ ଏହାର ରାପିଡୋ ଅଟୋ ସେବାର ଶୁଭାରମ୍ଭ କରାଯାଇଛି । ଏହି ସେବା ଯାତ୍ରୀମାନଙ୍କୁ ନିଜ ଘରର ଆରାମ ଏବଂ ସୁରକ୍ଷା ମଧ୍ୟରେ ରହି ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅଟୋ ବୁକ୍ କରିବାର ଅନୁମତି ଦେବ। ଏହି ସେବା ସର୍ବନିମ୍ନ ସୁବିଧା ଦେୟ ସହିତ ମିଟର ମୂଲ୍ୟରେ ଉପଲବ୍ଧ ହେବ। ୨୦୨୦ ଶେଷ ସୁଦ୍ଧା କମ୍ପାନୀ ଏହି ଅଟୋ ସେବାକୁ ଭାରତର ୫୦ଟି ସହରକୁ ସଂପ୍ରସାରିତ କରିବା ପାଇଁ ଲକ୍ଷ ରଖିଛି । ଏହା ହେଉଛି ଶୁଭାରମ୍ଭର ପ୍ରଥମ ପର୍ଯ୍ୟାୟ ଏବଂ ଏପର୍ଯ୍ୟନ୍ତ ରାପିଡୋ ୨୦,୦୦୦ ଅଟୋ କ୍ୟାପ୍‌ଟେନମାନଙ୍କୁ (ଚାଳକ-ସହଯୋଗୀ) ଅନ୍ତର୍ଭୁକ୍ତ କରିସାରିଛି । ଏହା ଆଗାମୀ ୬ ମାସ ମଧ୍ୟରେ ଅଧା ମିଲୟନ କ୍ୟାପ୍‌ଟେନଙ୍କୁ ସାମିଲ କରିବାର ଲକ୍ଷ ରଖିଛି। ଇଚ୍ଛୁକ ଅଟୋ




ଚାଳକମାନେ ରାପିଡୋ କ୍ୟାପ୍‌ଟେନ ଆପ୍ କିମ୍ବା ରାପିଡୋ ହେଲ୍‌ପଲାଇନ୍ ନମ୍ବରରେ ଯୋଗାଯୋଗ କରି ନିଜେ ଏହି ସେବାରେ ସାମିଲ ହୋଇପାରିବେ । ରାପିଡୋ ଅଟୋର ଶୁଭାରମ୍ଭ ସମ୍ପର୍କରେ ରାପିଡୋର ସହ ପ୍ରତିଷ୍ଠାତା ଶ୍ରୀ ଅରବିନ୍ଦ ଶଙ୍କା କହିଛନ୍ତି ଯେ, “ଏହି ରାପିଡୋ ଅଟୋ ଜରିଆରେ ଆମେ ଯାତ୍ରୀମାନଙ୍କୁ ଆମର ବାଇକ ସେବା ବ୍ୟତୀତ ସେମାନଙ୍କ ଦୈନନ୍ଦିନ ଯାତ୍ରା ପାଇଁ ଅନ୍ୟ ଏକ ସୁଲଭ ଏବଂ ସୁରକ୍ଷିତ ବିକଳ୍ପ ଯୋଗାଇଦେବାର ଲକ୍ଷ ରଖିଛୁ, ଯାହା ପରିଚାଳନା ଏବଂ ମୂଲ୍ୟ ନିର୍ଦ୍ଧାରଣରେ ମୂଲ୍ୟଯୁକ୍ତ ଅଟେ ।” ରାପିଡୋ ଅଟୋ ସୁବଠାରୁ ସୁଲଭ ଏବଂ ଆନ୍ତଃ ସହର ଯାତାୟାତ ବିକଳ୍ପରେ ସୁରକ୍ଷା ଅଂଶକୁ ସାମିଲ କରିବ । ପ୍ରତ୍ୟେକ ରାପିଡୋ ଅଟୋ ରାପିଡୋର ଜିପିଏସ ଟେକ୍ନୋଲୋଜିରେ ସମ୍ବଦ୍ଧ ରହିବ । ରାପିଡୋ ଅଟୋ ଜରିଆରେ ବ୍ୟବହାରକାରୀମାନେ ସେମାନଙ୍କ ଭ୍ରମଣକୁ ନିଜର ପ୍ରିୟଜନଙ୍କ ସହିତ ରିୟଲ ଟାଇମ ମଧ୍ୟରେ ଟ୍ରାକ ଏବଂ ସେୟାର କରିବାକୁ ସକ୍ଷମ ହେବେ । ଯାତ୍ରୀମାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ଅନୁରୂପ ଅଭିଜ୍ଞତାକୁ ସୁନିଶ୍ଚିତ କରିବା ଲାଗି ରାପିଡୋ ବାଇକ ଟାକ୍ସିଗୁଡ଼ିକ ଭଳି ରାପିଡୋ ଅଟୋରେ ମଧ୍ୟ ଏକ ଇନ-ଆପ ଫିଡବ୍ୟାକ ମେକାନିଜିମ ରହିବ । ଗ୍ରାହକ ଏବଂ କ୍ୟାପ୍‌ଟେନମାନଙ୍କୁ ସୁରକ୍ଷା ଦେବା ପାଇଁ ମାନଦଣ୍ଡଗୁଡ଼ିକର ଅନୁସରଣ କରିବା ଏବଂ ସୁରକ୍ଷା ବଜାୟ ରଖିବା ଦିଗରେ ନିକଟରେ ରାପିଡୋ ପକ୍ଷରୁ ବାଇକ ଟାକ୍ସି ରାଇଡ ପାଇଁ ଅଭିନବ ସୁରକ୍ଷା ବ୍ୟାକ ସିଲ୍ଡ ସମେତ ଅନେକ ପଦକ୍ଷେପର ଘୋଷଣା କରାଯାଇଛି ।




# ଶିଶୁଙ୍କ ପାଇଁ ହିତକର ମିଲେଟ ଖାଦ୍ୟ



**ମା**ଣ୍ଡିଆ, ବାଜରା, ଯଅ, ସୁଆଁ ଆଦି ମିଲେଟ ଜାତୀୟ ଖାଦ୍ୟ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭକାରୀ ହୋଇଥାଏ। ମିଲେଟ ଖାଦ୍ୟ ସାରା ଓ ଜୀବସାର ଭରପୁର ରହିଥାଏ। ମିଲେଟ ବା ଲଘୁକ୍ଷୁଦ୍ର ଖାଦ୍ୟଶସ୍ୟରୁ ପ୍ରସ୍ତୁତ ଅଟାରୁ ଶିଶୁଖାଦ୍ୟ ପ୍ରସ୍ତୁତ କରିପାରିବା। ଏହା ବ୍ୟତୀତ ମାଣ୍ଡିଆ ଅଟାରୁ ପ୍ରସ୍ତୁତ ଦୋସା, ପିଠା, ହାଲୁକା କିମ୍ବା ପରିବା ସହିତ ମିଶାଇ ଖିଚିଡ଼ି କରି ମଧ୍ୟ ଶିଶୁକୁ ଦିଆଯାଇପାରିବ।

**ଶିଶୁ ପାଇଁ ସ୍ୱାସ୍ଥ୍ୟପ୍ରଦ ମିଲେଟ ଖାଦ୍ୟ :** ଲଘୁ କ୍ଷୁଦ୍ର ଖାଦ୍ୟଶସ୍ୟରେ ପ୍ରଚୁର ପରିମାଣରେ ପ୍ରୋଟିନ ରହିଥାଏ। ଏହାକୁ ରାନ୍ଧିଲେ ମଧ୍ୟ ଏଥିରେ ଯଥେଷ୍ଟ ପରିମାଣର ପ୍ରୋଟିନ ସୁରକ୍ଷିତ ରହେ। ଫଳରେ ଶିଶୁର ମାଂସପେଶୀର ବିକାଶ ଏହା ସାହାଯ୍ୟ କରିଥାଏ। ଏଥିରୁ ମିଳୁଥିବା ଶର୍କରା ବା କାର୍ବୋହାଇଡ୍ରେଟ ରକ୍ତ ଶର୍କରା ବଢ଼ିବାକୁ ଦିଏ ନାହିଁ। ତେଣୁ ଏହାକୁ ଖାଇଲେ ଶିଶୁ ମୋଟାପଣର ଶିକାର ହେବାର ଆଶଙ୍କା ରହେନାହିଁ। ସେହିପରି ଫାଇବର ବା ତନ୍ତୁ ଅଧିକ ଥିବାରୁ ଶିଶୁର ପାକସ୍ଥଳୀ ସମ୍ପର୍କିତ ସମସ୍ୟା ଦେଖାଦିଏନାହିଁ। ଏହାକୁ ଶିଶୁଟି ସହଜରେ ହଜମ କରିପାରୁଥିବାରୁ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଦିଏନାହିଁ। ଏହା ସହିତ ଏଥିରେ ପ୍ରିବାୟୋଟିକ୍ସ ଅଧିକ ଥିବାରୁ ଶିଶୁର ଅନ୍ତଃନାଳୀ ସୁସ୍ଥ ରଖେ। ସେଥିପାଇଁ ଏଥିରେ ମ୍ୟାଗ୍ନେସିୟମ ଭରପୁର ଥିବାରୁ ଶିଶୁର ସ୍ନାୟବିକ ବିକାଶରେ ସାହାଯ୍ୟ କରେ। ଏହା ସହିତ ଅସ୍ଥି ଓ ଦାନ୍ତର ବିକାଶରେ ମଧ୍ୟ ଏହା ସାହାଯ୍ୟ କରେ। ମାଣ୍ଡିଆରେ ଭରପୁର ଫାଇବର ଥିବାରୁ ଏହା ଶିଶୁର ମାଂସପେଶୀର ବିକାଶରେ ସହଯୋଗ କରେ। ସବୁଠାରୁ ବଡ଼ କଥା ହେଲା, ମିଲେଟ ଖାଦ୍ୟ ଶିଶୁର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରି ମିଲେଟ ବ୍ୟାକ୍ଟେରିଆ



ସଂକ୍ରମଣ ବିରୋଧରେ ଲଢ଼େଇ କରିବାରେ ସହଯୋଗ କରେ। ମିଲେଟ ଜାତୀୟ ଖାଦ୍ୟ ଶିଶୁ ମାନଙ୍କୁ ଅନେକ ପୋଷକତତ୍ତ୍ୱ ଯୋଗାଇ ଦେଇଥାଏ। ଏହା ସମ୍ପୂର୍ଣ୍ଣ ରୂପେ ପ୍ରାକୃତିକ ଏବଂ ଶିଶୁ ମାନଙ୍କ ପାଇଁ ଶତ ପ୍ରତିଶତ ନିରାପଦ ହୋଇଥାଏ। ଗହମ ପ୍ରସ୍ତୁତ ଖାଦ୍ୟରେ ଗୁଟୋନ ଥିବାରୁ ଶିଶୁର ପେଟ ଯନ୍ତ୍ରଣା ହୋଇଥାଏ। ଶିଶୁକୁ ଗ୍ୟାସ ଜନିତ ସମସ୍ୟାର ସ୍ୱୀକାର ହେବାକୁ ପଡ଼ିଥାଏ। ଏହି କ୍ଷେତ୍ରରେ ମାଣ୍ଡିଆ ଜାତୀୟ ଖାଦ୍ୟକୁ ଶିଶୁଟି ସହଜରେ ହଜମ କରିପାରିଥାଏ। ତେବେ ଶିଶୁକୁ ଯେ କୌଣସି ଖାଦ୍ୟ ଦେବା ପୂର୍ବରୁ ପୋଷକ ତତ୍ତ୍ୱ ବିଶେଷଜ୍ଞଙ୍କ ସହ ନିଶ୍ଚିତ ଭାବେ ପରାମର୍ଶ କରିବା ଉଚିତ।

**ଅଟିଜିମ ଶିଶୁଙ୍କ ପାଇଁ ବରଦାନ ମିଲେଟ ଖାଦ୍ୟ:** ମିଲେଟ ଜାତୀୟ ଖାଦ୍ୟ ସମସ୍ତ ବର୍ଗଙ୍କ ପାଇଁ ଖୁବ ହିତକର। ତେବେ ଅଟିଜିମ ରୋଗରେ ପୀଡ଼ିତ ଶିଶୁମାନଙ୍କ ପାଇଁ ବିଶେଷ ଭାବରେ ଗୁରୁତ୍ୱ ରଖିଥାଏ। ଅଟିଜିମ ରୋଗଗ୍ରସ୍ତ ଶିଶୁ ଶାରୀରିକ ତଥା ମାନସିକ ବିକାଶରେ ପଛରେ ରହିଥାନ୍ତି। ଏହିପରି ଶିଶୁମାନେ ଅନ୍ୟ ଶିଶୁଙ୍କ ସହ ମିଳାମିଶା କରିପାରନ୍ତି ନାହିଁ। ଜନ୍ମର ପ୍ରଥମ ତିନି ବର୍ଷ ମଧ୍ୟରେ ଏହି ରୋଗରେ ଶିଶୁଟି ଆକ୍ରାନ୍ତ ହୋଇଥାଏ। ଗବେଷଣା ଅନୁଯାୟୀ ଏହି ପ୍ରକାର ରୋଗୀମାନଙ୍କ ଖାଦ୍ୟପେୟ ଉପରେ ବିଶେଷ ଧ୍ୟାନ ଦେଲେ ଏହି ରୋଗ ସମ୍ଭବତଃ ଦୂର ହୋଇଥାଏ।

ଅଟିଜିମ ରୋଗୀ ସର୍ବଦା ଗ୍ଲୁଲେଟିନ ମୁକ୍ତ ଖାଦ୍ୟ ସେବନ କରିବା ଉଚିତ। ମିଲେଟଯୁକ୍ତ ଖାଦ୍ୟ ପଦାର୍ଥ ଅଟିଜିମ ଶିଶୁ ମାନଙ୍କ ହଜମ ପ୍ରକ୍ରିୟା ସହ ମାନସିକ ବିକାଶର ତାରତମ୍ୟ ରଖିବା ପାଇଁ ପ୍ରଭାବିତ କରିଥାଏ। ଅଟିଜିମ ଶିଶୁକୁ ଗହମ, ଚାଉଳ ଜାତୀୟ ଶସ୍ୟ ହଜମ କରିପାରନ୍ତି ନାହିଁ ଓ ଏହା ଶିଶୁ ଶରୀରରେ ଏଲର୍ଜି ସୃଷ୍ଟି କରିଥାଏ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଦୈନିକ ଆହାରରେ ଆବଶ୍ୟକ ପରିମାଣର ବାଜରା, ମାଣ୍ଡିଆ, ଯଅ ଆଦି ଦେବା ଉଚିତ। ଏହା ବ୍ୟତୀତ ମିଲେଟଯୁକ୍ତ ଖାଦ୍ୟରେ ଭିଟାମିନ ବି-୬ ଏବଂ ମ୍ୟାଗ୍ନେସିୟମ ଅଧିକ ମାତ୍ରାରେ ଥିବାରୁ ଅଟିଜିମ ଶିଶୁର କଥାବାର୍ତ୍ତା କରିବା ଓ ବୁଝିବା ଶକ୍ତିକୁ ବୃଦ୍ଧି କରିଥାଏ। ମାଣ୍ଡିଆରେ ଆଣ୍ଟି ଅକ୍ସିଡାଣ୍ଟରେ ଭରପୁର ମାତ୍ରାରେ ମିଳିଥାଏ। ମାଣ୍ଡିଆ ପିଲାମାନଙ୍କର ମାଂସପେଶୀ ବିକାଶରେ ସାହାଯ୍ୟ କରେ। ମିଲେଟରେ ଫାଇବରରେ ଭରପୁର ଥାଏ। ତେଣୁ ଦୈନିକ ଏହାର ଖାଇବା ଫଳରେ କୋଷ୍ଠକାଠିନ୍ୟ ଦୂର ହୋଇଥାଏ। ଏଥିରେ କ୍ୟାଲସିୟମ ଭରପୁର ଅଟେ, ଯାହା ହାଡ଼କୁ ଶକ୍ତ କରିଥାଏ। ମାଣ୍ଡିଆରେ ଲୌହସାର ମାତ୍ରା ଭରପୁର ଥିବାରୁ ଏହା ଶିଶୁଙ୍କ ଠାରେ ଦେଖାଯାଉଥିବା ରକ୍ତହୀନତାକୁ ରୋଗକୁ ଦୂର କରିଥାଏ।

**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ,** ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର, ଦୂରଭାଷ : ୯୪୩୭୧୨୪୦୭୪

## ଜାରକାରେ ଓଡ଼ିଶା ମିଡିଏଟର ମହାସଂଘ ଶାଖା ଉଦ୍‌ଘାଟିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକାଠାରେ ଆଜି ଓଡ଼ିଶା ମିଡିଏଟର ମହାସଂଘର ଏକ ଶାଖା ଉଦଘାଟିତ ହୋଇଯାଇଛି। ପାତ୍ର ଜୁଏଲାରୀ ସନ୍ନିକଟ ଏହି କାର୍ଯ୍ୟାଳୟକୁ ରାଜ୍ୟ ସଭାପତି ରବୀନ୍ଦ୍ର ନାଥ ତ୍ରିପାଠୀ ଉଦଘାଟନ କରିଥିବା ବେଳେ ଅତିଥି ଭାବେ ସମ୍ପାଦକ ମିହିର କୁମାର ରାଉତ, କୋଷାଧ୍ୟକ୍ଷ ଅନୀଲ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହା ଓଡ଼ିଶାର ୫ମ ଶାଖା ଭାବେ ଖୋଲାଯାଇଥିବା ବେଳେ ରାଜ୍ୟରେ ଏହି ସଂଘରେ ବର୍ତ୍ତମାନ ୨୪୫ ଜଣ ସଦସ୍ୟ ରହିଛନ୍ତି। ଘଟସୁତ୍ର ଅଫିସ ଦ୍ୱାରା ସହଜରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଉପଯୁକ୍ତ ବିବାହ ପ୍ରସ୍ତାବ ମିଳିପାରିବ। ୭୦୦ ଟଙ୍କା ଦେଇ ଜଣେ ବର ବା କନ୍ୟା ପକ୍ଷ ଶାଖା କାର୍ଯ୍ୟାଳୟରେ ନିଜର ନାମ ପଂଜିକରଣ କରିପାରିବେ। ଏହାପରେ ତାଙ୍କୁ ସେମାନଙ୍କ ଯୋଗ୍ୟତା ଅନୁଯାୟୀ ପ୍ରସ୍ତାବ ମିଳିପାରିବ। ଖାଲି ବିବାହ କାର୍ଯ୍ୟ ନୁହେଁ, ମଧ୍ୟସ୍ଥିମାନେ ବିବାହ ସମସ୍ୟାର ସମ୍ମୁଖୀନ ହେଉଥିବା ସମସ୍ୟା ପ୍ରତି ମଧ୍ୟ ସଂଘ ଦୃଷ୍ଟି ଦେବ ବୋଲି ସଭାପତି ଶ୍ରୀ ତ୍ରିପାଠୀ କହିଛନ୍ତି। ଜାରକା ଶାଖା ଦାୟିତ୍ୱରେ ଥିବା ଅଜୟ କୁମାର ପଣ୍ଡା, ସୁବାଷ କୁମାର ରଥ, ପ୍ରଶାନ୍ତ ବେହେରା ଓ ରାମଚନ୍ଦ୍ର ମଲିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମ ଦିନରେ ୧୦ଟି ବିବାହ ପ୍ରସ୍ତାବର ପଂଜିକରଣ କରାଯାଇଥିବା ସୂଚନା ଦିଆଯାଇଛି।

## ମୋହନ ଯେନାଙ୍କ ବିୟୋଗରେ ଶୋକ

ଧର୍ମଶାଳା (ପିଏନ୍): ଯାଜପୁରର ପୂର୍ବତନ ସାଂସଦ ମୋହନ ଯେନାଙ୍କ ବିୟୋଗରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ବିଜେଡ଼ି ନେତା ରମେଶ ଚନ୍ଦ୍ର ପରିଡ଼ା, ସନ୍ତୋଷ କୁମାର ଜେନା, ଧର୍ମଶାଳା ବିକାଶ ପରିଷଦ ସଭାପତି ଶ୍ରୀକାନ୍ତ ସାହୁ, ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ମାନସ ରଂଜନ କର, ବିଜେପି ନେତା ଅଧୀର କୁମାର ଜେନା, ବିଭୂତିଭୂଷଣ ଜେନା, କଂଗ୍ରେସ ନେତା ମିହିର କୁମାର ଖୁଣ୍ଟିଆ, ଯୁବନେତା ପ୍ରଫୁଲ୍ଲ କୁମାର ରାଉତ, କମ୍ରେଡ୍ ଅକ୍ଷୟ ଦାସ, ଯୁବ ସଂଗଠକ ପ୍ରତାପ କୁମାର ପ୍ରଧାନଙ୍କ ସମେତ ବହୁ ବ୍ୟକ୍ତି ସ୍ୱର୍ଗତଃ ଯେନାଙ୍କ ଅକାଳ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# —କେହି ନୁହେଁ ପର !—



**"ସଂ**ସାରରେ କେହି ପର ନୁହଁନ୍ତି, ସମସ୍ତ ଲୋକ ଅତି ଆପଣାର ଭାବିବା ଉଚିତ।" ଏହାହିଁ ମାଆ ସାରଦାଙ୍କ ଶିକ୍ଷାର ସାରମର୍ମ ଥିଲା। "I am the mother of wicked. mother of virtuous. Do not fear. When in danger; just think you have a mother." ଶ୍ରୀମଦ୍ ରାମକୃଷ୍ଣ ପରମହଂସଙ୍କ ଅଗଣିତ ଶିଷ୍ୟ ମାନଙ୍କ ପାଇଁ ସାରଦା ଦେବୀ ଥିଲେ ସ୍ନେହମୟୀ ମାଆ ଭଳି। ସ୍ୱାମୀଙ୍କ ମୃତ୍ୟୁ ପରେ ବିକ୍ଷିପ୍ତ ହୋଇ ପଡିଥିବା ଭକ୍ତମାନଙ୍କୁ ଏକତ୍ର କରି ବିଶାଳ ରାମକୃଷ୍ଣ ସେବା ସଂଘ ଓ ରାମକୃଷ୍ଣ ମିଶନ ଗଢି ଏହାର ଭାବଧାରାକୁ ବିଶ୍ୱର ପ୍ରତି କୋଣରେ ପହଂଚ-ାଇବା ଭଳି ଅଲୌକିକ କାର୍ଯ୍ୟ ମାଆ ସାରଦା ଦେବୀ ହିଁ ସମ୍ଭବ କରିଥିଲେ। ସେଥିପାଇଁ ଶିଷ୍ୟ ମଣ୍ଡଳି ତାଙ୍କୁ 'ହୋଲି ମଦର' ବୋଲି ଅଭିହିତ କରିଥାଆନ୍ତି।

ସାରଦା ଦେବୀ ବା କ୍ଷେମଙ୍କରୀ ଦେବୀ ବା ଠାକୁରମଣୀ, ସାରଦାମଣି ଦେବୀ ୨୨ ଡିସେମ୍ବର ୧୮୫୩ ମସିହା ଅବିଭକ୍ତ ବଙ୍ଗର ବାଙ୍କୁଡା ଜିଲ୍ଲାର ଜୟରାମ ବାଟୀ ନାମକ ଗ୍ରାମରେ ଜନ୍ମ ନେଇଥିଲେ। ତାଙ୍କ ପିତା ଥିଲେ ରାମଚନ୍ଦ୍ର ମୁଖୋପାଧ୍ୟାୟ ଓ ମାତା ଥିଲେ ଶ୍ୟାମା ସୁନ୍ଦରୀ ଦେବୀ। ଜନ୍ମର ପୁର୍ବରୁ ମୁଖୋପାଧ୍ୟାୟ ଦମ୍ପତି ଏକ ପବିତ୍ର ଆତ୍ମା ତାଙ୍କ ପରିବାରରେ ଜନ୍ମ ହେବାର ସ୍ୱପ୍ନ ଦେଖିଥିଲେ।

ମାତ୍ର ଛଅବର୍ଷ ବୟସରେ ତାଙ୍କର ବିବାହ ୨୩ ବର୍ଷର ରାମକୃଷ୍ଣ ବା ଗଦାଧର ଚଟୋପଧ୍ୟାୟଙ୍କ ସହ ହୋଇଥିଲା (୧୮୫୯)। ସେ ଅନେକ ଦିନ ବାପଘରେ ରହି ବୟଃପ୍ରାପ୍ତ ହେଲା ପରେ କଲିକତା ସ୍ୱାମୀଙ୍କ ପାଖକୁ ଯାତ୍ରାକଲେ। ସେତେବେଳକୁ ରାମକୃଷ୍ଣ ରାଣୀ ରାସମଣୀ ଦେବୀଙ୍କ ନିର୍ମିତ ଦକ୍ଷିଣେଶ୍ୱର କାଳୀ ମନ୍ଦିରର ପୂଜକ କାର୍ଯ୍ୟ କରୁଥିଲେ। ତାଙ୍କର ଭାବବିହ୍ୱଳ ପୂଜା, ନିର୍ବିକଳ୍ପ ସମାଧି ସେତେବେଳକୁ ସବୁଆଡେ ଚହଳ ପକାଇ ଦେଇଥିଲା। ସେ କାଳୀଙ୍କୁ ଜୀବନ୍ତ ମାଆ ଭଳି ଭାବୁଥିଲେ। ସାରଦା ତାଙ୍କ ସହ ରହିଲେ ମଧ୍ୟ ସାଂସାରିକ ଜୀବନ କଟାଇ ନ ଥିଲେ। (Sexless marriage) ସେ ସ୍ୱାମୀଙ୍କ ସାଧନାର ଅଙ୍ଗ ହୋଇଗଲେ। ରାମକୃଷ୍ଣ ସାରଦାଙ୍କୁ ମାଆ ଆସନରେ ତ୍ରିପୁରା ସୁନ୍ଦରୀ ରୂପେ ବସାଇ ଷୋଡଶ ପୂଜା କରିବାକୁ ଲାଗିଲେ। ତାଙ୍କୁ ତନ୍ତ୍ର ସାଧନା ବିଧି ଶିଖାଇ ଲୋକମାନଙ୍କୁ କିପରି ଆଧ୍ୟାତ୍ମିକ ଦିଗ୍‌ଦର୍ଶନ ଦେବେ ଶିକ୍ଷା ଦେଲେ। କୁହାଯାଏ ସେ ହିଁ ରାମକୃଷ୍ଣଙ୍କ ପ୍ରଥମ ଶିଷ୍ୟା ଥିଲେ। ସାଧନା ବଢିବା ସଙ୍ଗେସଙ୍ଗେ ଶିଷ୍ୟ ସଂଖ୍ୟା ବଢିଲା। ଦୂରଦୂରାନ୍ତରୁ ଭକ୍ତମାନେ ଆସିଲେ। ସେମାନଙ୍କ ଚର୍ଚ୍ଚାର ଭାର ସାରଦା ନେଲେ। ଅନେକ ମହିଳା ଭକ୍ତ ତାଙ୍କ ସହ ରହିଲେ (ଗୋପାଳର ମା, ଗୋଲାପର ମାଆ, ଗୌରୀ ମାଆ, ଯୋଗିନୀ ମା, ଲକ୍ଷ୍ମୀ ମା)। ୧୮୮୬ ମସିହାରେ ରାମକୃଷ୍ଣଙ୍କ ଗଳା କ୍ୟାନସର ରୋଗ ଜଣାପଡିଲା। ସାରଦା ଦିନରାତି ତାଙ୍କ ସେବା କଲେ। ଅଗଷ୍ଟ ମାସରେ ରାମକୃଷ୍ଣଙ୍କ ଦେହାନ୍ତ ହେଲା। ମୃତ୍ୟୁପୂର୍ବରୁ ନିଜ ଶିଷ୍ୟମାନଙ୍କୁ ସାରଦା ଦେବୀଙ୍କ ମଧ୍ୟରେ ତାଙ୍କୁ ପାଇବେ ବୋଲି କହିଗଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ସାରଦା ବାପ ଘରକୁ ଚାଲିଗଲେ। ରାମକୃଷ୍ଣଙ୍କ କିଛି ଶିଷ୍ୟ ନିଜ ନିଜ ଘରକୁ ନଫେରି ସନ୍ୟାସୀ ରୂପେ ରହିବାକୁ ସ୍ଥିର କଲେ। ସେମାନଙ୍କୁ ଦିଗ୍‌ଦର୍ଶନ ଦେବାକୁ ସାରଦା ଦେବୀଙ୍କୁ ଅନୁରୋଧ କଲେ। ତାଙ୍କ ପାଇଁ ଉଦ୍‌ବୋଧନ ନାମକ ଘର ତିଆରି କଲେ ଯାହା ପରେ ମାଆର ବାଡି ରୂପେ ପୂଜା ପାଉଛି। ଶିଷ୍ୟ ସାରଦାନନ୍ଦ ତାହା ନିର୍ମାଣ କରିଥିଲେ। ସାରଦା ହେଲେ ସଂଘ ଜନନୀ। ପିଲାମାନଙ୍କୁ ସେ ପୁଅ ଭଳି ଦେଖିଲେ। ଗାଳି ଦେଲେ, ବୁଝାଇଲେ, ଉପଦେଶ ଦେଲେ। ସେ ନିଜେ ଦୀକ୍ଷା ଦେବାକୁ ସ୍ଥିର କଲେ। ଅନେକ ପ୍ରଥମ ସମୟର ଶିଷ୍ୟ ମାଆଙ୍କ ଦ୍ୱାରା ଦୀକ୍ଷିତ ହବାର ସୌଭାଗ୍ୟ ପାଇଥିଲେ। ଅନେକ ଜ୍ଞାନୀ ଗୁଣୀ ସନ୍ତାନ ଆସିଲେ। ବ୍ରହ୍ମାନନ୍ଦ, ବିବେକାନନ୍ଦ, ସାରଦାନନ୍ଦ, ନିଖିଳାନନ୍ଦ, ଆତ୍ମାନନ୍ଦ, ସଚ୍ଚିଦାନନ୍ଦ; ଯେଉଁମାନେ ଗଢିଲେ ବେଲୁର ମଠ, ରାମକୃଷ୍ଣ ମିଶନ, ବେଦାନ୍ତ କଲେଜମାନ, ଯାହା ଆଜି ସାରା ପୃଥିବୀରେ ବିସ୍ତାରିତ ହୋଇଛି।



୧୯୧୯ରେ ସାରଦା ଅସୁସ୍ଥ ହୋଇପଡିଲେ। ସେ ଜୟରାମ ବାଟୀରେ ଥିଲେ। ଶିଷ୍ୟମାନେ ତାଙ୍କୁ କଲିକତା ଆଣି ଚିକିତ୍ସା କଲେ। ସକାଳ ୧.୩୦ ସମୟ ଜୁଲାଇ ୨୦ ତାରିଖ ୧୯୨୦ ମସିହାରେ ସେ ମୃତ୍ୟୁବରଣ କଲେ। ମଲା ପୂର୍ବରୁ ସେ ଶିଷ୍ୟମାନଙ୍କୁ କହିଥିଲେ, ଧ୍ୟାନ ଓ ଯୋଗ ଅଭ୍ୟାସ କର। ତାହା ମନ ଓ ହୃଦୟକୁ ନିର୍ମଳ କରେ।

ମନ ଜୀବନର ସବୁକିଛି। ମନରେ ହିଁ ଜଣେ ପବିତ୍ର ଅପବିତ୍ର ଭାବନା ଆଣେ। ଅପରର ଦୋଷ ଦେଖିବା ଆଗରୁ ନିଜ ଦୋଷ ଦେଖ। ସଂସାରରେ ସମସ୍ତେ ଆପଣାର, କେହି ପର ନୁହଁନ୍ତି। ନିଜକୁ ବିଶ୍ୱର ଏକ ଅଂଶ ବୋଲି ଭାବ। ନିଜ ଗୁରୁଙ୍କ ପ୍ରତି ଅନୁରକ୍ତ ହୁଅ। ଗୁରୁଙ୍କ ଦୋଷ ଗୁଣ ବିଚାର କରନା। ଗୁରୁ ହିଁ ସଂସାରରେ ମୁକ୍ତିଦାତା ଅଟନ୍ତି।

ସାରଦା ଦେବୀଙ୍କୁ ବେଲୁର ମଠରେ ସମାଧି ଦିଆଗଲା। ଗଙ୍ଗା କୂଳରେ ତାହା ହୋଲି ମଦର ଘାଟ ନାମରେ ଖ୍ୟାତିଲାଭ କରିଛି। ସେ ସବୁବେଳେ ପଛରେ ରହି ମିଶନକୁ ପରିଚାଳନା କରୁଥିଲେ। ତାଙ୍କ ଶିଷ୍ୟ ସ୍ୱାମୀ ନିଖିଳାନନ୍ଦ ନ୍ୟୁୟର୍କଠାରେ ରାମକୃଷ୍ଣ ବେଦାନ୍ତ ଆଶ୍ରମ ପ୍ରତିଷ୍ଠା କରିଛନ୍ତି। ସେ କହିଥିଲେ ମାଆଙ୍କର ରକ୍ତର ସନ୍ତାନ ନଥିଲେ ମଧ୍ୟ ତାଙ୍କ ମାତୃସ୍ନେହ ଯୋଗୁଁ ହିଁ ରାମକୃଷ୍ଣ ମିଶନର ମୂଳଦୁଆ କାମ କରିଥିଲା।

୧୯୫୪ ମସିହାରେ ତାଙ୍କ ନାମ ଅନୁସାରେ ଶ୍ରୀ ସାରଦା ମଠ ଓ ରାମକୃଷ୍ଣ-ସାରଦା ମିଶନ ସ୍ଥାପିତ ହୋଇଛି। ତାଙ୍କର ଆଶୀର୍ବାଦ ଓ ସହମତି ପାଇଲା ପରେ ହିଁ ସ୍ୱାମୀ ବିବେକାନନ୍ଦ ଚିକାଗୋ ଧର୍ମ ମହାସଭାକୁ ଯାତ୍ରା କରିଥିଲେ। ମା ସାରଦା ଅନେକ ବ୍ୟକ୍ତି ଯେଉଁମାନେ ତାଙ୍କୁ ଆଦୌ ଦେଖିନଥିଲେ ସ୍ୱପ୍ନରେ ଦେଖାଦେଇଥିଲେ ଓ ଆଶୀର୍ବାଦ କରିଥିଲେ ବୋଲି ପରେ ସେମାନେ ବର୍ଣ୍ଣନା କରିଛନ୍ତି। ସେମାନଙ୍କ ମଧ୍ୟରୁ ଗିରିଶ ଚନ୍ଦ୍ର ଘୋଷ ଯେ ବେଙ୍ଗଲ ନାଟକର ପିତାରୂପେ ସମ୍ମାନିତ, ଅନ୍ୟତମ। ଟୀକା: ତାରିଖ ଅନୁସାରେ ଜନ୍ମଦିନ ୨୨ ତାରିଖ ପଡିଲେ ମଧ୍ୟ ତିଥି ଅନୁଯାୟୀ ବିଶ୍ୱସାରା ୧୫ ତାରିଖ ଦିନ ପାଳିତ ହେଉଛି।

**-ଡାଃ ସୁରେନ୍ଦ୍ରନାଥ ଦାଶ,** ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ: ୯୪୩୭୨୩୫୩୮୬

## କେଡିଏମ କ୍ରିକେଟ ଟୁର୍ଣ୍ଣାମେଂଟ, କମାଗଡ ଓ ସାହାଣୀଡିହ ବିଜୟୀ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଗଡମଧୁପୁର ଖେଳପଡିଆରେ ଚାଲିଥିବା କଳ୍ପତରୁ ଦାସ କ୍ରିକେଟ ଟୁର୍ଣ୍ଣାମେଂଟ ତୃତୀୟ ଦିବସରେ ୨ ଗୋଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚରେ ଜେନାପୁରକୁ ୨୫ରନରେ ପରାସ୍ତ କରି କମାଗଡ ବିଜୟୀ ହୋଇଥିବା ବେଳେ ମହିଶରାକୁ ୫ଉଇକେଟରେ ପରାସ୍ତ କରି ସାହାଣୀଡିହ ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ କମାଗଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୫ ଉଇକେଟ ହରାଇ ୧୭୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପପୁ ସ୍ୱାଇଁ ୭୪ରନ ଓ ଦଶରଥ ସ୍ୱାଇଁ ୩୦ ରନ କରିଥିଲେ। ବିପକ୍ଷ ଜେନାପୁର ଟିମର ବିଶ୍ୱଭୁଷଣ ବରାଳ ୪ଟି ଓ ପ୍ରିୟବ୍ରତ ଦାସ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଜେନାପୁର ଟିମ ବ୍ୟାଟି କରି ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୧୫୦ରନ କରି ପରାଜିତ ହୋଇଛି। ଦଳପକ୍ଷରୁ ପ୍ରିୟବ୍ରତ ଦାସ ୪୨ରନ ଓ ରଂଜିତ ବରାଳ ୨୮ରନ କରିଥିଲେ। ବିପକ୍ଷ କମାଗଡ ଟିମର ପ୍ରଫୁଲ୍ଲ ଭଂଜ ୩ଟି ଓ ପବିତ୍ର ସାହୁ ୨ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ମ୍ୟାଚରେ ମହିଶରା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ମଧ୍ୟରୁ ୧୩ ଓଭରରେ ସମସ୍ତ ଉଇକେଟ ହରାଇ ୯୨ରନ କରିଥିଲା। ଦଳ ପକ୍ଷରୁ ବିଶ୍ୱରଂଜନ ବେହେରା ୨୯ରନ ଓ ରାଜେନ୍ଦ୍ର ପରିଡା ୧୦ରନ କରିଥିଲେ। ବିପକ୍ଷ ସାହାଣୀଡିହ ଟିମର ଜିତେନ୍ଦ୍ର ଓଝା ୪ଟି ଓ ଗୋପିନାଥ କରଣ ୩ଟି ଉଇକେଟ ନେଇଥିଲେ। ଜବାବରେ ସାହାଣୀଡିହ ଟିମ ୭.୩ ଓଭରରେ ୫ଉଇକେଟ ହରାଇ ୯୮ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସଂଗ୍ରାମ ଜେନା ୩୫ରନ ଓ ସଂଗ୍ରାମ ପାତ୍ର ୨୧ ରନ କରିଥିଲେ। ବିପକ୍ଷ ଦଳର କାହ୍ନୁ ଚରଣ ବାରିକ ୨ଟି ଓ ତପନ ମଲିକ ଗୋଟିଏ ଉଇକେଟ ନେଇଥିଲେ। ଉଭୟ ମ୍ୟାଚକୁ ନାରାୟଣ ପାଲ, କାର୍ତ୍ତିକ ଗୁରୁ ଓ ସ୍ୱୟମ ସିଦ୍ଧାର୍ଥ ମହାନ୍ତି ପରିଚାଳନା କରିଥିଲେ। ପରଦିନ ପ୍ରଥମ ମ୍ୟାଚ ବୃନ୍ଦାଦେଇପୁର ସହିତ କମାଗଡ ଓ ଦ୍ୱିତୀୟ ମ୍ୟାଚ ଅଂଟିଆ ସହିତ ସାହାଣୀଡିହ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କେଡିଏମ ଉପାଧ୍ୟକ୍ଷ ରଶ୍ମୀରଂଜନ ରାୟ ସୂଚନା ଦେଇଛନ୍ତି।

## ଶୋକ ସମ୍ବାଦ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ୍ ଚହଟା ଗ୍ରାମର ସ୍ୱର୍ଗତ ଗୋଲକ ମଲିକଙ୍କ ପତ୍ନୀ ନିରୁପମା ମଲିକ (୭୨)ଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ବାବୁଲି, ସାନପୁଅ ପୂର୍ବତନ ସମିତିସଭ୍ୟ କାର୍ତ୍ତିକ, ବୋହୂ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖବର ପାଇ ଅବସରପ୍ରାପ୍ତ ପୁଲିସ୍ ଅଧିକାରୀ ଶିବ ଚରଣ ମଲିକ, ଧର୍ମଶାଳା ବିକାଶ ପରିଷଦ ସଭାପତି ଶ୍ରୀକାନ୍ତ ସାହୁ, ଚୋରମୁହାଁ ସରପଂଚ ପ୍ରଦ୍ୟୁମ୍ନ କେଶରୀ ମହାନ୍ତି, ସମାଜସେବୀ ନାରାୟଣ ମଲିକ, ବିଜେଡ଼ି ନେତା ବିଚିତ୍ର କୁମାର ସ୍ୱାଇଁ, ସତ୍ୟକାନ୍ତ ମଲିକ, ରାଜା ପାଳଙ୍କ ସମେତ ବହୁ ବ୍ୟକ୍ତି ଶେଷଦର୍ଶନ କରିଥିଲେ। ପରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା। ପୁଅ ବାବୁଲି ମୁଖାଗ୍ନି ଦେଇଥିଲେ।

## ଧାର୍ମିକ ପୁସ୍ତକର ଭାରି ଚାହିଦା ବଢୁଛି

ଭୁବନେଶ୍ୱର (ପିଏନ୍): ୟୁନିଟ ୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଚାଲୁରହିଥିବା ୪ର୍ଥ ପୁସ୍ତକମେଳାରେ ବିଭିନ୍ନ ପୁସ୍ତକ ପ୍ରକାଶକଙ୍କ ତରଫରୁ ପୁସ୍ତକ ଭଣ୍ଡାର ଖୋଲାଯାଇଛି । କିନ୍ତୁ ଅଳ୍ପ କେତେଗୋଟି ହାତ ଗଣତିରେ ଧାର୍ମିକ ପୁସ୍ତକ ଷ୍ଟଲ ମଧ୍ୟ ଖୋଲାଯାଇଛି। ଆଜିର ବ୍ୟସ୍ତତା ଜୀବନରେ ବି ଲୋକମାନଙ୍କର ଧର୍ମ ପ୍ରତି ସଚେତନତା ନିଶ୍ଚିତ ରହିଛି। ଧାର୍ମିକ ପୁସ୍ତକ ପ୍ରତି ସେମାନଙ୍କର ଚାହିଦା ରହିଛି। ଏହିଭଳି ଦେଖିବାକୁ ମିଳିଥିଲା ବିଶ୍ୱବ୍ୟାପୀ ଅହମଦୀୟା ମୁସଲିମ ଜମାତ ତରଫରୁ




ଲଗାଯାଇଥିବା ଧାର୍ମିକ ପୁସ୍ତକ ଷ୍ଟଲରେ। ବିଶେଷ କରି ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ବୁଦ୍ଧିଜୀବୀ ସମାଜର ଲୋକମାନେ ଦଳ ଦଳ ହୋଇ ଏହି ଷ୍ଟଲରେ ରୁଣ୍ଡ ହେବାର ଦେଖାଯାଉଛି। ଏହି ଷ୍ଟଲରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଭାଷାରେ ଅନୁବାଦିତ ପବିତ୍ର କୋରାନ ମହଜୁଦ ରହିଛି। ସେହିଭଳି ଆତ୍ମଶାନ୍ତି, ଈଶ୍ୱର ପ୍ରାପ୍ତି, ତପ ଓ ଧ୍ୟାନ, ଧାର୍ମିକ ଦର୍ଶନ ଶାସ୍ତ୍ର, ମାନବଧିକାର, ସମାଜରେ ନାରୀର ଉଚ୍ଚସ୍ଥାନ, ବିଶ୍ୱଶାନ୍ତି, ବିଶ୍ୱଭ୍ରାତୃଭାବ ପ୍ରତିଷ୍ଠା, ସମନ୍ୱତା, ସଦ୍‌ଭାବନା ଓ ସହିଷ୍ଣୁତା, ମୈତ୍ରୀ ସଂଦେଶ, ବିଶ୍ୱ ସଂକଟ ଓ ଶାନ୍ତିର ପଥ, ତୃତୀୟ ବିଶ୍ୱଯୁଦ୍ଧରୁ ବଂଚିବାର ଉପାୟ,ମହାପୁରୁଷ ମୁହମ୍ମଦ ସଲ୍ଲମଙ୍କ ପବିତ୍ର ଜୀବନୀ ତଥା ଜ୍ଞାନ ବିଜ୍ଞାନର ଶତାଧିକ ପୁସ୍ତକ ଷ୍ଟଲରେ ଲୋକମାନଙ୍କୁ ଭାରି ଆକୃଷ୍ଟ କରୁଛି। ଅହମଦୀୟା ମୁସଲିମ ବୁକ୍ ଷ୍ଟଲର ପରିଚାଳକ ମୌଲାନା ଫଜଲ ହକ ଖାଁ କହିଲେ କି ବ୍ଲକ ନଂ ଡ଼ି-୨, ଷ୍ଟଲ ନଂ-୭ ମାଧ୍ୟମରେ ବିଶ୍ୱଶାନ୍ତି ଓ ବିଶ୍ୱଭାଇଚାରାର ବାର୍ତ୍ତା ସମଗ୍ର ବିଶ୍ୱକୁ ଦିଆଯାଉଛି। ଶାନ୍ତି ପ୍ରତିଷ୍ଠା ଦିଗରେ ଅହମଦୀୟା ମୁସଲିମ ସଂଗଠନର ପଂଚମ ଖଲିଫାଙ୍କର ୧୦ ଗୋଟି ନିରୂପିତ ନୀତିବାଣୀକୁ ବିଶ୍ୱ ମାନିନେଲେ ହିଁ ଶାନ୍ତି ସମ୍ଭବ। ୧. ପ୍ରଥମେ ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନିବା ଆବଶ୍ୟକ। ୨. ବିଶ୍ୱରେ ସବୁ କ୍ଷେତ୍ରରେ ନ୍ୟାୟକୁ ପ୍ରତିଷ୍ଠା କରିବା ଉଚିତ୍। ୩. ବିଶ୍ୱବ୍ୟାପୀ ଏକତାକୁ ପ୍ରଶ୍ରୟ ଦେବା ଉଚିତ। ୪. ପରମାଣୁ ଅସ୍ତ୍ରକୁ ବର୍ଜନ କରିବା। ୫. ଅସ୍ତ୍ରଶସ୍ତ୍ରର ବ୍ୟବସାୟରୁ ଲାଭ ଉପାର୍ଜନ କରିବା ବନ୍ଦ କରାଯାଉ। ୬. ଅର୍ଥନୈତିକ ସମାନତା ସୃଷ୍ଟି କରାଯାଉ ଏବଂ ଦାରିଦ୍ର୍ୟ ଦୂର କରାଯାଉ। ୭. ଦେଶର ବିକାଶ ଓ ଉନ୍ନତି ସକାଶେ ଉଦ୍ୟମ କରାଯାଉ। ୮. ଚରମପନ୍ଥୀ ଦଳର ପ୍ରତିବାଦ କରାଯାଉ। ୯. ମାନବ ଜାତିର ସେବା ଓ ସହଯୋଗ କରାଯାଉ। ୧୦. ପାରସ୍ପରିକ ଆସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରାଯାଉ। ଏହି ନୀତିକୁ ମାନିଲେ ହିଁ ଶାନ୍ତି ସ୍ଥାପନ ହୋଇପାରିବ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ହାଇଦ୍ରାବାଦରେ ଦାଦନ ଶ୍ରମିକଙ୍କ ମୃତ୍ୟୁ, ଥାନାରେ ମାମଲା

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାରେ ପୁଣି ଜଣେ ଦାଦନ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏନେଇ ମୃତ ଦାଦନ ଶ୍ରମିକଙ୍କ ଭାଇ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନାମତେ ଖଡିଆଳ ବ୍ଲକ ରାଣିମୁଣ୍ଡା ଗ୍ରାମର ମନୋଜ ହିଆଲ ନାମକ ଯୁବକ ଚଳିତ ମାସ ୫ ତାରିଖ ଦିନ ହଇଦ୍ରାବାଦକୁ ଦାଦନ ଖଟିବାକୁ ବାହାରିଥିଲେ । ସେ ଗତ ୭ ତାରିଖ ଦିନ ହାଇଦ୍ରାବାଦର ଇନ୍ଦ୍ରମପାଟନମ ଥାନା ସ୍ଥିତ ପିତୁଲା ଗ୍ରାମରେ ଥିବା ଇଟାଭାଟିରେ ପହଂଚିଥିଲେ । ଦାଦନ ମାଲିକ ଏଙ୍କେଟେସ ମନୋଜ ହିଆଲଙ୍କୁ ପ୍ରଥମେ ଟ୍ରେନରେ ଟିକେଟ କାଟି ଦେଇ ପହଂଚିଲା ପରେ ୬୦ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ହେଲେ ମନୋଜ ପହଂଚିବା ପରେ କାମ କରିବାକୁ କହିଥିଲେ । ଟଙ୍କା କଥା କହିବାରୁ କିଛି ଦିନ ପରେ ଦିଆଯିବ ବୋଲି କହିଥିଲେ । କିନ୍ତୁ ଗତକାଲି ମନୋଜ କାମ କରିବା ପରେ ଅସୁସ୍ଥ ଅନୁଭବ କରିଥିଲେ । ସାଥି ମାନେ ଏନେଇ ମାଲିକଙ୍କୁ ମଧ୍ୟ ଖବର ଦେଇଥିଲେ । କିନ୍ତୁ ମାଲିକ କୌଣସି ଗୁରୁତ୍ୱ ଦେଇନଥିଲେ । ଶେଷରେ ଗ୍ରାମରୁ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କୁ ଫୋନ କରି ଭାଇର ଦେହ ଖରାପ ଥିବା କହି ଡାକ୍ତରଖାନା ନେବାକୁ କହିଥିଲେ । ଶେଷରେ ଗତରାତ୍ରୀରେ ଡାକ୍ତରଖାନାକୁ ନେବା ବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା । ଏନେଇ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କ ବିରୁଦ୍ଧରେ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଏଠାରେ ସୂଚନା ଯୋଗ୍ୟ ଯେ ନୂଆପଡା ଜିଲାରେ ଦାଦନ ସମସ୍ୟାର ଅନ୍ତ ଘଟୁନାହିଁ । ଜିଲାର ପ୍ରତି ପ୍ରାନ୍ତରୁ ଦାଦନ ସମସ୍ୟା ଦେଖାଦେଇଛି । ଏଠାକାର ଶ୍ରମିକ ଦାଦନ ଖଟିଯାଇ ଅନେକ ସମୟରେ ଅକଥନୀୟ ନିର୍ଯ୍ୟାତନା ଭୋଗ କରୁଥିବା ସ୍ଥଳେ ଦାଦନ ସମସ୍ୟାର ସମସ୍ୟାର ସମାଧାନ ହୋଇ ପାରୁନାହିଁ । ସରକାର ଦାଦନ ରୋକିବା ସକାଶେ ଅନେକ ଯୋଜନା କାର୍ଯ୍ୟକାରୀ କରିଥିବା ସ୍ଥଳେ ତାର ସମାଧାନ ହୋଇ ପାରୁନାହିଁ । ଫଳରେ ଏଠାକାର ଲୋକେ ଅଧିକ ଅର୍ଥ ଲାଳସାରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଅକାରଣରେ ସେମାନଙ୍କ ଜୀବନ ଚାଲି ଯାଉଥିବା ଭଳି ଘଟଣା ଅନେକ ସମୟରେ ଘଟୁଅଛି । ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ଦାଦନ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବୀ ହେଉଛି ।

# ନିରୁଦ୍ଦିଷ୍ଟ ଶ୍ରମିକଙ୍କୁ ଉଦ୍ଧାର ଦାବୀରେ ଦଳିତ ଅଧିକାର ମଂଚର ଥାନାଧିକାରୀଙ୍କୁ ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚ ପକ୍ଷରୁ ନିରୁଦ୍ଦିଷ୍ଟ ଦାଦନ ଶ୍ରମିକ କିଶୋର ବନଛୋରଙ୍କୁ ଉଦ୍ଧାର ଦାବୀରେ ବୋଡେନ ଥାନାଧିକାରୀଙ୍କୁ ୫ ଦଫା ଦାବୀପତ୍ର ପ୍ରଦାନ କରାଯାଇ ତାଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ସୂଚନାମତେ ବୋଡେନ ଥାନା ଅନ୍ତର୍ଗତ ଆମଗୁଡା ଗ୍ରାମର କିଶୋର ବନଛୋର ୨୦୧୯ ମସିହା ମାର୍ଚ୍ଚ ମାସରେ ସିକନ୍ଦରାବାଦକୁ ଦାଦନ ଖଟିବାକୁ ଯାଇଥିଲେ । ତାଙ୍କୁ ସ୍ଥାନୀୟ ବିନୋପୁର ଗ୍ରାମର ଅରୁପ ନିଆଲ ଏବଂ କଂଟାବାଞ୍ଜିର ପାର୍ଥବ ବେହେରା ପଠାଇଥିବା ନେଇ କିଶୋରଙ୍କ ପତ୍ନୀ କୁଳ ବନଛୋର ଜଣାଇଛନ୍ତି । ଏନେଇ ଗତ ୨୧.୮.୨୦୨୦ ରେ କୁଳ ବନଛୋର ତାଙ୍କ ସ୍ୱାମୀ ନିଖୋଜ ଥିବା ନେଇ ବୋଡେନ ଥାନାରେ ଲିଖିତ ଅଭିଯୋଗ କରି ତାଙ୍କ ସ୍ୱାମୀଙ୍କୁ ଉଦ୍ଧାର କରିବାକୁ ଦାବୀ କରିଥିଲେ । ହେଲେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିବା ଜଣାପଡିଛି । ଏନେଇ ନୂଆପଡା ଜିଲ୍ଲା ଦଳିତ ଅଧିକାର ମଂଚର ସଭାପତି କମଳ ଚରଣ ତାଣ୍ଡି ଖବର ପାଇ ମଂଚର କର୍ମକର୍ତା ବୋଡେନ ଥାନାଧିକାରୀଙ୍କୁ ଭେଟି ୫ ଦଫା ଦାବୀପତ୍ର ପ୍ରଦାନ କରି ତୁରନ୍ତ କିଶୋରଙ୍କୁ ଉଦ୍ଧାର କରିବାକୁ ଦାବୀ କରିଛନ୍ତି । ଦାବୀରେ କୁଳ ବନଛୋରଙ୍କ ଏତଲା ଆଧାରରେ ଅରୁପ ନିଆଲ ଓ ପାର୍ଥ ବେହେରାଙ୍କୁ ଥାନାକୁ ଡାକି ସତ୍ୟାସତ୍ୟ ଅନୁସନ୍ଧାନ କରିବା, ଏହି ୨ ଜଣ ସନ୍ତୋଷଜନକ ଉତର ନଦେଲେ ସେମାନଙ୍କୁ ଗିରଫ କରିବା, ପୀଡିତ ପରିବାରଙ୍କୁ ୩ ଲକ୍ଷ ଟଙ୍କା ଆର୍ଥୀକ ସହାୟତା ପ୍ରଦାନ କରିବା, କିଶୋରଙ୍କ ସନ୍ଧାନ ନିମନ୍ତେ ଏକ ତଦନ୍ତକାରୀ ଟିମ ଗଠନ କରିବା, ପ୍ରଶାସନ ତରଫରୁ ପରିବାରଙ୍କୁ ରାସନ ସାମଗ୍ରୀ ପ୍ରଦାନ ପ୍ରମୁଖ ଦାବୀ କରିଛନ୍ତି । ଯଦି ଏସବୁ ସମସ୍ୟାର ସମାଧାନ କରାନଯାଏ ତେବେ ଆଗାମୀ ଦିନରେ ବୋଡେନ ଥାନାକୁ ଘେରାଉ କରିବା ସହ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଏହି ଦାବୀପତ୍ର ପ୍ରଦାନ ବେଳେ ଦଳିତ ଅଧିକାର ମଂଚରେ ଜିଲ୍ଲା ସଭାପତିଙ୍କ ସହ ବୋଡେନ ବ୍ଲକ ସଭାପତି ବେଣୁଧର ଜଗତ, ବିଶ୍ୱ ବେହେରା, କାର୍ତିକ ମହାନନ୍ଦ, ଗଣେଷ ବାଗ, ସଞ୍ଜୟ ଜାଲ, ଲମ୍ବୋଦର ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ ।

# ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

କନ୍ଧମାଳ, (ପି.ଏନ): ଫୁଲବାଣୀ ମା ନାରାୟଣୀଙ୍କ ଯାତ୍ରା ମଣ୍ଡପ ଠାରେ ଜିଲ୍ଲା ସଚେତନ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଠାରେ ନୂତନ ଭାବେ ୭୦ ଜଣଙ୍କ ମାଗଣାରେ ଚକ୍ଷୁ ପରୀକ୍ଷା କରାଯିବା ସହିତ ଓ ପୂର୍ବରୁ ଯେଉଁମାନଙ୍କ ପରଳ ଅସ୍ତ୍ରୋପଚାର କରାଯାଇଥିଲା ସେମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ସୋମବାର ୧୫ ଜଣଙ୍କୁ ବସ୍ ରେ ନିଆଯାଇ ପରଳ ଅସ୍ତ୍ରୋପଚାର କରାଯିବା ସହିତ ସେମାନଙ୍କୁ ଚିକିତ୍ସାଳୟର ସ୍ୱତନ୍ତ୍ର ବସ୍ ରେ ୧୪ ତାରିଖରେ ଫୁଲବାଣୀ ଫେରିଆସିବାକୁ ବନ୍ଦୋବସ୍ତ କରାଯାଇଛି ।

ଏହି ଶିବିରକୁ ଅମିୟ ଦାଶ, ବଂଶୀଧର ପଣ୍ଡା, ବିକାଶ ମହାନ୍ତି, ପିତାମ୍ବର ମିଶ୍ର, ବ୍ରହ୍ମାନନ୍ଦ ପାଣିଗ୍ରାହୀ, ନବୀନ କିଶୋର ପଣ୍ଡା, ପ୍ରମୋଦ କୁମାର ସାହୁ, ରାଜକିଶୋର ପାଢୀ, ପ୍ରଣ୍ୱ ମଣ୍ଡଳ ଶୃଙ୍ଖଳିତ ଭାବେ ପରିଚାଳନା କରିଥିଲେ । ପ୍ରକାଶ ଥାଉକି, କନ୍ଧମାଳ ଜିଲ୍ଲା ସଚେତନ ବରିଷ୍ଠ ନାଗରିକ ସଂଘ, ଫୁଲବାଣୀ ଗତ ଅଗଷ୍ଟ ୨୧ ତାରିଖ ଠାରୁ ଡିସେମ୍ବର ୧୨ ତାରିଖ ମଧ୍ୟରେ ଏହା ଚତୁର୍ଥ ପରୀକ୍ଷା ଶିବିର । ଏହି ସବୁ ପରୀକ୍ଷା ଶିବିରରେ ଶତାଧିକ ରୋଗୀଙ୍କ କମ୍ପ୍ୟୁଟରୀକୃତ ମାଗଣାରେ ଚକ୍ଷୁ ପରୀକ୍ଷା କରାଯିବା ସହିତ ଶହେରୁ ଅଧିକ ଅଧିକ ରୋଗୀଙ୍କ ପରଳ ଅସ୍ତ୍ରୋପଚାର କରାଯାଇଛି ।

# କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ବ୍ୟାଙ୍କ ପରାମର୍ଶ ଦାତା କମିଟି ବୈଠକ

କେନ୍ଦ୍ରାପଡ଼ା, (ପିଏନ)- କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ସମସ୍ତ ବ୍ୟାଙ୍କ ପରାମର୍ଶ ଦାତା କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ଦିନ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡା ଜିଲ୍ଲାରେ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ ଉପରେ ଗୁରୁତ୍ୱାରୋପ କରା ଯାଇଥିଲା । ସରକାର ଙ୍କର ସମସ୍ତ ଯୋଯନାକୁ କାର୍ଯ୍ୟକାରୀ କରିବା ପାଇଁ ଏହି ବୈଠକରେ ଗୁରୁତ୍ୱ ଦିଆ ଯାଇଥିଲା । ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ ଋଣ ପ୍ରଦାନ ଓ ଚାଷୀଙ୍କୁ ଋଣ ପ୍ରଦାନ କୁ ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା । ପୂର୍ବରୁ ଏହି କମିଟିକୁ ନେଇ ଅନୁଷ୍ଠିତ ହୋଇଥିବା ବୈଠକର କାର୍ଯ୍ୟକାରିତା ଉପରେ ଅଲୋଚନା କରାଯାଇଥିଲା । ପରେ ଗ୍ରାମୀଣ ଆତ୍ମ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ଗ୍ରହଣ କରିଥିବା ବ୍ୟକ୍ତିଙ୍କ ଅଗ୍ରଗତି ସଂପର୍କରେ ଆଲୋଚନା କରାଯିବା ସହ ଏହି ପ୍ରଶିକ୍ଷାର୍ଥୀ ମାନଙ୍କୁ ଡିଆର ଡିଏ, ଓ ଏଲ ଏମ, ଅର ଏସ ଇ ଟିଆଇ , ଓ ଏନଜିଓ ମାନଙ୍କ ଦ୍ୱାରା କେଉଁ ପରିମାଣରେ ପ୍ରୋତ୍ସାହନ ଦିଆ ଯାଇଛି, ତାହା ମଧ୍ୟ ଅଲୋଚନା କରାଯାଇଥିଲା । ଏଥି ସହିତ ଏହି ପ୍ରଶିକ୍ଷାର୍ଥୀ ମାନଙ୍କୁ ଆତ୍ମ ନିଯୁକ୍ତି ପାଇଁ କିଭଳି ଋଣ ପ୍ରଦାନ କରିବ ସେ ବିଷୟରେ ବିଶେଷକରି ଆଲୋଚନା କରା ଯାଇଥିଲା । ଏହି ବୈଠକରେ ଏଲଡି ଏମ ଏମ କେ ମିତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଜି ମହାନ୍ତି, ଜିଲ୍ଲା ନାବାର୍ଡ ଅଧିକାରୀ ଅକ୍ଷୟ କୁମାର ଆଚାର୍ଯ୍ୟ , ଜି ଏମ ଡିଆସି ସନ୍ତୋଷ କୁମାର ମିଶ୍ର ଙ୍କ ସହିତ ସମସ୍ତ ବ୍ୟାଙ୍କର ମ୍ୟାନେଜର ଙ୍କ ସହ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ରଙ୍ଗତୂଳି କଳାକାର ସଂଘର ସାଧାରଣ ପରିଷଦ ବୈଠକ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ଅନ୍ତର୍ଗତ ସିର୍ତିଗୁଡା ଠାରେ ଜିଲା ରଙ୍ଗତୁଳି କଳାକାର ସଂଘର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ବିଭିନ୍ନ ବ୍ଲକର ରଙ୍ଗତୁଳି କଳାକାର ମାନେ ଯୋଗଦେଇଥିଲେ । ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ କରୋନା ସଂକ୍ରମଣର କଟକଣା ଯୋଗୁଁ କିଭଳି ଭାବେ ରୋଜଗାର ପାଇଁ ସମସ୍ୟାରେ ପଡୁଛନ୍ତି ସେ ସଂପର୍କରେ ଆଲେଚାନା କରାଯାଇଥିଲା । ସଭା ପରେ ପରେ ଜିଲା ସ୍ତରୀୟ କର୍ମକର୍ତା ଚୟନ କରାଯାଇଥିଲା । ସଭାପତି ଭାବେ ପ୍ରମୋଦ ଦଣ୍ଡିଆ ମନୋନୀତ ହୋଇଥିବା ବେଳେ ସଂପାଦକ ଭାବେ ଗୋବିନ୍ଦ ଭୁକ୍ତା , ଉପ-ଭାତି ଭାବେ ମିଥୁନ୍ ପ୍ରଧାନୀ, ସହ ସଂପଦାକ ଭାବେ ଜଗତସିଂ ପାତ୍ର ଓ କୋଷାଧ୍ୟକ୍ଷ ଭାବେ ସୁନିଲ୍ ବିନ୍ଧାଣୀ ମନୋନିତ ହୋଇଛନ୍ତି । ଏଥି ସହିତ କାର୍ଯ୍ୟକାରି ସଭ୍ୟ ଭାବେ ଅଶ୍ୱିନୀ କୁମାର ବିଷୋୟୀ , ବିଷ୍ଣୁ ଚରଣ ବେହେରା , ସୁନିଲ୍ ନାୟକ , ଶ୍ରୀକାନ୍ତ ପ୍ରଧାନୀ , ଲକ୍ଷ୍ମୀଣ ପ୍ରଧାନ ପ୍ରମୁଖ ମନୋନିତ ହୋଇଛନ୍ତି । କରୋନା କଟକଣା ଯୋଗୁଁ ବର୍ତମାନ କଳାକାର ମାନଙ୍କର ରୋଜଗାର ପନ୍ଥା ସଂପୂର୍ଣ୍ଣଭାବେ ବନ୍ଦ ହୋଇଯାଇଥିବା ବେଳେ ଅନେକ କଳାକାର ଜୀବିକା ହରାଇବା ସହିତ ପରବାର ପ୍ରତିପୋଷଣ କରିବା ସମସ୍ୟା ସୃଷ୍ଟି ହୋଇଛି । ଜିଲାରେ ପ୍ରାୟ ୨ ହଜାରରୁ ଉର୍ଦ୍ଧ ରଙ୍ଗତୁଳି କାଳାକାର ଥିବା ବେଳେ ଆଜି ପର୍ଯ୍ୟନ୍ତ ସରକାର ଏହି କଳାକାର ମାନଙ୍କ ପାଇଁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରିନାହାନ୍ତି । ସେମାନଙ୍କର ଏହି ଆର୍ଥିକ ଅନାଟନ ବେଳେ ସେମାନଙ୍କୁ ଜିଲା ପ୍ରଶାସନ କାମ ଯୋଗାଇ ଦେବା ପାଇଁ ଦାବୀ କରାଯିବା ସମ୍ପର୍କରେ ବୈଠକରେ ନିଷ୍ପତି ନିଆଯାଇଥିଲା ।



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

# ଅସହାୟର ଶବ ସତ୍କାର କଲା ବିଙ୍ଗ୍ ହ୍ୟୁମାନ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନ

ବଲାଙ୍ଗୀର, (ପି.ଏନ): କିଛି ଦିନ ଆଗରୁ ବୁଧୁ ସାହୁ ନାମକ ଜଣେ ୮୦ ବର୍ଷୀୟ ବୃଦ୍ଧଙ୍କୁ ଡୁଙ୍ଗୁରିପାଲି ଠାରୁ ବିଙ୍ଗ ହ୍ୟୁମାନ ର କର୍ମକର୍ତା ମାନେ ବଲାଙ୍ଗୀର ଡାକ୍ତରଖାନାରେ ଭର୍ତି କରିଥିଲେ ଏବଂ ତାଙ୍କର ସେବା ଶୁଶ୍ରୁଶା କରୁଥିଲେ । ପରେ ଚିକିତ୍ସାଧିନ ଅବସ୍ଥାରେ ଗତକାଲି ତାଙ୍କର ଦେହାନ୍ତ ହୋଇଯାଇଥିଲା । ବୃଦ୍ଧ ଜଣକ ଡୁଙ୍ଗୁରିପାଲି ଅଂଚଳର ବୋଲି ଜଣାପଡିଥିଲା । ପରିବାର ଲୋକ ଶବ ନେବାପାଇଁ ମନା କରିବା ପରେ ସାମାଜିକ ଅନୁଷ୍ଠାନ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ ତରଫରୁ ସ୍ଥାନୀୟ ବିଭୁତି ପଡା ଶ୍ମଶାନରେ ମର୍ଯ୍ୟାଦାର ସହ ତାଙ୍କର ଶବ ସତ୍କାର କରାଯାଇଛି । ଏହି ମହତ କାର୍ଯ୍ୟରେ ଅନୁଷ୍ଠାନର ସୋମନାଥ ମିଶ୍ର, କନ୍ଦର୍ପ ପଧାନ, ବିଶ୍ୱଜିତ ପଟେଲ, ରତ୍ନତ ପଧାନ, ବୁଲୁ ମହାକୁର, ବୀରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# କେନ୍ଦୁଝର ଜିଲ୍ଲା କୃଷି କାର୍ଯ୍ୟାଳୟରେ ବଳରାମ ଯୋଜନାର ତାଲିମ୍ ଶିବିର




କେନ୍ଦୁଝର(ପିଏନ)- ସଂପ୍ରତି କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଉପଖଣ୍ଡ କୃଷି ଓ ସୂଚନା ପରାମର୍ଶ କେନ୍ଦ୍ର ପରିସରରେ ବଳରାମ ଯୋଜନା ସମ୍ପର୍କରେ ଏକ ଦିନିକିଆ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଭୂମିହୀନ ଭାଗ ଚାଷି ମାନଙ୍କୁ ବ୍ୟାଙ୍କ୍ ସହିତ ଯୋଡି ସେମାନଙ୍କୁ କୃଷି ଋଣ ଯୋଗାଇ ଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ଉକ୍ତ ତାଲିମ୍ ଶିବିରରେ ବ୍ଲକ କୃଷି ଅଧିକାରୀ ଘାଷିରାମ ପାତ୍ରଙ୍କ ଅଧକ୍ଷତାରେ ତାଲିମ୍ ଶିବିର ଆରମ୍ଭ ହୋଇଥିଲା । ଏହି ତାଲିମ୍ ଶିବିରରେ ଜିଲ୍ଲାର ବିଭିନ୍ନ ବ୍ୟାଙ୍କ୍ର ଅଧିକାରୀ, ଲ୍ୟାମ୍ପ ଅଧିକାରୀ, ଗ୍ରାମ୍ୟ କୃଷି କର୍ମଚାରୀ, ଉଦ୍ୟାନ ଅଧିକାରୀ, କୃଷକ ସାଥୀ ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ । କୃଷି ଅଧିକାରୀ ରଘୁନାଥ ସାହୁ ପ୍ରଶିକ୍ଷାର୍ଥୀ ମାନଙ୍କୁ ତାଲିମ୍ର ଉଦ୍ଦେଶ୍ୟ ବିସ୍ତୃତ ଭାବରେ ବୁଝାଇ ଥିଲେ । ନିଜସ୍ୱ ଚାଷ ଜମି ନଥିବାରୁ ଭୂମିହୀନ ଭାଗ ଚାଷୀମାନେ ବିଭିନ୍ନ ସରକାରୀ ସୁବିଧାରୁ ବଂଚିତ ହେଉଛନ୍ତି । ଏପରିକି ଭାଗଚାଷ କରୁଥିଲେ ମଧ୍ୟ କୌଣସି ବ୍ୟାଙ୍କ୍ କିମ୍ବା ସେବା ସମବାୟ ସମିତି ପଞ୍ଜିକୃତ ଚାଷ ଜମି ନଥିବାରୁ ଋଣ ପ୍ରଦାନ କରୁନାହିଁ । ଏପରି ସ୍ଥଳେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସେ ପ୍ରକାର ଚାଷୀଙ୍କୁ ଚିହ୍ନଟ କରି ବ୍ୟାଙ୍କ୍ ଓ ସମବାୟ ସଂସ୍ଥା ସେମାନଙ୍କୁ ସହାୟତା କରିବାକୁ ହାତ ବଢାଇବାକୁ ଅନୁରୋଧ କରିଥିଲେ । ଆତ୍ମାର ସହକାରୀ ବୈଷୟୀକ ପରିଚାଳକ ଶିବ ଶଙ୍କର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସରକାରଙ୍କ ଏହି ବଳରାମ ଯୋଜନା କିଭଳି ସଫଳ ହେବ ସେଥିପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଶ୍ରୀ ମିଶ୍ର କହିଥିଲେ ।

# ମାଟି ବୋଝେଇ ଟ୍ରାକ୍ଟର ଜବତ୍ ପରେ ବନ ବିଭାଗ ଦେଖାଇଲା ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଘଟଣାର ତଦନ୍ତ ଦାବୀ

କେନ୍ଦୁଝର(ପିଏନ)-କେନ୍ଦୁଝର ସଦର ରେଞ୍ଜ ଟାଉନ ସେକ୍ସନ ଅନ୍ତର୍ଗତ ବେଲଦା ସଂରକ୍ଷିତ ଜଙ୍ଗଲର ମହାଦେଇପୁରଠାରେ ବନ ବିଭାଗ ଗତକାଲି ମାଟି ବୋଝେଇ ଏକ ଟ୍ରାକ୍ଟର ଜବତ୍ କରିଛି । ଜଙ୍ଗଲ ଭିତରେ ଓଆର୦୯କେ ୦୧୧୮ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ମାଟି ଚାଲାଣ କରୁଥିବାବେଳେ ବନ ବିଭାଗ ଚଢଉ କରି ଟ୍ରାକ୍ଟର ଜବତ୍ କରିଥିଲା । ତେବେ ବନ ବିଭାଗ ଜବତ୍ ଗାଡିକୁ ବେଲଦା ସଂରକ୍ଷିତ ଜଙ୍ଗଲ ନଦେଖାଇ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରୁ ଜବତ୍ ହେବା ଦର୍ଶାଇଥିବା ଜବତ୍ ଗାଡି ମାଲିକ ମହେଶ୍ୱର ନାୟକ କହିଛନ୍ତି । ତେବେ କେଉଁ ଉଦ୍ଦେଶ୍ୟରେ ଗୋଟିଏ ସ୍ଥାନରେ ଜବତ୍ ଗାଡି ଅନ୍ୟ ସ୍ଥାନରେ ଦେଖାଉଛି ତାହା ତଦନ୍ତ କରିବାକୁ ଦାବୀ ହୋଇଛି । ସୂଚନା ଯୋଗ୍ୟ ଯେ, ବେଲଦା ସଂରକ୍ଷିତ ଜଙ୍ଗଲର ବେଲଦା, କେନ୍ଦୁଆ, ଭାଲୁଘର, ପୋଟଳ, ମଥୁରାମଣ୍ଡଳୀ ଅଞ୍ଚଳରେ ଦିନ ରାତି ଅବାଧରେ ମାଟି, ମୋରମ ଏବଂ ପଥର ଚୋରୀ ହେଉଥିବାବେଳେ ବନ ବିଭାଗର ସ୍ଥାଣୁତା ଯୋଗୁଁ ଲଘୁ ଖଣିଜ ସମ୍ପଦ ଲୁଟ ସହ ଜଙ୍ଗଲ ନଷ୍ଟ ହେଉଛି । ବନ କର୍ମଚାରୀ ପେଟ୍ରୋଲିଂ କରୁନଥିବା ସୁଯୋଗରେ ମାଫିଆ ମାନେ ସ୍ଥାନୀୟ ଲୋକଙ୍କ ଅଳ୍ପ କିଛି ମଜୁରୀ ଦେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଦୀର୍ଘ ଦିନ ଧରି ଚୋରୀ କରୁଥିଲେ ହେଁ ଧରପଗଡ



କରାଯାଉନାହିଁ । ଜଙ୍ଗଲ ଭିତରେ ନିୟମିତ ଚୋରୀ ଯୋଗୁଁ ବଡ ବଡ ଗାତ ସୃଷ୍ଟି ହୋଇ ବନ୍ୟ ଜୀବଜନ୍ତୁଙ୍କ ପାଇଁ ବିପଦର କାରଣ ହୋଇଛି । ସଂରକ୍ଷିତ ଜଙ୍ଗଲରେ ବାହାର ଲୋକ ଏବଂ ଗାଡି ପ୍ରବେଶ ବାରଣ ଥିଲେ ମଧ୍ୟ ବେଲଦା ଏବଂ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରେ ରାସ୍ତା କରି ଲଘୁ ଖଣିଜ ସମ୍ପଦ ଲୁଟ ହେଉଛି । ଡିଏଫଓ ସ୍ୱୟମ ମଲ୍ଲିକ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ପରିବେଶପ୍ରେମୀ ମାନେ ଦାବୀ କରିଛନ୍ତି । ନେଲୁଙ୍ଗ ଏବଂ ବେଲଦା ସଂରକ୍ଷତ ଜଙ୍ଗଲରେ ଗତ ୩/୪ ବର୍ଷ ମଧ୍ୟରେ ବହୁ ପୁରାତନ ବୃକ୍ଷ ଏବଂ କୋଟି କୋଟି ଟଙ୍କାର ଲଘୁ ଖଣିଜ ସମ୍ପଦ ଲୁଟ ହୋଇଥିବାବେଳେ ଏହାର ଆକଳନ କରି ଦାୟିତ୍ୱରେ ଅବହେଳା କରିଥିବା ବନ ବିଭାଗ ଅଧିକାରୀ ଏବଂ କର୍ମଚାରୀଙ୍କଠାରୁ ଆଦାୟ କରିବାକୁ ଦାବୀ ହୋଇଛି ।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Thursday December 15, 2022 ଭୁବନେଶ୍ୱର ଗୁରୁବାର, ଡିସେମ୍ବର ୧୫,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ବି.ବି.ମହାବିଦ୍ୟାଳୟରେ ୩୯ତମ ବାର୍ଷିକ କ୍ରୀଡା ଉତ୍ସବ ପାଳିତ

କୁଳିଅଣା,(ପି.ଏନ): ତା.୧୪/୧୨/୨୦୨୨ରିଖ ବୁଧବାର ଦିନ ବାଇଗଣ ବାଡିଆ ସ୍ଥିତ ବି.ବି.,ମହାବିଦ୍ୟାଳୟର ୩୯ତମ ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି। ଅଧକ୍ଷ ଡ. ଯତିନ୍ଦ୍ରନାଥ ସିଂହ ଦେବ ସଚ୍ଚାନ ଏହି କ୍ରୀଡା ଉତ୍ସବକୁ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡ.ସନ୍ଦୀପ କୁମାର ପଟ୍ଟନାୟକ, ଡ.ଶ୍ରୀନାଥ ସାମଲ, ଡ. ଅଲକାମିର ଭୂୟାଁ, ଡ. କେଦାର ଚନ୍ଦ୍ର ପରିଡା. ଜାହାଙ୍ଗିର କବିର, ଡ.ସଂଜୁକ୍ତା ମହାନ୍ତି, ଡ. ସୁଭେନ୍ଦୁ ଦାସ ସହଯୋଗ କରିଥିଲେ। ଉତ୍ସବର ପ୍ରଥମ ଦିନରେ ଅବସର ପ୍ରାପ୍ତ ୟୁନାଇଟେଡ୍ ବ୍ୟଙ୍କ ଅଫ୍ ଇଣ୍ଡିଆର ମ୍ୟାନେଜର ଶ୍ରୀଯୁକ୍ତ ମୁରଲି ଧର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସେହିପରି ଦ୍ୱିତୀୟ ଦିବସରେ ମହାବିଦ୍ୟାଳୟର ପ୍ରତିଷ୍ଠତା ତଥା ପୂର୍ବତନ ସମ୍ପାଦକ ଶ୍ରୀଯୁକ୍ତ କେଦାର ନାୟକ ଉପସ୍ଥିତ ରହି କ୍ରୀଡାବିତ୍ ମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ପୁରସ୍କାର ବିତରଣ କରିଥିଲେ। କ୍ରୀଡା ଉତ୍ସବର ଉପ-ସଭାପତି ପ୍ରାଧାପକ ଡ.ବିଜୟ କୁମାର ମହାନ୍ତ ଛାତ୍ର ଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାରର




କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନିମିତ୍ତେ ଆହ୍ୱାନ କରିଥିଲେ। ତତ୍ ସହିତ ଅନ୍ୟାନ୍ୟ ସହକାରୀ ଉପ-ସଭାପତି ଶ୍ରୀଯୁକ୍ତ ହରିଶଙ୍କର ମହାକୁଡ, ପ୍ରାଧାପକ ଶ୍ରୀଯୁକ୍ତ ସୁବ୍ରତ କୁମାର ଦାଶ, ପୂର୍ବତନ ଖେଳ ଶିକ୍ଷକ ଚଣ୍ଡି ଚରଣ ଦଣ୍ଡପାଟ୍, ଡ.ଅନ୍ନପୂର୍ଣ୍ଣା ଧଳ ଓ ଶ୍ରୀଯୁକ୍ତ ଦୀପକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟାନ୍ୟ ପ୍ରାଧାପକ ପ୍ରାଧାପିକା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ସର୍ବ ଶେଷରେ ଚମ୍ପିୟାନ ଛାତ୍ର ଛାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ସହିତ ମାନପତ୍ର ଏବଂ ପ୍ରାଇଜ୍ ପ୍ରଦାନ କରାଯାଇଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର କର୍ମକର୍ତା ସୁକଦେବ ଗିରି, ଆଲୋକ ରନ ପାତ୍ର, ଜଗଦିଶ ପାଲବାବୁ, ସୁକଦେବ ଘୋଷ ସହିତ ଛାତ୍ର ଅନୁପ କୁମାର ବେହେରା, ବୁଦ୍ଧଦେବ ରାଜକୁମାର ଅନ୍ୟାନ୍ୟ ଛାତ୍ର ଛାତ୍ରୀଗଣ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ବେଗୁନିଆପଡା ଗାଁ ସାଥୀ ସଂଘର ଦାବିପତ୍ର ପ୍ରଦାନ

ଗଞ୍ଜାମ, (ପି.ଏନ):ଗଞ୍ଜାମ ଜିଲ୍ଲା ବେଗୁନିଆପଡା ବ୍ଲକର ଗାଁ ସାଥୀ ସଂଘ ପକ୍ଷରୁ ବିଡ଼ିଓଙ୍କ ଅନୁପସ୍ଥିତିରେ ଏବିଡ଼ିଓ ନିରଞ୍ଜନ ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେମାନଙ୍କ ଦାବି ହେଲା ଗାଁ ସାଥୀ ମାନଙ୍କୁ ନରେଗା କାର୍ଯ୍ୟସ୍ଥଳୀରେ ଏନଏମଏମଏସରେ ଫଟୋ କ୍ୟାପଚରିଙ୍ଗ କରିବା ସହ ଉପସ୍ଥାନ ପକାଇବା ପାଇଁ ସମସ୍ତ କନିଷ୍ଠ ଯନ୍ତ୍ରୀ ଓ ଜିଆରଏସଙ୍କୁ ନିର୍ଦ୍ଦେଶ ଦେବା ସମସ୍ତ କାର୍ଯ୍ୟର ଡିମାଣ୍ଡ ସଂଗ୍ରହ ଗାଁ ସାଥି ମାଧମରେ କରାଯାଉ ଓ ସେମି ସ୍କିଲଡୀ ମାଷ୍ଟର ରୋଲ କୁ ଲେବର ପେମେଂଟ ସମୟରେ ପ୍ରତି ଫେଜରେ ଅନ ଲାଇନ ଏଂଟ୍ରି କରିବା ସହିତ ମେଟାରିୟଲ ପେମେଂଟ କରାଯାଉ। ଆଗାମୀ ଦିନେ ଦୁଇ ଦିନ ମଧରେ ସଂଘର କର୍ମକର୍ତା ଓ ବିଡ଼ିଓଙ୍କ ସହ ଆଲୋଚନା କରାଯିବ ବୋଲି ଏବିଡ଼ିଓ କହିଥିଲେ।ଏହି ଦାବି ଗୁଡିକ ଶୀଘ୍ର ପୂରଣ କରାନଗଲେ ଆସନ୍ତା ସୋମବାର ଠାରୁ ବ୍ଲକ ପରିସରରେ ସଂଘ ପକ୍ଷରୁ ଧାରଣା ଦିଆଯିବ ବୋଲି ସଭାପତି ରବୀନ୍ଦ୍ର ନାଥ ଗୌଡ଼ ଓ ସମ୍ପାଦକ ଚରଣ ନାୟକ ପ୍ରକାଶ କରିଛନ୍ତି।

## ସାଧାରଣବୀମା କର୍ମଚାରୀ ମିଳିତ ମଂଚ ପକ୍ଷରୁ ପ୍ରତିବାଦ ସଭା




ଭୁବନେଶ୍ୱପର,(ପି.ଏନ): କେନ୍ଦ୍ର ସରକାରଙ୍କ ଅର୍ଥମନ୍ତ୍ରାଳୟ ଅଧିନସ୍ତ ସାଧାରଣବୀମା କର୍ମଚାରୀ ମିଳିତ ମଂଚ କେନ୍ଦ୍ରୀୟ କ୍ରୀୟାନୁଷ୍ଠାନ କମିଟି ଆହ୍ୱାନରେ ଭୁବନେଶ୍ୱର ଠାରେ ଥିବା ସାଧାରଣ ବୀମା କମ୍ପାନୀରେ ୪ ଟି ଯାକ କମ୍ପାନୀ ତଥା ଓରିଏଂଟାଲ ଇନ୍ସୁରାନ୍ସ, ନ୍ୟାସନାଲ ଇନ୍ସୁରାନସ୍, ଇୟୁନାଇଟେଡ଼ ଇଣ୍ଡିଆ ଇନ୍ସୁରାନ୍ସ ନିୟୁଇଣ୍ଡିଆ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀ ମିଳିତ ମଂଚ ପକ୍ଷରୁ ତା. ୧୪/୧୨/୨୦୨୨ ମଧାହ୍ନ ବିରତି ସମୟରେ ନିମ୍ନଲିଖିତ ଦାବୀ ନେଇ ପ୍ରତିବାଦ ସଭା ଓ ସ୍ଲୋଗାନ ଦେଇଥିଲେ। ଅର୍ଥମନ୍ତ୍ରାଳୟ ପକ୍ଷରୁ ସାଧାରଣ ବୀମା କମ୍ପାନୀ ପରିଚାଳନା କର୍ମଚାରୀଙ୍କ ଚାକିରୀ ସର୍ତାବଳୀ, ପରିବର୍ଦ୍ଧିତ ବେତନ ବୃଦ୍ଧି ସର୍ତାବଳି ବୀମା କଂମ୍ପାନୀ କାର୍ଯ୍ୟ ପଦ୍ଧତିର ପରିବର୍ତନକୁ ବିରୋଧ କରାଯାଇଥିଲା। ଅନ୍ୟାନ୍ୟ ଦାବୀ ମଧରେ ପାରିବାରିକ ଭତା ୩୦% ଭାଗକୁ ବୃଦ୍ଧି କରିବା, ପେନସନ ଅନ୍ତର୍ଭୁକ୍ତ ହୋଇନଥିବା ସମସ୍ତ କର୍ମଚାରୀଙ୍କୁ ୧୯୯୫ ପେନସନ୍ ଆଇନର ଅନ୍ତର୍ଭୁକ୍ତ କରିବା, ପେନସନ ଅନ୍ତର୍ଭୁକ୍ତ ହୋଇନଥିବା କର୍ମଚାରୀ ଭବିଷ୍ୟନିଧି ପାଣ୍ଠିରେ ମୂଳ ଦରମାର ୧୪ ଭାଗ ଜମା କରିବା ଆଦି ଦାବୀ କରାଯାଇଥିଲା। ଉକ୍ତ ପ୍ରତିବାଦ ସଭାରେ ଶ୍ୟାମ ସୁନ୍ଦର ମହାପାତ୍ର, ଗଜେନ୍ଦ୍ରନାଥ କର, ନିରଞ୍ଜନ ପରିଡ଼ା, ଏସ୍.କେ. ମାଝୀ, ମନୋଜ କୁମାର ମହାରଣା, ମନୀଶା ମିଶ୍ର, ଅମୃତ ମଲିକ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ବାବାସାହେବ ଆମ୍ବେଦକର ଦଳିତ ସଙ୍ଘ ପକ୍ଷରୁ ଦଳିତ ବର୍ଗଙ୍କୁ ନିର୍ଯ୍ୟାତନା ବିରୋଧରେ ଜିଲ୍ଲାପାଳଙ୍କୁ ଦାବିପତ୍ର



କେନ୍ଦ୍ରାପଡ଼ା,(ପି.ଏନ) : ବାବା ସାହେବ ଆମ୍ବେଦକ ଦଳିତ ସଙ୍ଘ ଓ ଗରିବ ବନ୍ଧୁ ନାରୀଶକ୍ତି ସ୍ୱଚ୍ଛ ଭାରତ ସ୍ୱେଚ୍ଛାସେବୀ ସଙ୍ଘ ପକ୍ଷରୁ ମିଳିତ ଭାବରେ ଦଳିତ ବର୍ଗଙ୍କୁ ନିର୍ଯ୍ୟାତନା ବିରୋଧରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଉଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ରାଜନଗର ଥାନାର କେଶ ନମ୍ବର - ୪୧୪/୨୨, ୪୨୩/୨୨ରେ ଦଳିତ ନିର୍ଯ୍ୟାତନା ମାମଲା ରୁଜୁ ହୋଇଥିବା ବେଳେ ସେହି କେଶର ଅଭିଯୋଗକାରୀଙ୍କ ବିରୋଧରେ କାଉଁଟର ମାମଲା ରୁଜୁ କରାଯାଇ ଦଳିତ ବର୍ଗର ଅଭିଯୋଗକାରୀଙ୍କୁ ଭୟଭିତ କରାଯାଉଥିବା ଅଭିଯୋଗ ହୋଇଛି। ଆହୁରି ଅଭିଯୋଗ ହୋଇଛି ଯେ ଥାନା ଅଧିକାରୀ ଜାଣିଶୁଣି କେଶ ନମ୍ବର - ୩୫୭/୨୨ରେ ଦଳିତଙ୍କ ବିରୋଧରେ ମାମଲା ରୁଜୁ କରି ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଏତଦ୍ ବ୍ୟତିତ କେନ୍ଦ୍ରାପଡା କୋର୍ଟରୁ ୪/୨୨, ୫/୨୨ ଓ ୨୯/୨୨ ଏଭଳି ୩ଗୋଟି ୧ ସି.ସି. କେଶ ହୋଇଥିବା ବେଳେ ପଟ୍ଟାମୁଣ୍ଡାଇ ଥାନା ଅଧିକାରୀ ଦଳିତ ନିର୍ଯ୍ୟାତନା ମାମଲା ରୁଜୁ ନକରି ଅଭିଯୋଗକାରୀଙ୍କୁ ହଇରାଣ ହରକତ କରୁଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ଏସ.ଡି.ପି.ଓ.ଙ୍କୁ ସାକ୍ଷାତ କରିବା ପରେ ବି କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଅଭିଯୋଗ ହୋଇଛି। ତେଣୁ ଉପରୋକ୍ତ ଦଳିତ ନିର୍ଯ୍ୟାତନା ଘଟଣାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ସଙ୍ଘର ସମ୍ପାଦକ ଉତ୍ତମ କୁମାର ମଲିକ, ଲକ୍ଷ୍ମୀପ୍ରିୟା ମଲିକ, ପ୍ରମୋଦ ପରିଡା, ଦ୍ରୌପଦୀ ମଲିକ, ରଞ୍ଜୁଲତା ମଲିକ, କଳ୍ପନା ମଲିକ, ବିଷ୍ଣୁପ୍ରିୟା ମଲିକ, କେଶବ ମଲିକ, ନିରୁପମା ମଲିକ, ମାଣିକ ମଲିକ ପ୍ରମୁଖ ଦାବି କରିଛନ୍ତି।

## କେନ୍ଦ୍ରାପଡା ବ୍ଲକ ସ୍କୁଲ ସ୍ପୋର୍ଟସ ଆସୋସିଏସନର ସାଧାରଣ ପରିଷଦ ବୈଠକ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବ୍ଲକ ସ୍କୁଲ ସ୍ପୋର୍ଟସ ଆସୋସିଏସନର ସାଧାରଣ ପରିଷଦ ବୈଠକ ଆୟବାସ୍ଥିତ ଗୋବରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୨୦୨୩ ମସିହା ହକି ଖେଳ ପାଇଁ ସ୍କୁଲ ସ୍ତରରେ ପ୍ରସ୍ତୁତି ନିମନ୍ତେ କ୍ରୀଡା ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ଜିଲ୍ଲା ସ୍ତରୀୟ ଆଦେଶ ପ୍ରଦାନ କରାଯିବା ସହିତ ଚଳିତ ଡିସେମ୍ବରମାସ ୨୦ତାରିଖ ସୁଦ୍ଧା ସମସ୍ତ ସ୍କୁଲର ବାର୍ଷିକ କ୍ରୀଡା ସମାପ୍ତ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅବସରପ୍ରାପ୍ତ ବରିଷ୍ଠ କ୍ରୀଡା ଶିକ୍ଷକ ଛବି ପ୍ରସାଦ ମହାକୁଡ, ଗଜେନ୍ଦ୍ର ମହାନ୍ତି, ରବୀନ୍ଦ୍ର ପ୍ରସାଦ ଜେନା, ସୁନାକର ପରିଡା, କାଳନ୍ଦି ଭଦ୍ର, ରମେଶ ଚନ୍ଦ୍ର ଭଦ୍ର, ପାରେଶ୍ୱର ସାହୁ, ମହେଶ୍ୱର ମଣ୍ଡଳ, ରତ୍ନାକର ରାଉତ, ନିର୍ମଳ ସୂତାରଙ୍କ ସମେତ ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ଶ୍ରୀବଳଦେବଜୀଉଙ୍କ ଫଟୋ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ନୂତନ କ୍ରୀଡା ଶିକ୍ଷକମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା।

## ବିଶ୍ୱ ଡି ଅଲ୍ଟିମେଟ୍ ଜିନ୍ଦଲ ଷ୍ଟିଲ ପ୍ରିମିୟର ଲିଗ୍ ବିଜୟୀ

ଭୁବନେଶ୍ୱରେ,(ପି.ଏନ): ଡିସେମ୍ବର ୧୦ ଏବଂ ୧୧ ତାରିଖ ଦିନ ସ୍ଥାନୀୟ ବଳକାଟି ଠାରେ ଅନୁଷ୍ଠିତ ଜିନ୍ଦଲ ଷ୍ଟିଲ ପ୍ରିମିୟର ଲିଗ୍ ଟୁର୍ଣ୍ଣାମେଣ୍ଟରେ ବିଶ୍ୱ ଡି ଅଲ୍ଟିମେଟ୍ ଦଳ ବିଜୟୀ ହୋଇଛି। ଦୁଇ ଦିନ ଧରି ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର, ଭୁବନେଶ୍ୱର କାର୍ଯ୍ୟାଳୟର କର୍ମଚାରୀ ମାନଙ୍କୁ ନେଇ ଗଠିତ କେସି ପାନ୍ଥର, ପ୍ରତାପ ଡେଷ୍ଟ୍ରୟର ଏବଂ ବିଶ୍ୱ ଡି ଅଲ୍ଟିମେଟ୍ ଦଳ ଭାଗ ନେଇଥିଲେ। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ପ୍ରତାପ ଡେଷ୍ଟ୍ରୟରକୁ ୮୦ ରନରେ ପରାଜିତ କରି ବିଶ୍ୱମ୍ବର ବେହେରାଙ୍କ ନେତୃତ୍ୱାଧୀନ ବିଶ୍ୱ ଡି ଅଲ୍ଟିମେଟ୍ ଦଳ ବିଜୟୀ ହୋଇଥିଲା।

## ପୂର୍ବତନ ପରିଷଦଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ପୌରାଧକ୍ଷ

ପାରାଦୀପ,(ପି.ଏନ): ପାରାଦୀପ ପୌରପାଳିକାର ପୂର୍ବତନ ପାରିଷଦ ତଥା ବିଜୁ ଜନତା ଦଳର ବରିଷ୍ଠ ନେତା ଅକ୍ଷୟ କୁମାର ପରିଡାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ପୌରାଧକ୍ଷ ବସନ୍ତ ବିଶ୍ୱାଳ। ବୁଧବାର ଦିନ ପୌରାଧକ୍ଷ ଶ୍ରୀ ବିଶ୍ୱାଳ ପୂର୍ବତନ ପାରିଷଦ ଶ୍ରୀ ପରିଡାଙ୍କ ଷଣ୍ଢକୁଦସ୍ଥିତ ବାସଭବନରେ ପହଂଚି ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ବସନ୍ତଙ୍କ ସହିତ ଅନ୍ୟ ପାରିଷଦ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ଶ୍ରୀ ପରିଡାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶ୍ରୀ ପରିଡା ଷଣ୍ଢକୁଦରୁ ଦୁଇ ଦୁଇ ଥର ପାରିଷଦ ଭାବେ ନିର୍ବାଚିତ ହୋଇଥିଲେ। ପ୍ରଥମେ ସେ କଂଗ୍ରେସ ଦଳର ଦୁଇ ଥର ପୌରାଧକ୍ଷ ହୋଇଥିବା ଭେଟେରାନ ତଥା ପ୍ରଭାବଶାଳୀ ନେତା ସ୍ୱର୍ଗତ ରମେଶ ଚନ୍ଦ୍ର ସାମନ୍ତରାୟଙ୍କୁ ହରାଇଥିଲେ। ଏହା ପରେ ସେ ଷଣ୍ଢକୁଦ ଅଂଚଳ ସମେତ ଦଳରେ ବେଶ୍ ଗୁରୁତ୍ୱ ବହନ କରିଥିଲେ




। ଦଳର ପୂର୍ବତନ ଉପସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ବିଡମ୍ବନାର ବିଷୟ ଏହିକି ଯେ, ବୁଧବାର ଦିନ ତାଙ୍କ ଜନ୍ମଦିନରେ ଦଳର କୌଣସି ନେତା ତାଙ୍କୁ ଶୁଭେଚ୍ଛା ଜଣାଇବାକୁ ଯାଇନଥିବା ବେଳେ ଏକମାତ୍ର ପୌରାଧକ୍ଷ ନିଜର ଦାୟିତ୍ୱ ଭାବେ ନିଜେ ଶ୍ରୀ ପରିଡାଙ୍କ ଘରେ ପହଂଚି ତାଙ୍କୁ ଶୁଭେଚ୍ଛା ଜଣାଇବା ସମଗ୍ର ପାରାଦୀପ ଅଂଚଳରେ ଏକ ନିଆରା ବାର୍ତା ଦେଇଛି। ସମ୍ପ୍ରତି ଦଳରେ ପୁରଣା ନେତାମାନଙ୍କୁ ଅଣଦେଖା କରାଯାଉଥିବା ବେଳେ ବସନ୍ତଙ୍କ ଏହି ପଦକ୍ଷେପକୁ ଅଂଚଳବାସୀ ଭୂୟସୀ ପ୍ରଶଂସା କରିଛନ୍ତି।


ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884, 2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray